ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୭ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 27 December 2025
Vol.No. 36 ■ No.340 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ଯା ଦେବୀ ସର୍ବଭୂତେଷୁ...


ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ୫ ମାସରେ ୨୯ ଶହ ଥର ହିନ୍ଦୁଙ୍କ ଉପରେ ଆକ୍ରମଣ: ୟୁନୁସ୍ ସରକାରଙ୍କ ଉପରେ ବର୍ଷିଲା ଭାରତ



ନୂଆଦିଲ୍ଲୀ,୨୬/୧୨ : ଯେଉଁ ଦେଶରେ ହିନ୍ଦୁ-ମୁସଲିମ୍-ଖ୍ରୀଷ୍ଟିଆନ୍- ବୌଦ୍ଧଧର୍ମର ଲୋକମାନେ ଶାନ୍ତିରେ ବଞ୍ଚୁଥିଲେ, ସେଠି ଅଶାନ୍ତିର ମଞ୍ଜି ବୁଣିଛନ୍ତି କଠୋରପନ୍ଥୀ । ଏହାର ଆରମ୍ଭ ହୋଇଥିଲା କୋଭିଡ୍ ସମୟରୁ । ଅନଲାଇନ୍ ମାଧ୍ୟରେ ସଂଖ୍ୟାଲଘୁଙ୍କ ସମ୍ପର୍କରେ ମିଛ କହି କିଛି ଲୋକଙ୍କୁ ଉସକାଯାଇଥିଲା । ଦଙ୍ଗା ସୃଷ୍ଟି ପାଇଁ ଚେଷ୍ଟା କରାଯାଇଥିଲା। । ସତକୁ ସତ ଦଙ୍ଗା ହେଲା, ଲୋକଙ୍କ ଘର ପୋଡ଼ି ଦିଆଗଲା । ପ୍ରାୟ ୨ବର୍ଷ ହେଲା ବାଂଲାଦେଶରେ ଇସଲାମ୍‌କୁ ଅପମାନ ନାଆଁରେ ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରାଯାଇଥିଲା। ସେବେଠୁ ଏବେ କିଛି ବଦଳିନି । ଇସ୍କନ ସାଧୁ ଆଜି ବି ଜେଲରେ ଅଛନ୍ତି। ଦୀପୁ ଭିଡ଼ହତ୍ୟାରେ ଶିକାର ହେଲେ, ଆଉ ଅମୃତ ମଧ୍ୟ ଜୀବନ ହାରିଲେ । ବାଂଲାଦେଶରେ ଏହି ଦୁଇଟି ଘଟଣାକୁ ନେଇ ଭାରତ ପ୍ରତିକ୍ରିୟା ରଖିଛି । ହିନ୍ଦୁଙ୍କ ଉପରେ ବଢୁଥିବା ଅତ୍ୟାଚାରକୁ ଭାରତ ଆଉ ସହ୍ୟ କରିବ ନାହିଁ । ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାରଙ୍କୁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କଡ଼ା ଭାଷାରେ ଭର୍ତ୍ସନା କରିଛି । ମୁଖପାତ୍ର ରଣଧୀର ଜୈସୱାଲ ସ୍ପଷ୍ଟ କରିଛନ୍ତି, ସଂଖ୍ୟାଲଘୁଙ୍କ ସୁରକ୍ଷା ପ୍ରସଙ୍ଗରେ ଭାରତ ଚୁପ୍ ରହିବ ନାହିଁ । ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ଭାରତ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡ ଦେବାକୁ ଢାକା ପ୍ରଶାସନ ଉପରେ ନୂଆଦିଲ୍ଲୀ ଚାପ ପକାଇଛି । ଅନ୍ୟପଟେ ଆସନ୍ତା ଫେବ୍ରୁଆରି ମାସରେ ହେବାକୁ ଥିବା ନିର୍ବାଚନରେ ରଣାଙ୍ଗନକୁ ଓହ୍ଲାଛନ୍ତି ହିନ୍ଦୁନେତା ତଥା ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ପରମାଣିକ । ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଗଡ଼ କୁହାଯାଉଥିବା ଗୋପାଳଗଞ୍ଜ-୩ ଆସନରୁ ନିର୍ବାଚନ ଲଢ଼ିବା ପାଇଁ ସେ ଘୋଷଣା କରିଛନ୍ତି। ପରମାଣିକ ଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କୁ ସୁରକ୍ଷା ଦେବା ଏବଂ ହିଂସା ବିରୋଧରେ ସ୍ୱର ଉତ୍ତୋଳନ କରିବା ମୁଖ୍ୟ ଲକ୍ଷ୍ୟ ବୋଲି କହିଛନ୍ତି । ବାଂଲାଦେଶର କିଛି ଯୁବନେତା ଭାରତ ନାଆଁରେ ବଡ଼ବଡ଼ ଗପ ମାରୁଛନ୍ତି। ଆଉ ସେ ଗପ ଭିତରେ କୁହାଯାଉଛି ଯେ ଭାରତକୁ ପାନେ ଶିଖାଅ, ହେଲେ ନେତାମାନେ ଜାଣିପାରୁନାହାନ୍ତି। ବାଂଲାଦେଶର ଅର୍ଥନୀତି ଭାରତ ଉପରେ ନିର୍ଭର କରୁଛି। ନଜର ପକାନ୍ତୁ କେମିତି ଭାରତ ବିନା ଚଳିପାରିବନି ବାଂଲାଦେଶ !

## ଦିଲ୍ଲୀ ବିସ୍ଫୋରଣରେ ୪୦ କିଲୋଗ୍ରାମ ବିସ୍ଫୋରକ ବ୍ୟବହାର ହୋଇଥିଲା : ଶାହ



ନୂଆଦିଲ୍ଲୀ,୨୬/୧୨ : ଦିଲ୍ଲୀର ଲାଲକିଲ୍ଲା ସମ୍ମୁଖରେ ହୋଇଥିବା କାର ବୋମା ବିସ୍ଫୋରଣ ସମ୍ପର୍କରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏକ ବଡ଼ ଖୁଲାସା କରିଛନ୍ତି। ସେ କହିଛନ୍ତି ଯେ ବିସ୍ଫୋରଣରେ ୪୦ କିଲୋଗ୍ରାମ ବିସ୍ଫୋରକ ବ୍ୟବହାର କରାଯାଇଥିଲା । ତେବେ ତାପୂର୍ବରୁ ତିନି ଟନ୍ ବିସ୍ଫୋରକ ଜବତ କରାଯାଇଥିଲା। ଗୃହମନ୍ତ୍ରୀ କହିଛନ୍ତି ଯେ ବିସ୍ଫୋରଣ ପୂର୍ବରୁ ଷଡ଼ଯନ୍ତ୍ରରେ ସାମିଲ ଥିବା ସମ୍ପୂର୍ଣ୍ଣ ଦଳକୁ ଗିରଫ କରାଯାଇଥିଲା। ଆମର ସମସ୍ତ ଏଜେନ୍ସି ଦ୍ୱାରା ସମ୍ପୂର୍ଣ୍ଣ ନେଟୱାର୍କର ତଦନ୍ତ ବହୁତ ପ୍ରଭାବଶାଳୀ ଭାବରେ କରାଯାଇଥିଲା। ନୂଆଦିଲ୍ଲୀରେ ଶୁକ୍ରବାର ଆତଙ୍କବାଦ ବିରୋଧୀ ସମ୍ମିଳନୀ ୨୦୨୫କୁ ଉଦଘାଟନ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, 'ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ବୈସାରନ ଉପତ୍ୟକାରେ ଆତଙ୍କବାଦୀ ଆକ୍ରମଣ ସମଗ୍ର ଦେଶକୁ ଥରାଇ ଦେଇଥିଲା। ସେହି ଆକ୍ରମଣ ମାଧ୍ୟମରେ ଆତଙ୍କବାଦୀଙ୍କ ଲକ୍ଷ୍ୟ ଥିଲା ଦେଶରେ ସାମ୍ପ୍ରଦାୟିକ ସଦଭାବନାକୁ ବିପର୍ଯ୍ୟସ୍ତ କରିବା ଏବଂ କାଶ୍ମୀରରେ ଆରମ୍ଭ ହୋଇଥିବା ବିକାଶ ଏବଂ ପର୍ଯ୍ୟଟନର ନୂତନ ଯୁଗକୁ ଆକ୍ରମଣ କରିବା।' ଦିଲ୍ଲୀ ବୋମା ବିସ୍ଫୋରଣର ତଦନ୍ତ କରୁଥିବା ଘଓଇ ଏହି ମାମଲାରେ ନଅ ଜଣଙ୍କୁ ଗିରଫ କରିଛି, ଯେଉଁଥିରେ ତିନି ଜଣ ଡାକ୍ତର ଅଛନ୍ତି: ମୁଜାମ୍ମିଲ, ଆଦିଲ ରାଥର ଏବଂ ଶାହିନ ସଇଦ, ଏବଂ ଜଣେ ମୌଲବୀ ଇରଫାନ। ଏହି ମାମଲା ଜମ୍ମୁ ଏବଂ କାଶ୍ମୀର ପୁଲିସ ଦ୍ୱାରା ଧରାପଡ଼ିଥିବା ହ୍ୱାଇଟ୍ କଲର ଆତଙ୍କବାଦୀ ମଡ୍ୟୁଲ ସହିତ ଜଡ଼ିତ। ଘଓଇ ଅନୁଯାୟୀ, ମୁଜାମ୍ମିଲର ବନ୍ଧୁ ଉମର ନଭେମ୍ବର ୧୦ ତାରିଖରେ ବିସ୍ଫୋରକ ଭର୍ତ୍ତି ଏକ କାର ଚଳାଉଥିଲେ ଏବଂ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲେ, ଯେଉଁଥିରେ ୧୫ ଜଣଙ୍କର ମୃତ୍ୟୁ ହୋଇଥିଲା। ଉମର ଚଳାଉଥିବା ହୁଣ୍ଡାଇ ସ-୨୦ କାରରେ ବିସ୍ଫୋରଣ ଘଟିଥିଲା।

## ଶହେ ବର୍ଷ ଯାଏଁ ରହିବ ବିଜେଡି: ନବୀନ ପଟ୍ଟନାୟକ



ଭୁବନେଶ୍ୱର, ୨୬/୧୨ (ନି.ପ୍ର): ଆଜି ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ । ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ନବୀନ ପଟ୍ଟନାୟକ । ଶୁଭେଚ୍ଛା ଜଣାଇବା ସହ ବିଜେପି ଉପରେ ବର୍ଷିଛନ୍ତି । ନବୀନ କହିଛନ୍ତି, ଆମେ ବିଜୁ ବାବୁ ଆଦର୍ଶରେ ରାଜ୍ୟବାସୀଙ୍କ ସେବା କରିଆସୁଛୁ । ସେବା, ସ୍ୱାଭିମାନ ଓ ସଂଗ୍ରାମ ଆମ ମନ୍ତ୍ର । ବିକାଶ ଆମର ପରିଚୟ । ୨୦୦୦ରୁ ୨୦୨୪ ଥିଲା ଓଡ଼ିଶା ବିକାଶ ଇତିହାସର ଗୋଲଡ୍ଡେନ୍ ପିରିୟଡ୍ । ଓଡ଼ିଶାକୁ ନୂଆ ପରିଚୟ ଆମେ ଦେଇଛୁ । ମାଆମାନଙ୍କୁ ଆମେ ସ୍ୱାବଲମ୍ବୀ କରିଛୁ । ଚାଷୀଙ୍କ ରୋଜଗାର ବୃଦ୍ଧି କରିଛୁ । ବିଏସକେ ଭଳି ସ୍ୱାସ୍ଥ୍ୟ ସେବା ଦେଇଛୁ । ରାଜ୍ୟର ଅର୍ଥନୀତିକୁ ମଧ୍ୟ ମଜଭୁତ କରିଛୁ। ରାଜ୍ୟକୁ ନିବେଶ ଆଣିଛୁ । ଯୁବପିଢ଼ୀଙ୍କୁ ରୋଜଗାର ଦେଇଛୁ । ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ଚାଲିଛି । ହେଲେ ବିକାଶ କାହିଁ ବୋଲି କହି ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ନବୀନ୍ ପଟ୍ଟନାୟକ । ଚାଷୀ ଲାଭ ପାଉନି, ମଣ୍ଡି ଠିକ୍ ସମୟରେ ଖୋଲୁନି । ମାଆ ମାନେ ହଇରାଣ ହେଉଛନ୍ତି । ଯୁବପିଢ଼ି ଏଠି ହତାସ । ୧୮ ମାସର ଡବଲ ଇଞ୍ଜିନ୍ ସରକାରରେ କିନ୍ତୁ ବିକାଶ ନାହିଁ । ଆଇନ ଶୃଙ୍ଖଳା କଥା ନକହିବା ଭଲ । ମହିଳା ମାନଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି । ନାବାଳିକା ବି ରାଜ୍ୟରେ ସୁରକ୍ଷିତ ନୁହଁନ୍ତି । କିଛି ଲୋକ ଆମ ବିଷୟରେ ଅପପ୍ରଚାର କରୁଛନ୍ତି । ବିଜୁ ଜନତା ଦଳ ଭାଙ୍ଗିଯିବ ବୋଲି ଅପପ୍ରଚାର କରୁଛନ୍ତି । ମୁଁ ନିଶ୍ଚିତ କରୁଛି ଯେ ବିଜୁ ଜନତା ଦଳ ରହିଛି ଏବଂ ଆଗାମୀ ୧୦୦ ବର୍ଷ ଯାଏଁ ଲୋକଙ୍କ ସହ ରହିବ ।

## ଭିଜିଲାନ୍ସ ଜାଲରେ ଜଙ୍ଗଲି ବାବୁ: ଘରେ ପୁଳାପୁଳା ସୁନା ଓ ଟଙ୍କା ଜବତ





ଭୁବନେଶ୍ୱର, ୨୬/୧୨ (ନି.ପ୍ର): ଫରେଷ୍ଟରଙ୍କ ଘରେ କେଜିଏ ସୁନା। ଜଙ୍ଗଲ ବାବୁଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ବେଳେ ଆଖି ଖୋସି ହୋଇଗଲା ପରି ସୁନା ଅଳଙ୍କାର ଜବତ ହୋଇଛି। ଏହାର ପରିମାଣ ପ୍ରାୟ ୧କିଲୋଗ୍ରାମ ହେବ । ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୋରାପୁଟ ସେମିଳିଗୁଡ଼ା ଫରେଷ୍ଟର ନିରଞ୍ଜନ ଶତପଥିଙ୍କ ୫ଟି ଠିକଣାରେ ଚଢ଼ାଉ କରୁଛି ଭିଜିଲାନ୍ସ ଟିମ୍ । ଭୁବନେଶ୍ୱର ଝାରପଡ଼ା ସ୍ଥିତ ଘରେ ଚଢ଼ାଉ ବେଳେ ପୁଳା ପୁଳା ଟଙ୍କା ସହ ବିଦେଶୀ ଟଙ୍କା ଓ ସୁନା ଅଳଙ୍କାର ଜବତ ହୋଇଛି । ୧କିଲୋଗ୍ରାମ ସୁନା ସହ ୮ଲକ୍ଷ ୭୦ହଜାର ନଗଦ ଟଙ୍କା ଜବତ କରାଯାଇଛି । ଜବତ ହୋଇଥିବା ଏହି ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ ବି ଚକିତ ହୋଇଯାଇଛନ୍ତି। ହୀରା ମୁଦି ସହ ୩୦ରୁ ୪୦ହଳ କାନଫୁଲ, ପ୍ରାୟ ୧୦ଟି ସୁନା ଚେନ୍, ୧୦ରୁ ଅଧିକ ବଡ଼ ସୁନା ହାର ସହ କାନଫୁଲ, ସୁନା ମୁଦି, ସୁନା କଙ୍କଣ ସହ ପ୍ରାୟ ୮ହଳ ସୁନା ଚୁଡ଼ି, ୧୦ହଳରୁ ଅଧିକ ରୁପା ପାଉଞ୍ଜି, ରୁପା କଏନ୍ ଜବତ ହୋଇଛି।

◆◆ପୃଷ୍ଠା ୭

### ସ୍କୁଲ୍ ପିଲାଙ୍କ ପାଇଁ ରାଜ୍ୟରେ ମାଗଣା ବସ୍ ସେବା ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ

ଭୁବନେଶ୍ୱର, ୨୬/୧୨ (ନି.ପ୍ର): ରାଜ୍ୟର ସ୍କୁଲ୍ ଛାତ୍ରଛାତ୍ରୀମାନଙ୍କ ପାଇଁ ମାଗଣା ବସ୍ ସେବା ଆରମ୍ଭ କରିବା କୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସ୍କୁଲ୍ ଓ ଗଣଶିକ୍ଷା ବିଭାଗର ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ ଦେଇଥିବାବେଳେ, ଏହି ମାଗଣା ବସ୍ ସେବା 'ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା' ଅଧୀନରେ କାର୍ଯ୍ୟକାରୀ ହେବ ।ପରିବହନ ବିଭାଗ ପକ୍ଷରୁ ଏ ନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପଦକ୍ଷେପର ମୂଳ ଉଦ୍ଦେଶ୍ୟ ହେଉଛି ସ୍କୁଲ୍ ଡ୍ରପ୍‌ଆଉଟ୍ ହାର କମାଇବା ଓ ଛାତ୍ରଛାତ୍ରୀମାନଙ୍କୁ ନିୟମିତ ଶିକ୍ଷାଗ୍ରହଣ ପାଇଁ ଉତ୍ସାହିତ କରିବା।

◆◆ପୃଷ୍ଠା ୭

## ମହଙ୍ଗା ହେଲା ରେଳ ଭଡ଼ା : ୨୧୫ କିଲୋମିଟରରୁ ଅଧିକ ଯାତ୍ରା କ୍ଷେତ୍ରରେ ୧ ପଇସା ବୃଦ୍ଧି

ନୂଆଦିଲ୍ଲୀ,୨୬/୧୨ : ଆଜିଠାରୁ ମହଙ୍ଗା ରେଳ ଯାତ୍ରା । ଅର୍ଥାତ୍ ରେଳରେ ଯାତ୍ରା କରିବା ପାଇଁ ଏଣିକି ଯାତ୍ରୀଙ୍କୁ ଦେବାକୁ ପଡ଼ିବ ଅଧିକ ଅର୍ଥ । ଭାରତୀୟ ରେଳବାଇ ଗତ ୬ମାସ ମଧ୍ୟରେ ଦ୍ୱିତୀୟ ଥର ପାଇଁ ସାରା ଦେଶରେ ଭଡ଼ା ବୃଦ୍ଧି କରିଛି । ଏହାଦ୍ୱାରା ମେଲ ଓ ଏକ୍ସପ୍ରେସ ଟ୍ରେନର ଉଭୟ ଏସି ଓ ନନ ଏସି କୋଚରେ ଯାତ୍ରା କରୁଥିବା ଦୂରଗାମୀ ଯାତ୍ରୀ ପ୍ରଭାବିତ ହେବେ । ଦିଲ୍ଲୀ-ହାଓଡ଼ା ଏବଂ ଦିଲ୍ଲୀ-ମୁମ୍ବାଇ ଭଳି ବ୍ୟସ୍ତବହୁଳ ରୁଟରେ ମଧ୍ୟ ସଂଶୋଧିତ ଭଡ଼ା ଲାଗୁ ହେବ । ତେବେ ରେଳ ଭଡ଼ା ବୃଦ୍ଧି ଯୋଗୁଁ ଲକ୍ଷାଧିକ ଯାତ୍ରୀ ପ୍ରଭାବିତ ହେବେ । ଏହାପୂର୍ବରୁ ଜୁଲାଇ ମାସରେ ରେଳ ଭଡ଼ା ବୃଦ୍ଧି କରାଯାଇଥିଲା । ବର୍ତ୍ତମାନ ବର୍ଦ୍ଧିତ ଭଡ଼ାରୁ ରେଳବାଇକୁ ପ୍ରାୟ ୬୦୦ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ମିଳିବ ବୋଲି ଆଶା କରାଯାଉଛି । ସବ୍-ଅର୍ବାନ୍ ସେବା ଓ ମାସିକ ଟିକଟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଏହି ନିଷ୍ପତ୍ତି ରେଳ ସେବାକୁ ଆର୍ଥିକ ଭାବେ ମଜଭୁତ୍ କରିବ ବୋଲି କୁହାଯାଉଛି ନୂଆ ବ୍ୟବସ୍ଥାରେ ସାଧାରଣ ବର୍ଗରେ ୨୧୫ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିବା ପାଇଁ କୌଣସି ଅତିରିକ୍ତ ଶୁଳ୍କ ଦେବାକୁ ପଡ଼ିବ ନାହିଁ। ତେବେ ୨୧୬ କିଲୋମିଟରରୁ ଅଧିକ ଯାତ୍ରା ପାଇଁ ଏହି ଭଡ଼ା ବଢ଼ିଛି। ସାଧାରଣ ବର୍ଗରେ କିଲୋମିଟର ପିଛା ୧ ପଇସା ଏବଂ ମେଲ୍/ଏକ୍ସପ୍ରେସ୍ ଟ୍ରେନ୍‌ର ସମସ୍ତ ଏସି ଓ ନନ-ଏସି ଶ୍ରେଣୀରେ କିଲୋମିଟର ପିଛା ୨ ପଇସା ବୃଦ୍ଧି କରାଯାଇଛି।

## ଇସଲାମିକ୍ ଷ୍ଟେଟ୍ ବିରୋଧରେ ଆମେରିକାର ରଣହୁଙ୍କାର: ନାଇଜେରିଆର ଆତଙ୍କୀ ଠିକଣାରେ ରକେଟ୍ ଓ ବୋମାବର୍ଷା



ନୂଆଦିଲ୍ଲୀ,୨୬/୧୨ : ଘନଘନ ଆକ୍ରମଣ, ଇସଲାମିକ ଷ୍ଟେଟ ଆତଙ୍କୀଙ୍କୁ ତ୍ରାହି ନାହିଁ । ବଡ଼ଦିନରେ ପୂରା ଦୁନିଆ ଯୀଶୁଙ୍କ ଉପାସନା କରୁଥିବାବେଳେ ନାଇଜେରିଆ ଉପରେ ରକେଟ୍ ଓ ବୋମା ମାଡ଼ କରୁଥିଲା ଆମେରିକା । ପେଣ୍ଟାଗନର ଭୟଙ୍କର ଆକ୍ରମଣରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଉତ୍ତର-ପଶ୍ଚିମ ନାଇଜେରିଆ। ଏଠି ଆଡ୍ଡା ଜମାଇଥିଲେ ଆଇଏସ ଆତଙ୍କୀ । ସୂଚନା ଅନୁସାରେ, ନାଇଜେରିଆରେ ରହୁଥିବା ଖ୍ରୀଷ୍ଟିଆନ ଲୋକଙ୍କୁ ବାଛି ବାଛି ମାରୁଥିଲା ଇସଲାମିକ ଷ୍ଟେଟ୍ । ଜାନୁଆରି ୨୦୨୫ରୁ ଅଗଷ୍ଟ ୭ ମାସ ମଧ୍ୟରେ ୭ ହଜାରରୁ ଅଧିକ ଲୋକଙ୍କୁ ବୀଭତ୍ସ ହତ୍ୟା କରିଥିଲା । ଯାହାର ପ୍ରତିଶୋଧ ନେଇଛନ୍ତି ଟ୍ରମ୍ପ । ଆକ୍ରମଣ ପରେ ଜାରି ବିବୃତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ ଟ୍ରମ୍ପ କହିଛନ୍ତି, ନିରୀହ ଲୋକଙ୍କୁ ହତ୍ୟା ଆଦୌ ବରଦାସ୍ତ କରାଯିବନି । ଖ୍ରୀଷ୍ଟିଆନ ଲୋକଙ୍କ ଉପରେ ଅତ୍ୟାଚାର ସହ୍ୟ କରାଯିବ ନି। ନଭେମ୍ବର ୨ରେ ଟ୍ରମ୍ପ ଇସଲାମିକ୍ ଷ୍ଟେଟ୍‌କୁ ଶେଷ ଚେତାବନୀ ଦେଇଥିଲେ । କଥା ନମାନିବାରୁ ଆଇଏସ୍ ଉପରେ ଆକ୍ରମଣ କରାଯାଇଛି । ୭ ମାସରେ ୭ହଜାର ଲୋକଙ୍କ ହତ୍ୟାର ପ୍ରତିଶୋଧ ସୁଧମୂଳ ସହ ହିସାବ କରିଛନ୍ତି ଟ୍ରମ୍ପ । ସେପଟେ ନାଇଜେରିଆ ସରକାର ଆତଙ୍କୀଙ୍କୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ଆଣି ସମସ୍ତ ପ୍ରକାର ସହଯୋଗ ବନ୍ଦ କରିଛି ଆମେରିକା ।ଏହା ପୂର୍ବରୁ ସିରିଆରେ ଆଡ୍ଡା ଜମାଇଥିବା ଆତଙ୍କୀ ସଂଗଠନକୁ ସାବାଡ଼ କରିବାକୁ ଯାଇ ଟ୍ରମ୍ପ ସରକାର କରିଥିଲେ ବଡ ସୈନ୍ୟ ଅଭିଯାନ । ଯାହା ନାଁ ଥିଲା ସି-ହକ୍ ।

## ଆହୁରି କଲବଲ କରିବ ଦିଲ୍ଲୀ ପ୍ରଦୂଷଣ: ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିର୍ସାଙ୍କ ଆଶଙ୍କା





ନୂଆଦିଲ୍ଲୀ,୨୬/୧୨ : ନୂଆଦିଲ୍ଲୀରେ ବାୟୁ ପ୍ରଦୂଷଣକୁ ନେଇ ବଡ଼ ଖବର । ଦିଲ୍ଲୀର ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିର୍ସା ଚେତାବନୀ ଦେଇଛନ୍ତି ଯେ, ଆସନ୍ତାକାଲିଠାରୁ ପଶ୍ଚିମା ବାୟୁ ପ୍ରଭାବରେ ଦିଲ୍ଲୀର ପାଗ ପୁନର୍ବାର ଖରାପ ହୋଇପାରେ । ଘନ କୁହୁଡ଼ିର ଆଶଙ୍କା ଅଧିକ। ପୂର୍ବ ବର୍ଷର ତଥ୍ୟ ଅନୁଯାୟୀ, ବାୟୁ ଗୁଣବତ୍ତା ଆହୁରି ଖରାପ ହେବାର ଆଶଙ୍କା ରହିଛି । ଏନେଇ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି ଚିନ୍ତା ପ୍ରକଟ କରିଛନ୍ତି ଦିଲ୍ଲୀର ପରିବେଶ ମନ୍ତ୍ରୀ । ଆଜି ମଧ୍ୟ ଦିଲ୍ଲୀର ବାୟୁର ମାନ ଅତି ଖରାପ ସ୍ଥିତିରେ ରହିଛି। ଆଜି ସକାଳେ ଦିଲ୍ଲୀର ଏକ୍ୟୁଆଇ ୩୦୫ ଥିଲା, ଯାହା ଅତିଖରାପ ଶ୍ରେଣୀରେ। ଆଇଟିଓ, ଆନନ୍ଦ ବିହାର, ବବାନା ଆଦି ଅଞ୍ଚଳରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି । ଜିଆରଏପି-୪ ଉଠାଇ ଦିଆଯାଇଥିଲେ ମଧ୍ୟ ପରିବେଶ ମନ୍ତ୍ରୀ ଦିଲ୍ଲୀବାସୀଙ୍କୁ ସତର୍କ ରହିବାକୁ ଏବଂ ପ୍ରଦୂଷଣ କମ୍ କରିବା ପାଇଁ ସାମୂହିକ ପ୍ରୟାସ ଜାରି ରଖିବାକୁ ଅପିଲ୍ କରିଛନ୍ତି। ସେ ସୂଚନା ଦେଇଛନ୍ତି ଯେ, ଦିଲ୍ଲୀ ସରକାର ଜଳାଶୟ ପୁନରୁଦ୍ଧାର ପାଇଁ ୧୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ତେବେ ଦିଲ୍ଲୀର ଏହି ଅବସ୍ଥା ପାଇଁ ଅନେକ କାରଣ ଦାୟୀ । ପ୍ରଥମତଃ, ପଡ଼ୋଶୀ ରାଜ୍ୟ ପଞ୍ଜାବ ଏବଂ ହରିୟାଣାରେ ଚାଷୀମାନଙ୍କ ଦ୍ୱାରା ନଡ଼ା ପୋଡ଼ି ଜାରି ରହିଛି, ଯାହାର ଧୂଆଁ ପବନ ସହ ମିଶି ଦିଲ୍ଲୀକୁ ପ୍ରଦୂଷିତ କରୁଛି । ଦ୍ୱିତୀୟରେ, ଶୀତଦିନେ ବାୟୁର ଗତି ଧୀର ହୋଇଯାଉଥିବାରୁ ପ୍ରଦୂଷଣକାରୀ କଣିକାଗୁଡ଼ିକ ଉପରକୁ ଯାଇପାରନ୍ତି ନାହିଁ ।

# ଅଟଳ ଯୁବ ସଙ୍ଗମ ସିଜିନ୍ ୫ ଉଦ୍‌ଘାଟିତ

ବାଲେଶ୍ୱର,୨୬/୧୨ (ନି.ପ୍ର): ଆଜି ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଜିଙ୍କ ସ୍ମୃତିରେ ଅଟଳ ଯୁବ ସଙ୍ଗମ ତାର ପଞ୍ଚମ ବର୍ଷ ପୂର୍ତ୍ତି ପାଳନ କରୁଅଛି ! ସକାଳ. ୧୧ ଘଟିକା ସମୟରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ସାନମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବି ସଂଗ୍ରାମ ଦାସ ଏବଂ ଅନ୍ୟତମ ଅତିଥି ଭାବେ ଜ୍ଞାନ ରଞ୍ଜନ ଦାସଙ୍କ ହାତରୁ ଫିତା କାଟି କାର୍ଯ୍ୟକ୍ରମ କୁ ଶୁଭ ଉଦଘାଟନ କରିଥିଲେ। ଆୟୁର୍ବେଦ କୁ ପ୍ରାଧାନ୍ୟ ଦେଇ ବାଲେଶ୍ୱର ରେ ପ୍ରଥମ ଥର ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଗରିବ ତଥା ସାଧାରଣ ଲୋକଙ୍କ ପାଇଁ କରିଥିଲେ। ଏହି ହାଡ ଭଙ୍ଗା ଶୀତକୁ ଆଖି ଆଗରେ ରଖି ୨୦୦ ରୁ ଅଧିକ ଗରିବ ଏବଂ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ ସଂଗଠନ ତରଫରୁ କରାଯାଇଥିଲା। ପରେ ପରେ "ସ୍ମୃତି ରେ ବାଜପେୟୀ " ନାମରେ ଏକ ଫୁଲ ଗଛ ଲଗାଇଯାଇଥିଲା। ସେହି ସମୟ



ମଧରେ ଆସିଥିବା ଦେବତୁଲ୍ୟ ଅତିଥିଙ୍କୁ ମିଡ଼ିଆ ସଞ୍ଜକ ସର୍ବେଶ୍ୱର ବୁଗୁଡ଼ାଇ ମଞ୍ଚକୁ ନିମନ୍ତ୍ରଣ କରିଥିଲେ ସମସ୍ତ ସଦସ୍ୟ ମାନେ ଆସିଥିବା ଅତିଥିଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେୟୀ ସମ୍ବର୍ଦ୍ଧିତ କରିଥିଲେ। ସମସ୍ତ ଅତିଥି ବୃନ୍ଦ ସଂଗଠନ ର ଏଭଳି ନିଆରା ଏବଂ ଜନସେବା କାର୍ଯ୍ୟକ୍ରମ କୁ ଭୁୟସୀ ପ୍ରଶଂସା କରିବା ସହ ସଂଗଠନ ର ଉତ୍ତରତ କାମନା କରି ସଂଗଠନ ର ସମସ୍ତ ସଦସ୍ୟଙ୍କୁ ହୃଦୟରୁ ଧନ୍ୟବାଦ ଦେଇଥିଲେ ଶେଷରେ ବିଭିନ୍ନ ସହରରୁ ଆସିଥିବା ବାଳକ ବାଳିକା ମାନଙ୍କ ପ୍ରତିଯୋଗିତା କୁ ବହୁତ ସମୟ ଦେଖି ଖୁବ ଆନନ୍ଦିତ ହେବା ସହ ପ୍ରତିଯୋଗିତା ମାନଙ୍କୁ ଆଶୀର୍ବାଦ ଦେଇଥିଲେ। ମଞ୍ଚ ପରିଚାଳନା କରୁଥିବା ସଂଗଠନର ସଭାପତି ତଥା ପ୍ରତିଷ୍ଠାତା ବିକାଶ କୁମାର ପାଢ଼ୀ ଆଗାମୀ ଦିନରେ ୟା ଠାରୁ ଅଧିକ ଲୋକଙ୍କ ପାଇଁ ସେବା ସହିତ ସଂଗଠନ ମାଧ୍ୟମରେ ସାମାଜିକ କାମ କରିବେ ବୋଲି କହିଥିଲେ। ସଂଗଠନ ପ୍ରତି ନିଷ୍ଠା ଏବଂ ଭଲପାଇବା ଦେଖି ସମସ୍ତଙ୍କୁ ହୃଦୟରୁ ଧନ୍ୟବାଦ ଦେଇଥିଲେ। ସଂଗଠନ ର ମୁଖ୍ୟ ପୃଷ୍ଟ ପୋଷକ ପର୍ଶୁରାମ ବେହେରା ସଭାପତି ତଥା ପ୍ରତିଷ୍ଠାତା ବିକାଶ ପାଢ଼ୀ ମୁଖ୍ୟ ପରାମର୍ଶ ଦାତା ସୁଜିତ ଦେ , ଉପାଧକ୍ଷ ବେଣୁଧର ଦାସ, ପ୍ରଦ୍ୟୁମ୍ନ ପାଣିଗ୍ରାହୀ, ଡା ସିଦ୍ଧାର୍ଥ ପତି ଜୋନାଲ ସଭାପତି ଧୀରଜ ମହାନ୍ତି, ସମ୍ପାଦକ ପ୍ରହଲ୍ଲାଦ ଦାସ, ଯୁବ ଉପସଭାପତି କାହ୍ନୁ ଚରଣ ମହାଳିକ, ପ୍ରମୋଦ ଦାସ, ଶକ୍ତି କୁମାର ଦାସ, ମହିଳା ସଭାପତି ମଧୁଶ୍ରୀ ପଣ୍ଡା ମହିଳା କାର୍ଯ୍ୟକାରିଣୀ ସଭାପତି ସଂଘମିତ୍ରା ମହାନ୍ତି ସଂଜୀବ ପ୍ରଧାନ, ମହେଶ ସିଂ, ରାଜେନ୍ଦ୍ର ଚାଟର୍ଜି, ଡମ୍ବରୁଧର ମହାପାତ୍ର, ଜ୍ୟୋତିର୍ମୟୀ ସାମଲ, ସମରେଶ କୁମାର ସାମଲ, ଅପରାଜିତା ସେନ,ସସ୍ମିତା ଶୁକ୍ଲା,ନସିମା ବିବି,ସୁକାନ୍ତି ଦେବ ଗୋସ୍ୱାମୀ,ପ୍ରମୋଦ ସାହୁ, ଅରିବିନ୍ଦ ପାତ୍ର, ଶ୍ରୀୟା ଦାସ, ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ମୟୁରଭଞ୍ଜ ଡାକ ମଣ୍ଡଳର ୫୪ତମ ପ୍ରତିଷ୍ଠା ଦିବସ ପାଳିତ

ବାରିପଦା ,୨୬/୧୨ (ନି.ପ୍ର): ମୟୁରଭଞ୍ଜ ଡାକ ମଣ୍ଡଳର ୫୪ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ସହିଦ ସ୍ମୃତି ଭବନରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ପ୍ରତିଷ୍ଠା ଦିବସରେ ମୟୁରଭଞ୍ଜର ଅତିରିକ୍ତ ପୋଲିସ ଆରକ୍ଷୀ ଅଧିକ୍ଷକ ସବିତା ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଙ୍କ ଅଭିଭାଷଣରେ ଡାକ ବିଭାଗର ବିଭିନ୍ନ ସଂଚୟ ଯୋଜନାରେ ରଖିଥିବା ଧନକୁ ସୁରକ୍ଷିତ ରଖିବା ସହ ଠକାମୀରୁ କିପରି ପୋଲିସ ବିଭାଗ ସମ୍ବନ୍ୟ ରକ୍ଷାକରି ଏକ ସୁସ୍ଥ ଓ ବିପଦମୁକ୍ତ ସମାଜ ଗଠନ କରାଯାଇପାରିଛି ତାହା ଉପରେ ମୁଖ୍ୟତଃ ଆଲୋକପାତ କରିଥିଲେ । ଆଧୁନିକ ମୋବାଇଲ ଯୁଗରେ ଡାକ ବିଭାଗ ଲୋକଙ୍କ ଭାବ ସହ ଏବେ ମଧ ଜଡିତ ହୋଇ ରହିଛି ଯାହାର ପ୍ରତିଫଳନ ସ୍ୱରୂପ ତକତପୁରରେ ଏକ ଜେନ ଜି ପୋଷ୍ଟଅଫିସର



ଶୁଭାରମ୍ଭ। ସମ୍ମାନିତ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ଆସାମ ଡାକ ପରିମଣ୍ଡଳର ଅବସରପ୍ରାପ୍ତ ଅତିରିକ୍ତ ଡାକ ନିର୍ଦ୍ଦେଶକ (ଡାକ ଜୀବନ ବୀମା) ତାଙ୍କ ଅଭିଭାଷଣରେ ଡାକ ବିଭାଗରେ ବିଭିନ୍ନ ପରିବର୍ତ୍ତନ ସହ ସମୟ ଉପଯୋଗୀ ନିୟମ ଡାକ ବିଭାଗ ପ୍ରଚଳନ ଯୋଗୁ ଲୋକ ମାନେ ପୁଣି ଡାକ ଘର ପ୍ରତି ଆକର୍ଷିତ ହେଲେଣି । ବିକଶିତ ଭାରତର ଲକ୍ଷ୍ୟକୁ ଆଖିଆଗରେ ରଖିକି ଡାକ ବିଭାଗ ପ୍ରତି ଲୋକଙ୍କୁ ଡାକଘର ସହ ଯୋଡିବାକୁ ଚେଷ୍ଟା କରୁଛି ବୋଲି କହିଥିଲେ । ଏହି ସଭାକାର୍ଯ୍ୟକୁ ପୌରାହିତ କରୁଥିବା ମୟୁରଭଞ୍ଜ ଡାକ ମଣ୍ଡଳ ଅଧିକ୍ଷକ ଭାଗ୍ୟଧର ଦାସ ସ୍ୱାଗତ ଭାଷଣରେ ମୟୁରଭଞ୍ଜ ଡାକ ମଣ୍ଡଳ ବିଗତ ତିନି ବର୍ଷ ଧରି କିପରି ସବୁ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରୁଛି ତାହା ପ୍ରକାଶ କରିଥିଲେ । ଡାକ ସହ ଅଧିକ୍ଷକ ପ୍ରଣବ କୁମାର ମିଶ୍ର ବିଭାଗର ବାର୍ଷିକ ବିବରିଣୀ ପ୍ରସ୍ତୁତ କରିଥିଲେ । ଅତିଥିବୃନ୍ଦ ଡାକ ଜୀବନ ବୀମା କ୍ଷେତ୍ରରେ ସଫଳତା ହାସଲ କରିଥିବା ମନୋଜ କୁମାର ସେନ, ସଞ୍ଜୟ ଦାସ, ଗୀତାଞ୍ଜଳି ସାହୁ, ଅଜିତ କୁମାର ନାୟକ, ଧରଣୀଧର ଦାସଙ୍କୁ ଡାକ ବିଭାଗ ଦ୍ୱାରା ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା ଓ ଡାକ ବିଭାଗର କର୍ମଚାରୀ ଓ ତାଙ୍କ ସନ୍ତାନ ମାନଙ୍କ ଦ୍ୱାରା ସୁନ୍ଦର ନାଚ ଗୀତ ଓ ନାଟକ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବାଲେଶ୍ୱର ଡାକ ମଣ୍ଡଳ ଓ ସମ୍ବଲପୁର ଡାକ ମଣ୍ଡଳର ଡାକ ଅଧିକ୍ଷକଙ୍କୁ ମୟୁରଭଞ୍ଜ ଡାକ ଅଧିକ୍ଷକ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ଏକ ଲୋକପ୍ରିୟ କାର୍ଯ୍ୟକ୍ରମ 'ଆପଣଙ୍କ ଚିଠି' ର ପରିଚାଳନା କରୁଥିବା ଶିକ୍ଷକ ସୋମନାଥ ସିଂଙ୍କୁ ଏହି କାର୍ଯ୍ୟକ୍ରମ ମଧ୍ୟମରେ ମେଳାକୁ ଆସୁଥିବା ଓ ମେଳାର ସିଧା ପ୍ରସାରଣ ଦେଖୁଥିବା ଲୋକଙ୍କ ମଧ୍ୟରେ ଚିଠି ଲେଖାକୁ ପ୍ରୋତ୍ସାହନ କରୁଥିବାରୁ ମୟୁରଭଞ୍ଜ ଡାକ ମଣ୍ଡଳ ତରଫରୁ ବିଶେଷ ଭାବରେ ସମ୍ମାନିତ କରାଯାଇଥିଲା । ଶେଷରେ ଅଫିସ ସୁପରଭାଇଜର ଉଜ୍ଜଳ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ୱଶୁର ଆଗରେ ସ୍ତ୍ରୀକୁ ହତ୍ୟା କଲା ନିଶାସକ୍ତ ସ୍ୱାମୀ

ବଲାଙ୍ଗିର,୨୬/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଜୁର୍ଲାକାନି ଗାଁରେ ବୁଧବାର ବିଳମ୍ବିତ ରାତିରେ ଘଟିଛି ଏକ ଅଭାବନୀୟ ଘଟଣା। ଶ୍ୱଶୁର ଆଗରେ ସ୍ତ୍ରୀକୁ ହତ୍ୟା କରିଛି ନିଶାସକ୍ତ ସ୍ୱାମୀ । ମୃତା ମହିଳା ଜଣକ ହେଲେ ତପ ମଲ୍ଲିକ । ଅଭିଯୁକ୍ତ ସ୍ୱାମୀ ମାଧବ ମଲ୍ଲିକକୁ ପୋଲିସ ଥାନାରେ ଅଟକ ରଖିଛି । ସେ କେଉଁ କାରଣରୁ ନିଜ ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା କରିଛି ତାହା ସ୍ପଷ୍ଟ ହୋଇନଥିଲେ ମଧ ଏହା ପାରିବାରିକ କଳହର କୁପରିଣତି ବୋଲି କୁହାଯାଉଛି । ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଥିବା ଜଣାପଡିଛି । ଏହି ହତ୍ୟାକାଣ୍ଡ ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି ।

# ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀରେ ସାରସ୍ୱତ ସଭା ଆୟୋଜିତ

ବାରିପଦା,୨୬/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ସୁଶାସନ ଦିବସରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ତରଫରୁ ଏକ ଭବ୍ୟ ଦେଶାତ୍ମବୋଧକ କବିତା ମହାଯଜ୍ଞର ସଫଳ ଆୟୋଜନ ହୋଇଯାଇଛି । ଏହି ସାରସ୍ୱତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜନମାନସରେ ଦେଶପ୍ରେମ, ଜାତୀୟ ଚେତନା ଓ ସୁଶାସନର ମୂଲ୍ୟବୋଧକୁ ସାହିତ୍ୟ ମାଧ୍ୟମରେ ଅନୁପ୍ରାଣିତ କରିବା । ଅଧ୍ୟାପକ ସମରେନ୍ଦ୍ର ବଶାଙ୍କ ପୌରହିତ୍ୟରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ଼. ଦମୟନ୍ତୀ ବେଶ୍ରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅଟଳ ବିହାରୀ ବାଜପେୟୀଙ୍କ



ଜୀବନୀ, ସାହିତ୍ୟ ସାଧନା ତଥା ସୁଶାସନ ସଂପର୍କରେ ଆଲୋକାପାତ କରିଥିଲେ । ବରିଷ୍ଠ କବି ଅଜିତ କବାଟ ମୁଖ୍ୟବକ୍ତା ଏବଂ ପରିଷଦର ସଭାପତି ପଦ୍ମନାଭ ସାହୁ ଓ ସମ୍ପାଦକ ମନୋଜ ଦଳବେହେରା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଡ. ଶଶୀଧର ବିଶ୍ୱାଳ କବିତା ସଂଯୋଜନା କରିଥିଲେ । ବିଭିନ୍ନ ସ୍ଥାନରୁ ଆସିଥିବା କବିମାନେ ଯଥା- ଗୋପାଳ ଚନ୍ଦ୍ର ସାଓ, ବାସନ୍ତୀଲତା ମହାପାତ୍ର, ବିରଜା ଦେବୀ, ପାର୍ବତୀ ବାରିକ, ଶିଉଲାଲ ମହାନ୍ତ, ଭାସ୍ୱତୀ ପଣ୍ଡା, ବନମାଳୀ ପାତ୍ର, ଅଜିତ ପାଣିଗ୍ରାହୀ, ଡ. ସଞ୍ଜୀବ ପାଣିଗ୍ରାହୀ, ଶଙ୍କର ଜେନା, ମିତାରାଣୀ ସାହୁ, ଡ. ଗାୟତ୍ରୀ ଦେ, ନରସିଂହ ବାରିକ, ରାଜେନ୍ଦ୍ର ସାମଲ, ରାଜଲକ୍ଷ୍ମୀ ତ୍ରିପାଠୀ, କବିତା ଆଚାର୍ଯ୍ୟ ତାଙ୍କର ଦେଶଭକ୍ତିମୟ କବିତା ପାଠ କରି ସଭାକୁ ଉତ୍ସାହ ଓ ଗମ୍ଭୀରତାରେ ପରିପୂର୍ଣ୍ଣ କରିଥିଲେ। କବିତାର ପଙ୍କ୍ତିପଙ୍କ୍ତିରେ ଦେଶର ଐତିହ୍ୟ, ସଂସ୍କୃତି, ଲୋକତନ୍ତ୍ର ଓ ସୁଶାସନର ମୂଲ୍ୟ ଜୀବନ୍ତ ହୋଇଉଠିଥିଲା। ଜିଲ୍ଲା ପ୍ରଶାସନର ସକ୍ରିୟ ସହଯୋଗ ଏହି କାର୍ଯ୍ୟକ୍ରମକୁ ଅଧିକ ସଫଳ ଓ ଅର୍ଥପୂର୍ଣ୍ଣ କରିଥିଲା। ସାହିତ୍ୟ ଓ ପ୍ରଶାସନର ଏହି ସମନ୍ୱୟ ସମାଜରେ ସକାରାତ୍ମକ ଚିନ୍ତାଧାରା ପ୍ରଚାରରେ ଏକ ନୂଆ ଦିଗ । ସଭା ଶେଷରେ ଜିଲ୍ଲା ସୂଚନା ଓ ପ୍ରସାରଣ ଅଧିକାରୀ ବିକାଶ ମହାନ୍ତି ମହୋଦୟ ଏ କାର୍ଯ୍ୟକ୍ରମ ର ଭୁୟସୀ ପ୍ରଶଂସା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ଧୁମିଳନ କରି ସ୍ମୃତି ସାଉଁଟୁଛନ୍ତି ୨୦୦୪ ବ୍ୟାଚର ଛାତ୍ରଛାତ୍ରୀ

ବସ୍ତା ୨୫/୧୨(ନିପ୍ର) ଆଜି କାଲି ଜୀବନ ରେ ସମସ୍ତେ ନିଜ ନିଜ କର୍ତ୍ତବ୍ୟ ପଥରେ ବ୍ୟସ୍ତ ବିବ୍ରତ , ନିଜ ପାଖରେ ସମ୍ପର୍କ ବଞ୍ଚାଇ ରଖିବାକୁ ମଧ କାହାରି ପାଖରେ ସମୟ ନାହିଁ କିନ୍ତୁ ଏ ମାନଙ୍କ ମଧରେ ନିଜର ପୁରୁଣା ସ୍ମୃତି ଓ ପିଲା ଦିନର ସାଙ୍ଗ ସାଥୀ ଙ୍କୁ ନେଇ ଏକ ଯୋଟ କରି ଖୁସି ପରସି ବାରେ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଦୀର୍ଘ ୨୧ ବର୍ଷ ତଳେ ସାଙ୍ଗରେ ସୁନ୍ଦରହଟା ୟୁ ପି ଏ ମ ଇ ସ୍କୁଲ ରେ ୨୦୦୪ ବ୍ୟଚ ରେ ପଢିଥିବା ପିଲା ମାନେ ଆଜି ସେହି ସ୍କୁଲ ପରିସର ରେ ବନ୍ଧୁ ମିଳନ ଉତ୍ସବ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ପୁରାତନ ଛାତ୍ର ଅଜୟ ପରିଡ଼ା ଙ୍କ



ନେତୃତ୍ୱ ରେ ନିଜର ବ୍ୟସ୍ତ ବହୁଳ ଜୀବନ ରୁ ସମୟ କାଢି ଆଜି ପ୍ରାୟ ୫୦ ରୁ ୬୦ ଜଣ ପୁରାତନ ଯୋଗ ଦାନ କରି ପୁରାତନ ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ମହାପାତ୍ର ଓ ଶିକ୍ଷକ ଲେମ୍ବୁଧର ମହାପାତ୍ର ଙ୍କ ଉପସ୍ଥିତିରେ କେକ କାଟି ଖୁସି ମନାଇ ଥିଲେ । ସମସ୍ତ ଙ୍କୁ ଶିକ୍ଷକ ମହାପାତ୍ର ଧନ୍ୟବାଦ୍ ଦେବା ସହ ଅନ୍ୟ ବ୍ଚେ ପିଲା ମାନଙ୍କୁ ଏଇଭଳି ଏକ କାର୍ଯ୍ୟକ୍ରମ ବର୍ଷରେ ଥରେ କରିବା ପାଇଁ ଅନୁରୋଧ କରିଥିଲେ । ଅନ୍ୟ ମାନଙ୍କ ମଧରେ ଉକ୍ତ କାର୍ଯ୍ୟକ୍ରମ କୁ ତୁଲାଇବା ପାଇଁ ଅର୍ଜୁନ କୁମାର ବେହେରା , ରିନା ପରିଡା , ନିତ୍ୟାନନ୍ଦ ମହାଳିକ ଓ ଅମରେନ୍ଦ୍ର ରାଉଳ ଟୁନି ଜେନା ସହୋଜୋଗ କରିଥିଲେ ।

## AFFIDAVIT

By virtue of an affidavit sworn before Executive Magistrate, Balasore, dated: 23/12/2025 I, Satyanarayan Chakrabarty, Address- At- Krushnapur, Po- Bahanaga, Ps- Khantapada, Dist- Baleswar, Odisha- 756042 declare that I have changed my son's name from Amit Chakrabarty to Jagat Chakrabarty . Henceforth, he shall be known as Jagat Chakrabarty for all purposes.

**Satyanarayan Chakrabarty**

## AFFIDAVIT

By virtue of affidavit sworn before Executive Magistrate, Balasore Sk Yar Ali S/o Sk Abbas Ali At-Kantabania, po- Dahapada, ps- Sahadevkhanta Dist. Balasore declare that wholly renounce, relinquish and abandon the use of the former name of his daughter Urfida A Sarbari,D/o Sk Yaralli but assumed name of Urfida Asrafia Sarbari,D/o.Sk Yar Ali.Henceforth in all records ,deeds and writings in all proceding, dealing and transaction private as well as public and upon all occasions whatever used for all purposes, when and where ever it necessary to sign her name of Urfida Asrafia Sarbari,D/o Sk Yar Ali as his name in place of and in substitution of her former name of Urfida A Sarbari,D/o Sk Yaralli.

**Sk Yar Ali**

# ଖାଦ୍ୟ ସୁରକ୍ଷାରୁ ବଂଚିତ ଦିନ ମଜୁରିଆଙ୍କ ପରିବାର

ଉଦଳା,୨୬/୧୨ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ଶାଳଚୁଆ ପଂଚାୟତ ଅନ୍ତର୍ଗତ ସୋଲଗଡ଼ିଆ ଗ୍ରାମରେ ଥିବା ବେହେରା ସାହିର ଦୃଶ୍ୟ । ଏହି ସାହିରେ ବାସ କରୁଥିବା ହରେକୃଷ୍ଣ ବେହେରା ଏବଂ ତାଙ୍କର ସହଧର୍ମିଣି ସୁକାନ୍ତି ବେହେରା ଓ ଦୁଇପୁତ୍ର ସନ୍ତାନଙ୍କୁ ମିଶାଇ ପରିବାରର ମୋଟ ସଦସ୍ୟ ୪ଜଣ ଅଟନ୍ତି । ଦିନମଜୁରିଆ ଭାବରେ କାମ କରି ଉକ୍ତ ପରିବାର ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ବେଳେ ଖାଦ୍ୟ ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ହରେକୃଷ୍ଣଙ୍କ କହିବା ଅନୁସାରେ ତାଙ୍କର ଆଧାର କାର୍ଡ଼ ନଥିବା ଯୋଗୁଁ ସେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ।



ତେବେ ଆଧାର କାର୍ଡ଼ ପାଇଁ ସେ ବାରମ୍ବାର ଫୋଟ ଉଠାଇଛନ୍ତି । କିନ୍ତୁ ତାଙ୍କର ଆଧାର କାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କଥା କହିଛନ୍ତି । ଏଥିପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ସେ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବାର ସେ ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ଉକ୍ତ ଘଟଣାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ଦିବଂଗତ ସୁସାହିତ୍ୟିକା କସ୍ତୁରୀ ବାରିକଙ୍କ ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ସଭା

ଭଦ୍ରକ,୨୬/୧୨ (ନି.ପ୍ର): ପ୍ରଫେସର ବାସୁଦେବ ବାରିକଙ୍କ ଧର୍ମପତ୍ନୀ ସୁସାହିତ୍ୟିକା ଓ ଆଧ୍ୟାତ୍ମିକବାଦୀ କସ୍ତୁରି ମଞ୍ଜରୀ ବାରିକଙ୍କ ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ସମାରୋହ ଅବସରରେ ଏକ ସ୍ମୃତି ସଭା କଲ୍ୟାଣ ମଣ୍ଡପ ପରିସରରେ ବିଶିଷ୍ଟ ସାହିତ୍ୟିକ ଓ ପୂର୍ବତନ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । କସ୍ତୁରୀ ମଞ୍ଜରୀ ମା'ଙ୍କ ପରି ସ୍ୱଚ୍ଛ, ସରଳ, ଭଦ୍ର, ନମ୍ର ଓ ଶାନ୍ତ ସ୍ୱଭାବର ନାରୀଟି ଆଜିକାଲି ସମାଜରେ ପାଇବା ସହଜ ନୁହେଁ । ଉପସ୍ଥିତ ଥିବା ସମସ୍ତ ଅତିଥି ଓ ବକ୍ତାମାନେ ଏହି କଥା ଉକ୍ତ ସଭାରେ ପ୍ରକାଶ କରିଥିଲେ । ଏହି ସଭାରେ ପ୍ରଫେସର ଝରଣା ପଟ୍ଟନାୟକ, ଡ଼. ବ୍ରଜମୋହନ ମିଶ୍ର, ଡ଼. ଗୋଲକ ବିହାରୀ ସାହୁ, ପ୍ରବଚକ ସଂଗ୍ରାମ



ଆଚାର୍ଯ୍ୟ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିବା ବେଳେ ଅନ୍ୟତମ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯୁବ ଆଇନଜୀବୀ ମନୋରଞ୍ଜନ ଦାସ ମଞ୍ଚ ଆହ୍ୱାନ କରିଥିଲେ ଓ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପରେ ବେଦ ପାଠ କରିଥିଲେ ଘନଶ୍ୟାମ ଲେଙ୍କା । ଅତିଥି ପରିଚୟ ସଂଯୁକ୍ତା ବଳ, ସ୍ୱାଗତ ଭାଷଣ ହରମୋହନ କୁଅଁର, ସଂପାଦକୀୟ ବକ୍ତବ୍ୟ ଶାନ୍ତନୁ କୁମାର ରାଉତ ଦେଇଥିବା ବେଳେ ସ୍ମରଣୀକା ବାବଦରେ ମୁଖ୍ୟ ସଂପାଦକ କୈଳାସ ଚନ୍ଦ୍ର ପଣ୍ଡା ଓ ଗୌତମ ମହାରଣା ବକ୍ତବ୍ୟ ପ୍ରଦାନ କରିତ୍ଲେ । ମାନପତ୍ର ପାଠ କରିଥିଲେ ବୈଲୋଚନ ବେହୁରିଆ । ଏତଦ୍‌ଭିନ୍ନ ଗୟାଧର ପଣ୍ଡା, ଅଜୟ ନାୟକ, ସୋନପୁରରୁ ଆସିଥିବା କସ୍ତୁରୀ ମଞ୍ଜରୀଙ୍କ ଭାଇ ମଦନ ମୋହନ ଦାନୀ, ଚୈତାଳୀ ଖିଲାର, ପ୍ରଫେସର ସୁଚିତ୍ରା ପାଣିଗ୍ରାହୀ ପ୍ରଭୃତି ଅନ୍ୟମାନେ ସେମାନଙ୍କ ବକ୍ତବ୍ୟ ରଖିଥିଲେ । ଶେଷରେ ରୂପକ ବିହାରୀ ରାଏ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ପ୍ରକାର ସହଯୋଗ କରିଥିଲେ ବିଶିଷ୍ଟ ପ୍ରଫେସର ବାସୁଦେବ ବାରିକ ଏବଂ ତାଙ୍କ ପରିବାରର ସମସ୍ତ ସଦସ୍ୟ-ସଦସ୍ୟାମାନେ ।

# ଜାନୁଆରୀ ୧୪ ରୁ ୧୬ ପର୍ଯ୍ୟନ୍ତ ଡଗରା ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବ

ବାଲିଆପାଳ ,୨୬/୧୨ (ନି.ପ୍ର): ଆସନ୍ତା ଜାନୁଆରୀ ୧୪ ରୁ ୧୬ ପର୍ଯ୍ୟନ୍ତ ୩ ଦିନ ବ୍ୟାପି ଡଗରା ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଡଗରା ଡାକ ବଙ୍ଗଳା ପରିସରରେ ବାଲିଆପାଳବିଡ଼ିଓ ରାଧାରଂଜନ ଦାସଙ୍କ ଅଧ୍ୟକ୍ଷତାରେ ବୁଧବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଚଳିତ ବର୍ଷ ଧୁମଧାମରେ ଡଗରା ମହୋତ୍ସବ ପାଳନ କରିବା ପାଇଁ ସେ ନିଜେ ପୂର୍ଣ୍ଣ ସହଯୋଗ କରିବା ସହିତ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସବୁ ବର୍ଷ ପରି ମହୋତ୍ସବ ଆୟୋଜନ କରୁଥିବା



ପ୍ରେସ କ୍ଲବ ବାଲିଆପାଳ ଏବଂ ଡଗରା ମହୋତ୍ସବ କମିଟିର କର୍ମକର୍ତ୍ତାଙ୍କୁ ଶ୍ରୀମତୀ ଜେନା ସାଧୁବାଦ ଜଣାଇ ଥିଲେ। ବୈଠକରେ ଡଗରା ବେଳାଭୂମି ମହୋତ୍ସବ କମିଟିର ସଭାପତି ସାମ୍ବାଦିକ ପ୍ରଫୁଲ କୁମାର ପାତ୍ର ପ୍ରସ୍ତୁତି ବୈଠକକୁ ପରିଚାଳନା କରିଥିବା ବେଳେ ବାଲିଆପାଳ ପ୍ରେସ କ୍ଲବର ସଭାପତି ସାମ୍ବାଦିକ ଅଜୟ କୁମାର ସାହୁ,ଦିଲ୍ଲୀପ କୁମାର ଦାସ, ଗୋପନାରାୟଣ ଜେନା, ରମିତା ବିଶ୍ୱାଳ, ମୁରଲୀ ଧର ଦାସ, ଗୋପାଳ ଚନ୍ଦ୍ର ସାହୁ,ପ୍ରକାଶ ଚନ୍ଦ୍ର ପ୍ରଧାନ ଡଗରା ବେଳାଭୂମି ଉନ୍ନୟନ କମିଟିର ସଭାପତି ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ସମ୍ପାଦକ ନିତ୍ୟାନନ୍ଦ ଜେନା, ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ, ଜଙ୍ଗଲ ସୁରକ୍ଷା କମିଟିର ସଭାପତି ଗଣପତି ଜେନା,ଡଗରା ସମିତି ସଦସ୍ୟ ମନୋରଞ୍ଜନ ଦାସ,ସମାଜସେବୀ ହରିହର ଜେନା, ପୂର୍ବତନ ସରପଞ୍ଚ ରମେଶ ଖଟୁଆ, ବେତଗଡ଼ିଆ ସରପଞ୍ଚ ପ୍ରତିନିଧି ସନ୍ତୋଷ ଗିରି, ଅଳାଡିହା ସରପଞ୍ଚ ପ୍ରତିନିଧି ଗୋପାଳ ଚନ୍ଦ୍ର କୁଲାରୀ ପ୍ରମୁଖ ଯୋଗଦେଇ ଆଲୋଚନା ରେ ଭାଗ ନେଇଥିଲେ ।ସବୁବର୍ଷ ପରି ଆସନ୍ତା ମକର ସଂକ୍ରାନ୍ତି ଜାନୁଆରୀ ୧୪ ତାରିଖରୁ ମହୋତ୍ସବ ଆରମ୍ଭ ହୋଇ ତିନିଦିନ ଧରି ଚାଲିବ ବୋଲି ସିଦ୍ଧାନ୍ତ ହୋଇଥିଲା। ଏ ବାବଦରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିର୍ଦ୍ଦେଶରେ ବାଲିଆପାଳ ବିଡିଓ ଶ୍ରୀ ଦାସ ଓ ସ୍ଥାନୀୟ ବିଧାୟିକାଙ୍କ ଯୋଗଦାନରେ ବୈଠକ ସଫଳ ହୋଇଥିଲା। ଚଳିତ ବର୍ଷ ବେଳାଭୂମି ମହୋତ୍ସବରେ ମନ୍ତ୍ରୀ ବିଧାୟକ, ସରକାରୀ ଅଧିକାରୀ,ସିନେ ତାରକା ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବେ। ନୃତ୍ୟ ଗୀତ, ମେଲୋଡି ସହିତ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସିଦ୍ଧାନ୍ତ ହୋଇଥିଲା। ଶେଷରେ ମହୋତ୍ସବ କମିଟିର ସମ୍ପାଦକ ସାମ୍ବାଦିକ ସୁବକ ଚନ୍ଦ୍ର ଦାସ ନିଜର ମତାମତ ସହିତ ଧନ୍ୟବାଦ ଦେଇଥିଲେ।

# ରାଜ୍ୟସ୍ତରୀୟ ବାଜପେୟୀ ଜୟନ୍ତୀରେ ଜିଲ୍ଲାପାଳଙ୍କ ଆଭାସୀ ଯୋଗଦାନ

ନୂଆପଡ଼ା,୨୬/୧୨ (ନି.ପ୍ର): ଭୁବନେଶ୍ୱର ଓୟୁଏଟି ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ସୁଶାସନ ଦିବସ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ କାର୍ଯ୍ୟକ୍ରମରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ଯ ଅତିଥି ଭାବରେ ଯୋଗଦାନ କରି ସ୍ୱର୍ଗତ ବାଜପେୟୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଶ୍ରୀ ମାଝୀ ସିଏମ୍ ଡାସ୍ ବୋର୍ଡର ଲୋକାର୍ପଣ କରିବା ସହ ଜିଲ୍ଲାସ୍ତରରେ ପେପରଲେସ୍ ସରକାରୀ କାର୍ଯ୍ୟ ନିମନ୍ତେ ଉଦ୍ଦିଷ୍ଟ ଓସ୍ୱାସ୍ ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ସେହିଭଳି ଶ୍ରୀ ମାଝୀ 'ଆମ ସାଥୀ' ୟୁନିଫାଏଡ୍ ହ୍ୱାଟସ୍ ଆପ୍ ଚାଟ୍ ବୋଟ୍ ର ଲୋକାର୍ପଣ କରିଥିଲେ । ଏହା ସହିତ ନୂଆପଡ଼ା ଜିଲ୍ଲପାଳଙ୍କ କାର୍ଯ୍ୟାଳୟ , ଅନ୍ୟ ଜିଲ୍ଲା କାର୍ଯ୍ୟାଳୟ , ତହସିଲ ଏବଂ ବ୍ଲକ ସ୍ତରୀୟ କାର୍ଯ୍ୟାଳୟରେ ଓସୱାନ ମାଧ୍ୟମରେ ଅନଲାଇନ ଫାଇଲ କାର୍ଯ୍ୟ କରିବା ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି । ନୂଆପଡ଼ା ଜିଲ୍ଲାପାଳ ମଧୁସୁଦନ ଦାସ ଏହି କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସିଙ୍ଗ (ଆଭାସୀ) ମାଧ୍ୟମରେ ଯୋଗଦାନ କରିଥିଲେ।

# ଯେତେ ଔଷଧ ଦେଲେ ବି ପିଲାର ଥଣ୍ଡା ଭଲ ହେଉନି କି... କରନ୍ତୁ ଏହି ଘରୋଇ ଚିକିତ୍ସା



ସାଧାରଣତଃ ଛୋଟ ପିଲାମାନଙ୍କୁ ଖାଇବାକୁ ଦେବା ସହଜ ନୁହେଁ। ଯେକୌଣସି ଜିନିଷ ହେଉ ପଛେ ସେମାନଙ୍କୁ ଖୁଆଇବା କଷ୍ଟକର। ପିଲାମାନେ ଏତେ ଶୀଘ୍ର କିଛି ଖାଇବାକୁ ପ୍ରସ୍ତୁତ ନୁହଁନ୍ତି। ଏହାସହିତ ବର୍ତ୍ତମାନର ପାଗ ମଧ୍ୟ ଏପରି ଯେ ପିଲାମାନେ ଶୀଘ୍ର ଅସୁସ୍ଥ ହୋଇପାରନ୍ତି। ଥଣ୍ଡା, କାଶ, ଗଳା ଯନ୍ତ୍ରଣା ଅତି ସାଧାରଣ କଥା। ଥରେ ପିଲାମାନଙ୍କୁ କାଶ ହେଲେ ଏହା ଅନେକ ଦିନ ପର୍ଯ୍ୟନ୍ତ ରହିଥାଏ।

ମୁଣ୍ଡରେ କିଛି ପଶେନି, ବୁଝାପଡେନି କେଉଁ ଔଷଧ ଦେଲେ ଶିଘ୍ର ଆରାମ ମିଳିବ। ଏଭଳି ପରିସ୍ଥିତିରେ ଅଧିକ ଔଷଧ ଏବଂ କଫ ସିରପ ଦେବା ପରିବର୍ତ୍ତେ, ଆପଣ ଘରୋଇ ଉପଚାର ସହିତ ପିଲାମାନଙ୍କର କାଶ ଏବଂ ଥଣ୍ଡାକୁ ଭଲ କରିପାରିବେ। ଘରୋଇ ଚିକିତ୍ସାରେ ଆପଣ ଜାଇଫଳକୁ ନେଇପାରିବେ। ଏଥିରେ ଏକ ମସଲା ଅଛି, ଯାହା ସେମାନଙ୍କର କାଶକୁ ଭଲ କରିପାରେ।

ଜାଇଫଳର ଉପକାର: ଜାଇଫଳ ଖାଲି ଖାଦ୍ୟର ସ୍ୱାଦ ବଢାଇ ନ ଥାଏ, ଏହା ଶରୀର ପାଇଁ ମଧ୍ୟ ବହୁତ ଲାଭଦାୟକ। ଏହାକୁ ଔଷଧ ତିଆରି ପାଇଁ ମଧ୍ୟ ବହୁଳ ଭାବରେ ବ୍ୟବହୃତ ହୁଏ। ଆପଣ ଜାଣନ୍ତି କି ଜାଇଫଳ ମଧ୍ୟ ପିଲାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

ତେବେ ପିଲାକୁ ଯଦି କାଶ ହେଉଥାଏ ଏକ ଚାମଚ ଜାଇଫଳ ଖାଇବାକୁ ଦିଅନ୍ତୁ। ଏହାପରେ ସେମାନେ ଯଥା ଶିଘ୍ର କାଶ ଏବଂ ଥଣ୍ଡାରୁ ମୁକ୍ତି ପାଇଯିବେ। ଏହା ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢାଇଥାଏ। ଯେତେବେଳେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୁଏ, ସେତେବେଳେ ଅନେକ ରୋଗ ଏବଂ ସଂକ୍ରମଣର ଆଶଙ୍କା ବଢିଯାଏ। ଏଭଳି ପରିସ୍ଥିତିରେ, ପିଲାମାନଙ୍କୁ ଏକ ଚାମଚ ଜାଇଫଳକୁ ଚଟେଇଦେଲେ ରୋଗ ପ୍ରତିରୋଧକ ଶକ୍ତି ଦୃଢ ହୋଇପାରେ। ଏହି ମସଲାରେ ହଜମକାରୀ ଏନ୍‌ଜାଇମ୍ ଥାଏ, ଯାହା ଶିଶୁର ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ। ପିଲାମାନେ ଅନେକ ସମୟରେ ପେଟ ଯନ୍ତ୍ରଣା ଏବଂ ଗ୍ୟାସ ସମସ୍ୟାରେ ପୀଡିତ ହୋଇଥାନ୍ତି। ଏକ ଚାମଚ ଜାଇଫଳ ପାଉଡରକୁ ମହୁରେ ମିଶାଇ ଏହାକୁ ଚାଟିବା ଦ୍ୱାରା ପେଟ ଯନ୍ତ୍ରଣା ଏବଂ ଗ୍ୟାସ ସମସ୍ୟାରୁ ମୁକ୍ତି ମିଳିଥାଏ। ବର୍ଷା ଏବଂ ଶୀତ ଋତୁରେ ମଧ୍ୟ ଆପଣ ପିଲାମାନଙ୍କୁ ଜାଇଫଳ ଦେଇପାରିବେ। ଯଦି ଏହି ଋତୁରେ ଥଣ୍ଡା ଏବଂ କାଶ ଅଛି, ତେବେ କିଛି ସୋରିଷ ତେଲରେ ଜାଇଫଳ ପାଉଡର ମିଶାନ୍ତୁ। ଏହାକୁ ସାମାନ୍ୟ ଗରମ କରନ୍ତୁ ଏବଂ ପିଲାମାନଙ୍କର ଛାତିରେ ମାଲିସ୍ କରନ୍ତୁ। ଥଣ୍ଡା ଏବଂ କାଶରୁ ଆରାମ ମିଳିବ। ଜାଇଫଳ ତେଲରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ମଧ୍ୟ ଲାଭଦାୟକ ହୋଇଥାଏ। ଯଦି ଶିଶୁର ଦାନ୍ତ ଉଠିବାରେ ବିଳମ୍ବ ହୁଏ ଜାଇଫଳ ଏବଂ ମିଶ୍ରୀକୁ ଗ୍ରାଇଣ୍ଡ କରି ଏକ ପାଉଡର ତିଆରି କରନ୍ତୁ। ଏହାକୁ କ୍ଷୀର କିମ୍ବା ପାଣିରେ ମିଶାଇ ପିଲାକୁ ଦିଅନ୍ତୁ। ଏହି କାରଣରୁ, ଦାନ୍ତ ଶୀଘ୍ର ଉଠିପାରେ। ଜାଇଫଳ ତେଲ ଦାନ୍ତ ଉଠିବା ସମୟର ଯନ୍ତ୍ରଣାକୁ ମଧ୍ୟ ହ୍ରାସ କରିବାରେ ସାହାଯ୍ୟ କରେ। ଆପଣ ଏହି ତେଲକୁ ଶିଶୁର ଚର୍ମରେ ମଧ୍ୟ ଲଗାଇ ପାରିବେ, ଏହା ଚର୍ମକୁ କୋମଳ ଏବଂ ଚିକ୍କଣ କରିପାରେ। ଜାଇଫଳରେ ଥିବା ଔଷଧୀୟ ଗୁଣ ମେଟାବୋଲିଜିମ୍‌କୁ ବଢାଇଥାଏ। ଏହାକୁ ଗ୍ରାଇଣ୍ଡ୍ କରି କ୍ଷୀରରେ ମିଶାଇ ପିଲାକୁ ଖାଇବାକୁ ଦିଅନ୍ତୁ, ହଜମ ଭଲ ହେବ। ଯେଉଁ ପିଲାମାନେ ଠିକ୍‌ରେ ଖାଦ୍ୟ ନ ଖାଉଥିବେ ସେମାନଙ୍କୁ ମଧ୍ୟ କ୍ଷୀରରେ ମିଶାଇ ଖାଇବାକୁ ଦେଇପାରିବେ। ଏହା ସେମାନଙ୍କର ଭୋକକୁ ବଢାଇଥାଏ।

# କେଉଁମାନଙ୍କ କ୍ଷେତ୍ରରେ ଭିଟାମିନ-ଡି ଅଭାବ ଅଧିକ ଦେଖାଯାଏ ?




ବିଭିନ୍ନ ଭିଟାମିନ ମଧ୍ୟରୁ ଭିଟାମିନ-ଡି ସ୍ୱାସ୍ଥ୍ୟ ପାଇଁ ଏକ ଜରୁରୀ ପୁଷ୍ଟିକର ଉପାଦାନ। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ହାଡ଼କୁ ମଜବୁତ କରିଥାଏ।
ସୁସ୍ୱାସ୍ଥ୍ୟ ବଜାୟ ରହିବା ପାଇଁ ଭିଟାମିନ୍, ପ୍ରୋଟିନ ଓ ମିନେରାଲ୍ସ ନିହାତି ଆବଶ୍ୟକ। ବିଭିନ୍ନ ଭିଟାମିନ ମଧ୍ୟରୁ ଭିଟାମିନ-ଡି ସ୍ୱାସ୍ଥ୍ୟ ପାଇଁ ଏକ ଜରୁରୀ ପୁଷ୍ଟିକର ଉପାଦାନ। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ହାଡ଼କୁ ମଜବୁତ କରିଥାଏ। କେଉଁମାନଙ୍କ

କ୍ଷେତ୍ରରେ ଭିଟାମିନ-ଡି ଅଭାବ ଅଧିକ ଦେଖାଯାଏ, ଜାଣନ୍ତୁ...
ଗାଢ ଚର୍ମ ଥିବା ବ୍ୟକ୍ତି - ଯେଉଁମାନଙ୍କର ଚର୍ମ ରଙ୍ଗ ଗାଢ଼, ସେମାନଙ୍କ ଶରୀରରେ ଭିଟାମିନ୍-ଡିର ଅଭାବ ଦେଖାଯାଏ। ଏହାର କାରଣ ହେଉଛି ସେମାନଙ୍କ ଚର୍ମର ପ୍ରଥମ ସ୍ତରରେ ମେଲାନିନ ଥାଏ, ଯେଉଁଥିପାଇଁ ସେମାନେ ଅଧିକ ଭିଟାମିନ-ଡି ଆବଶ୍ୟକ କରନ୍ତି। ନନଭେଜ୍ ଖାଉଥିବା ବ୍ୟକ୍ତି - ଯେଉଁମାନେ ଅଧିକ ନନଭେଜ୍ ଖାଆନ୍ତି, ସେମାନଙ୍କ ଶରୀରରେ ଭିଟାମିନ-ଡିର ଅଭାବ ଦେଖାଦିଏ। ଶରୀରକୁ ନନଭେଜରୁ ପ୍ରଚୁର ପ୍ରୋଟିନ୍ ମିଳିଥାଏ କିନ୍ତୁ ଭିଟାମିନ-ଡିର ଅଭାବ ରହିଯାଏ। ଭିଟାମିନ-ଡି ପାଇଁ ଯଥାସମ୍ଭବ ପନିପରିବା, ଫଳ ଏବଂ ଦୁଗ୍ଧ ଜାତୀୟ ଖାଦ୍ୟ ଖାଇବା ଉଚିତ୍। ଡେସ୍କରେ ବସି କାମ କରୁଥିବା ଲୋକ - ଆଜିକାଲି, ବନ୍ଦ ଏସି ଅଫିସରେ ୯ ଘଣ୍ଟା କାମ କରୁଥିବା ଲୋକଙ୍କ ଶରୀରରେ ଭିଟାମିନ-ଡିର ଅଭାବ ଦେଖାଦେଉଛି। ଯେଉଁମାନେ ସକାଳ ଶିଫ୍ଟରେ କାମ କରନ୍ତି ଏବଂ ଯେଉଁମାନେ ବିଳମ୍ବିତ ରାତିରେ କିମ୍ବା ସନ୍ଧ୍ୟା ଶିଫ୍ଟରେ କାମ କରି ସକାଳେ ଶୀଘ୍ର ଉଠିପାରନ୍ତି ନାହିଁ, ସେମାନେ ମଧ୍ୟ ସକାଳର ସୂର୍ଯ୍ୟ କିରଣ ପାଇପାରନ୍ତି ନାହିଁ। ଏପରି ପରିସ୍ଥିତିରେ ଶରୀରରେ ଭିଟାମିନ-ଡି ହ୍ରାସ ପାଇବା ଆରମ୍ଭ କରେ। ୫୦ ବର୍ଷରୁ ଅଧିକ ଲୋକ - ବୟସ ବଢିଲେ ଅନେକ ପ୍ରକାର ରୋଗ ମାଡ଼ିବସେ। ବୟସ ବଢିବା ସହିତ ଶରୀରରେ ଭିଟାମିନ୍,




ପ୍ରୋଟିନ୍ ଏବଂ କ୍ୟାଲସିୟମ୍ କମିବା ଆରମ୍ଭ କରେ। ୫୦ ବର୍ଷରୁ ଊର୍ଦ୍ଧ୍ୱ ଲୋକେ ଏଥିରେ ଶିକାର ହୁଅନ୍ତି।

# ସାବଧାନ: ତ୍ୱଚାକୁ ନଷ୍ଟ କରିଦେବ ଏହି ସବୁ ପାନୀୟ



ଆମେ ଦୈନନ୍ଦିନ ଜୀବନରେ ଏମିତି ଗୁଡ଼ାଏ ଖାଦ୍ୟ ଖାଇଥାଉ ଯାହାକି ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ। ଏମିତି ଅନେକ ଖାଦ୍ୟ ରହିଛି ଯାହା ଆମର ତ୍ୱଚାକୁ ରୁକ୍ଷ କରିଥାଏ। ଖାଦ୍ୟ ଖାଇବା ନେଇ ସତର୍କତା ଅବଲମ୍ବନ କଲେ ଆମେ କିଛି ମାତ୍ରାରେ ଆମ ତ୍ୱଚାର ଚମକ ବଜାୟ ରଖିପାରିବା।

ଅନେକ ଲୋକ ଭାବନ୍ତି ଜୁସ୍ ପିଇବା ଦ୍ୱାରା ତ୍ୱଚାର ଚମକ ବଢ଼ିଥାଏ। ଚମରେ ଉଜ୍ଜ୍ୱଳତା ଆସିଥାଏ। ମାତ୍ର ମନେ ରଖନ୍ତୁ ସିଧା ଫଳକୁ ରସ କରି ପିଇଲେ ଲାଭପ୍ରଦ ହୋଇଥାଏ। ମାତ୍ର ବଜାରରେ ଯେଉଁ ପ୍ୟାକେଟ ଜୁସ୍ ସବୁ ମିଳୁଛି ସେଥିରେ ଅତିରିକ୍ତ ପରିମାଣର ମିଠା ଭାଗ ରହିଥିବା ହେତୁ ତାହା ତ୍ୱଚା ପାଇଁ ହିତକାରକ ହୋଇନଥାଏ।

ସେହିପରି ଗାଈ ଛେନା ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥିବାରୁ ତାହାକୁ ଲୋକେ ବିଭିନ୍ନ ଖାଦ୍ୟରେ ଖାଇଥାନ୍ତି। ମାତ୍ର ମନେ ରଖନ୍ତୁ ଏଥିରେ ତୈଳ ଭାଗ ରହୁଥିବା ହେତୁ ଏହା ବ୍ରଣର ବାହାରିବାର ପ୍ରମୁଖ କାରଣ ପାଲଟିଥାଏ।

କଫି ଶରୀର ପାଇଁ ଅନେକ ଭଲ ହୋଇଥାଏ। ମାତ୍ର ଅତ୍ୟଧିକ କଫି ପିଇବା ଦ୍ୱାରା ଶରୀରୁ ଜଳ ଅଂଶ ହ୍ରାସ ପାଇଥାଏ। ଫଳରେ ତ୍ୱଚା ଉପରେ କୁପ୍ରଭାବ ପକାଇଥାଏ।

ଆପଣ ଯେତେ ବି ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ ପଛେ ଯଦି ଆପଣ ବାରମ୍ବାର ଥଣ୍ଡା ପାନୀୟ ପିଉଛନ୍ତି ତେବେ ଏହା ତାହାର ପ୍ରଭାବ କମ୍ କରିଥାଏ। ସେହିପରି ମଦ୍ୟପାନ ରୁକ୍ଷ ତ୍ୱଚାର କାରଣ ହୋଇଥାଏ। ଏହା ଆପଣ ଜାଣିଥିବେ ନିଶ୍ଚୟ। ଆପଣ ନିଜ ଶରୀରର ଯେତେ ବି ଯତ୍ନ ନିଅନ୍ତୁ ପଛେ ଯଦି ଆଲ୍‌କହଲ ନେଉଛନ୍ତି ତେବେ ସବୁ ବୃଥା।



# ଭାରି ବିପଦ ନକଲି ବନ୍ଧୁ; ଏମାନଙ୍କୁ ଚିହ୍ନିବାର ୬ଟି ଉପାୟ



**ପ୍ରାୟ ଲୋକ ସତ ଏବଂ ମିଛ ବନ୍ଧୁମାନଙ୍କ ମଧ୍ୟରେ ପାର୍ଥକ୍ୟ ଜାଣିପାରନ୍ତି ନାହିଁ। ସେମାନଙ୍କ ମନରେ ଲୁଚି ରହିଥିବା ଖରାପ ଭାବନାକୁ ଅନୁଭବ କରିପାରନ୍ତି ନାହିଁ। ତେବେ ଆପଣ ସତ ଓ ମିଛ ବନ୍ଧୁ କିପରି ଜାଣିବେ ସେଥିପାଇଁ ଏହି ୬ଟି ଉପାୟ ଜାଣି ନିଅନ୍ତୁ।**

ଆଜିକାଲି ଦୁନିଆରେ ପ୍ରକୃତ ବନ୍ଧୁଟିଏ ପାଇବା କଷ୍ଟକର। ଜଣେ ପ୍ରକୃତ ବନ୍ଧୁ ହେଉଛି ଯିଏ କେବଳ ସୁଖରେ ନୁହେଁ ବରଂ ଦୁଃଖରେ ପାଖରେ ଠିଆହୁଏ। ପ୍ରକୃତ ବନ୍ଧୁ କେବେ ଦେଖେଇ ହୁଏ ନାହିଁ କି ବାହାନା କରେ ନାହିଁ। ସେ ବାହାରୁ ଗୋଟିଏ ଆଉ ଭିତରେ ଅନ୍ୟ କିଛି ହୁଏ ନାହିଁ। ପ୍ରାୟ ଲୋକ ସତ ଏବଂ ମିଛ ବନ୍ଧୁମାନଙ୍କ ମଧ୍ୟରେ ପାର୍ଥକ୍ୟ ଜାଣିପାରନ୍ତି ନାହିଁ। ସେମାନଙ୍କ ମନରେ ଲୁଚି ରହିଥିବା ଖରାପ ଭାବନାକୁ ଅନୁଭବ କରିପାରନ୍ତି ନାହିଁ।

ନକଲି ବନ୍ଧୁ ବା ଫେକ୍ ଫ୍ରେଣ୍ଡ୍ ସେହିମାନେ ହୋଇଥାନ୍ତି, ଯେଉଁମାନେ ଆପଣଙ୍କର ଯତ୍ନ ନେବାର ଦେଖେଇ ହୁଅନ୍ତି, କିନ୍ତୁ ପ୍ରକୃତରେ ସେମାନେ ଆପଣଙ୍କର ହୀତର ଧ୍ୟାନ ଦିଅନ୍ତି ନାହିଁ। ଫେକ୍ ଫ୍ରେଣ୍ଡ୍‌ଙ୍କୁ ମିଛ ବନ୍ଧୁ ମଧ୍ୟ କୁହାଯାଏ। ଏହିପରି ବନ୍ଧୁମାନେ କେବଳ ସେପର୍ଯ୍ୟନ୍ତ ଆପଣଙ୍କ ସହ ରହିବେ ଯେପର୍ଯ୍ୟନ୍ତ ସେମାନେ ଆପଣଙ୍କଠାରୁ କିଛି ଲାଭ ପାଉଥିବେ। ତେବେ ଆପଣ ସତ ଓ ମିଛ ବନ୍ଧୁ କିପରି ଜାଣିବେ ସେଥିପାଇଁ ଏହି ୬ଟି ଉପାୟ ଜାଣି ନିଅନ୍ତୁ।

### ଠିକ ସମୟରେ ସମର୍ଥନ କରନ୍ତି ନାହିଁ:

ପ୍ରକୃତ ବନ୍ଧୁମାନେ ଭାବପ୍ରବଣ ଏବଂ ସକରାତ୍ମକ ଭାବେ ସମର୍ଥନ କରିଥାନ୍ତି। କିଛି ଅନୁସନ୍ଧାନରୁ ଜଣାପଡିଛି ଯେ ଯେଉଁମାନଙ୍କ ଜୀବନରେ ଭଲ ବନ୍ଧୁ ଥାଆନ୍ତି ସେମାନେ କଦାପି ଚାପର ସମ୍ମୁଖୀନ ହୁଅନ୍ତି ନାହିଁ। ଏହି କାରଣରୁ, ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଥାଏ। ନକଲି କିମ୍ବା ଦେଖାଣିଆ ବନ୍ଧୁମାନଙ୍କ ଉପରେ ବିଶ୍ୱାସ କରିବା କଷ୍ଟସାଧ ହୋଇପାରେ, କାରଣ ଯେତେବେଳେ ଆପଣ ପ୍ରକୃତରେ ସେମାନଙ୍କୁ ଆବଶ୍ୟକ କରନ୍ତି, ସେତେବେଳେ ସେମାନେ ସମର୍ଥନ, ସମବେଦନା କିମ୍ବା ବିଶ୍ୱସ୍ତତା ଦେଖାନ୍ତି ନାହିଁ।

### ଆବଶ୍ୟକ ବେଳେ ଦେଖା ଦିଅନ୍ତି ନାହିଁ:

ନକଲି ବନ୍ଧୁମାନେ ସେତେବେଳେ ପାଖରେ ମିଳନ୍ତି ଯେତେବେଳେ ସେମାନଙ୍କର କିଛି ଜିନିଷର ଆବଶ୍ୟକତା ପଡେ। କିନ୍ତୁ ଯେତେବେଳେ ଆପଣଙ୍କର କିଛି ଆବଶ୍ୟକ ପଡେ ସେମାନେ ଦେଖାଦିଅନ୍ତି ନାହିଁ। ଏହି ସମୟରେ ସେମାନେ ବିଭିନ୍ନ ପ୍ରକାର ବାହାନା ଦେଖାନ୍ତି। ଯଦି ଆପଣଙ୍କର କୌଣସି ବନ୍ଧୁ ଏମିତି କରୁଛନ୍ତି ତେବେ ସେମାନଙ୍କ ଠାରୁ ଦୂରେଇ ରହିବା ଭଲ।

### ଏକପାଖିଆ ବ୍ୟବହାର:

ନକଲି ବନ୍ଧୁମାନଙ୍କ ସହିତ ସମ୍ପର୍କ ସର୍ବଦା ଏକପାଖିଆ ମନେହୁଏ। ଉଦାହରଣ ସ୍ୱରୂପ, ଯେତେବେଳେ ଆପଣ ନିଜ ସାଙ୍ଗମାନଙ୍କ ସହିତ କଥା ହେଉଥିବେ, ସେମାନେ କେବଳ ନିଜ ବିଷୟରେ କହୁଥିବେ। ସେମାନଙ୍କ ଜୀବନରେ ଯାହା ଘଟୁଛି ତାହା ଶେୟାର କରୁଥିବେ। ନିଜର ମତାମତ ଦେବା ଜାରି ରଖୁଥିବେ। ଆପଣଙ୍କ ସହିତ ଯାହା ଘଟୁଛି ସେଥିରେ ସେମାନେ ଆଗ୍ରହ ଦେଖାଉ ନଥିବେ। ଏପରି ବନ୍ଧୁମାନଙ୍କଠାରୁ ଦୂରରେ ରହିବା ଆପଣଙ୍କ ପାଇଁ ଭଲ, ଯେଉଁମାନଙ୍କ ଆଚରଣ ଏଭଳି ଏକପାଖିଆ ଦେଖାଯାଏ।

### ଅବିଶ୍ୱସନୀୟତା:

ନକଲି ବନ୍ଧୁମାନେ ଅବିଶ୍ୱସନୀୟ ହୋଇପାରନ୍ତି। ସେମାନେ ଦେଇଥିବା ପ୍ରତିଶ୍ରୁତି ପାଳନ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ସେମାନଙ୍କୁ କୌଣସି କ୍ଷେତ୍ରରେ ବି ବିଶ୍ୱାସ କରିବା କଷ୍ଟକର ହୋଇପାରେ। ସେମାନେ ଆପଣଙ୍କୁ ସାହାଯ୍ୟ କରିବାକୁ ପ୍ରତିଜ୍ଞା କରିପାରନ୍ତି, କିନ୍ତୁ ଶେଷ ମୁହୂର୍ତ୍ତରେ ଆପଣଙ୍କୁ ଛାଡି ପଳାଇପାରନ୍ତି।

### ବିଶ୍ୱାସଘାତକତା:

ନକଲି ବନ୍ଧୁମାନେ ଆପଣଙ୍କ ପ୍ରତି କେବେ ବି ବିଶ୍ୱସ୍ତ ହୋଇପାରିବେ ନାହିଁ। ସେମାନେ ଆପଣଙ୍କର ସମସ୍ତ ରହସ୍ୟ ଅନ୍ୟମାନଙ୍କ ସହିତ ମଧ୍ୟ ଶେୟାର କରିପାରନ୍ତି। ସେମାନେ ଆପଣଙ୍କ ପଛରେ ଖରାପ କଥା କହିପାରନ୍ତି କିମ୍ବା ତୁମ ବିଷୟରେ ଗୁଜବ ବିସ୍ତାର କରିପାରନ୍ତି।

### ଅସମ୍ମାନ:

ଯେକୌଣସି ସମୟରେ, ଯେକୌଣସି ପରିସ୍ଥିତିରେ ନକଲି ବନ୍ଧୁମାନେ ଆପଣଙ୍କୁ ଅନ୍ୟମାନଙ୍କ ସାମ୍ନାରେ ମିଥ୍ୟାବାଦୀ ପ୍ରମାଣ କରି ତୁମକୁ ଅସମ୍ମାନ କରିପାରନ୍ତି। ଏମାନେ ଆପଣଙ୍କୁ ଅପମାନ କିମ୍ବା ପରିହାସ ମଧ୍ୟ କରିପାରନ୍ତି।

### ଈର୍ଷା:

ଏହିପରି ବନ୍ଧୁମାନେ ତୁମର ସଫଳତା ଏବଂ ଉପଲବ୍ଧିକୁ ବିପଦ ବୋଲି ଅନୁଭବ କରନ୍ତି। ସେମାନେ ଆପଣଙ୍କ ଅଗ୍ରଗତି ପାଇଁ ଈର୍ଷା ଅନୁଭବ କରନ୍ତି। ଆପଣଙ୍କର ସଫଳତାର ମଜ୍ଜା ନେବା ପରିବର୍ତ୍ତେ, ସେମାନେ ତୁମକୁ ନିଚା କରିବାକୁ ଚେଷ୍ଟା କରନ୍ତି କିମ୍ବା ଆପଣଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚେଷ୍ଟା କରନ୍ତି। ଯଥାଶୀଘ୍ର ଏହିପରି ଲୋକମାନଙ୍କଠାରୁ ନିଜକୁ ଦୂରେଇ ରଖିବା ଭଲ।



## ମିଶନ୍ ୨୦୩୦ ଓ ସହରୀ ମ୍ୟାଲେରିଆ

ଭାରତ ବର୍ଷ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ଅତିକ୍ରମ କରିବା ଦିଗରେ ଅଗ୍ରସର ହେଉଛି, ଯେଉଁଥିରେ ୨୦୩୦ ମସିହା ସୁଦ୍ଧା ଦେଶରୁ ମ୍ୟାଲେରିଆକୁ ସମ୍ପୂର୍ଣ୍ଣ ରୂପେ ନିର୍ମୂଳ କରିବା ପାଇଁ ସରକାର ଏକ ଦୃଢ଼ ସଂକଳ୍ପ ନେଇଛନ୍ତି। ବିଗତ କିଛି ବର୍ଷ ମଧ୍ୟରେ ଭାରତ ମ୍ୟାଲେରିଆ ବିରୋଧୀ ଲଢ଼େଇରେ ସଫଳତା ହାସଲ କରିଛି । ସରକାରୀ ପରିସଂଖ୍ୟାନ ଅନୁଯାୟୀ, ୨୦୧୫ ରୁ ୨୦୨୪ ମଧ୍ୟରେ ଦେଶରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟାରେ ପ୍ରାୟ ୮୫ ପ୍ରତିଶତ ହ୍ରାସ ଘଟିଛି ଏବଂ ମୃତ୍ୟୁ ସଂଖ୍ୟା ମଧ୍ୟ ଯଥେଷ୍ଟ କମିଛି, ଯାହା ଏକ ଶୁଭ ସଙ୍କେତ । କିନ୍ତୁ ଏହି ସଫଳତାର ଆଲୋକ ମଧ୍ୟରେ ଏକ କଳା ବାଦଲ ଘୋଟି ଆସୁଛି ଯାହା ଆମର ଦୀର୍ଘ ଦିନର ପରିଶ୍ରମ ଓ ସମସ୍ତ ପ୍ରୟାସକୁ ବିଫଳ କରିଦେବାର କ୍ଷମତା ରଖେ । ସମ୍ପ୍ରତି ପ୍ରକାଶିତ ବିଭିନ୍ନ ଗବେଷଣାତ୍ମକରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ସହରାଞ୍ଚଳରେ ଦ୍ରୁତ ଗତିରେ ବ୍ୟାପୁଥିବା ଏକ ଆକ୍ରମଣାତ୍ମକ ମଶା ପ୍ରଜାତି 'ଆନୋଫିଲିସ୍ ଷ୍ଟିଫେନ୍ସି' (**Anopheles stephensi**) ଭାରତର ମ୍ୟାଲେରିଆ ମୁକ୍ତ ସ୍ୱପ୍ନ ପାଇଁ ଏକ ଗମ୍ଭୀର ବିପଦ ସାଜିଛି । ଯଦି ତୁରନ୍ତ ଏହାର ମୁକାବିଲା ପାଇଁ ଉପଯୁକ୍ତ ତଥା ବୈଜ୍ଞାନିକ ପଦକ୍ଷେପ ଗ୍ରହଣ କରା ନ ଯାଏ, ତେବେ ୨୦୩୦ ସୁଦ୍ଧା ମ୍ୟାଲେରିଆ ନିରାକରଣ ଲକ୍ଷ୍ୟ କେବଳ ଏକ କାଗଜ କଲମର ପ୍ରତିଶ୍ରୁତି ହୋଇ ରହିଯିବାର ଯଥେଷ୍ଟ ଆଶଙ୍କା ରହିଛି ।

ପାରମ୍ପରିକ ଭାବରେ ଭାରତରେ ମ୍ୟାଲେରିଆକୁ ଏକ ଗ୍ରାମୀଣ ତଥା ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳର ସମସ୍ୟା ଭାବରେ ବିବେଚନା କରାଯାଉଥିଲା, ଯେଉଁଠାରେ ସ୍ୱାସ୍ଥ୍ୟ ସେବାର ଅଭାବ ଏବଂ ସଚେତନତାର ଅଭାବ ମୁଖ୍ୟ କାରଣ ଥିଲା । ଗ୍ରାମାଞ୍ଚଳରେ ଦେଖାଯାଉଥିବା 'ଆନୋଫିଲିସ୍ କ୍ୟୁଲିସିଫାସିସ୍' (**Anopheles culicifacies**) ନାମକ ମଶା ମୁଖ୍ୟତଃ ଏହି ରୋଗର ବାହକ ଥିଲା, ଯାହା ନଦୀ, ନାଳ, ପୋଖରୀ ଏବଂ ବର୍ଷା ଜଳ ଜମି ରହୁଥିବା ପ୍ରାକୃତିକ ସ୍ଥାନମାନଙ୍କରେ ବଂଶବିସ୍ତାର କରୁଥିଲା । କିନ୍ତୁ ବର୍ତ୍ତମାନର ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ରୂପ ନେଇଛି ଏବଂ ଯୁଦ୍ଧକ୍ଷେତ୍ର ଗ୍ରାମରୁ ସହରକୁ ସ୍ଥାନାନ୍ତରିତ ହୋଇଛି । 'ଆନୋଫିଲିସ୍ ଷ୍ଟିଫେନ୍ସି' ଏକ ଏପରି ବିଚିତ୍ର ପ୍ରଜାତି ଯାହା ସହରୀ ପରିବେଶରେ ବଞ୍ଚିବା ପାଇଁ ନିଜକୁ ସମ୍ପୂର୍ଣ୍ଣ ରୂପେ ଖାପ ଖୁଆଇ ନେଇଛି ଏବଂ ଏହାକୁ 'ସହରୀ ମ୍ୟାଲେରିଆ ବାହକ' ବୋଲି କୁହାଯାଉଛି। ଏହି ମଶା ପ୍ରଜାତିର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଯେ ଏହା ପ୍ରାକୃତିକ ଜଳାଶୟ ଅପେକ୍ଷା ମନୁଷ୍ୟକୃତ କୃତ୍ରିମ ଜଳ ଭଣ୍ଡାରରେ ବଂଶବିସ୍ତାର କରିବାକୁ ଅଧିକ ପସନ୍ଦ କରେ । ସହରମାନଙ୍କରେ ଘରେ ଥିବା ପାଣି ଟାଙ୍କି, ସିମେଣ୍ଟ ଟାଙ୍କି, କୁଲର, ଫୁଲ କୁଣ୍ଡ, ଫ୍ରିଜ୍ ତଳେ ଥିବା ଟ୍ରେ, ଏବଂ ନିର୍ମାଣାଧୀନ କୋଠାବାଡ଼ିରେ ଜମି ରହୁଥିବା ପାଣି ଏହି ମଶା ପାଇଁ ଆଦର୍ଶ ପ୍ରଜନନ ସ୍ଥଳ ପାଲଟିଛି। ଗ୍ରାମାଞ୍ଚଳରୁ ମ୍ୟାଲେରିଆ କମୁଥିବା ବେଳେ ସହରାଞ୍ଚଳରେ ଏହାର ପ୍ରାଦୁର୍ଭାବ ବଢ଼ିବା ଏକ ଅତ୍ୟନ୍ତ ଚିନ୍ତାର ବିଷୟ, କାରଣ ସହର ଗୁଡ଼ିକରେ ଜନସଂଖ୍ୟା ଘନତ୍ୱ ଅତ୍ୟଧିକ ହୋଇଥିବାରୁ ଖୁବ୍ କମ୍ ସମୟ ମଧ୍ୟରେ ରୋଗ ବ୍ୟାପିବାର ଆଶଙ୍କା ମଧ୍ୟ ଅଧିକ ରହିଥାଏ ।

ଏହି ଗମ୍ଭୀର ସମସ୍ୟାର ମୂଳ କାରଣ ଖୋଜିବାକୁ ଗଲେ ଆମକୁ ଅନିୟନ୍ତ୍ରିତ ସହରୀକରଣ ଏବଂ ବିକାଶର ଢାଞ୍ଚା ଉପରେ ଦୃଷ୍ଟି ଦେବାକୁ ପଡ଼ିବ । ଭାରତର ବିଭିନ୍ନ ପ୍ରାନ୍ତରେ ଯେଭଳି ଭାବରେ ଦ୍ରୁତ ଗତିରେ ସହର ଗଢ଼ି ଉଠୁଛି ଏବଂ ଅହରହ ନିର୍ମାଣ କାର୍ଯ୍ୟ ଚାଲିଛି, ତାହା ଏହି ମଶା ବଂଶବୃଦ୍ଧି ପାଇଁ ଅପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରୁଛି । ବଡ଼ ବଡ଼ କୋଠା ନିର୍ମାଣ ସମୟରେ ବ୍ୟବହୃତ ହେଉଥିବା ପାଣି ଟାଙ୍କି ଗୁଡ଼ିକ ଅଧିକାଂଶ ସମୟରେ ଖୋଲା ରହିଥାଏ ଏବଂ କ୍ୟୁରିଂ ପାଇଁ ଜମା କରାଯାଇଥିବା ପାଣି ମଶାଙ୍କ ପାଇଁ ଏକ ନିମନ୍ତ୍ରଣ ସଦୃଶ ହୋଇଥାଏ । ଏହା ବ୍ୟତୀତ, ସହରମାନଙ୍କରେ ଜଳ ଯୋଗାଣର ଅନିୟମିତତା ଯୋଗୁଁ ଲୋକମାନେ ଘରେ ଦିନ ଦିନ ଧରି ପାଣି ସାଇତି ରଖିବାକୁ ବାଧ୍ୟ ହୁଅନ୍ତି । ଢାଙ୍କୁଣୀ ନଥିବା ବା ଠିକ୍ ଭାବରେ ବନ୍ଦ ହୋଇନଥିବା ଏହି ପାତ୍ରଗୁଡ଼ିକରେ 'ଆନୋଫିଲିସ୍ ଷ୍ଟିଫେନ୍ସି' ସହଜରେ ଅଣ୍ଡା ଦେଇଥାଏ । ଏହି ମଶା ଅତ୍ୟନ୍ତ ଚତୁର ଏବଂ କଠିନ ପରିସ୍ଥିତିରେ ମଧ୍ୟ ବଞ୍ଚି ରହିବାର କ୍ଷମତା ରଖେ, ଯାହା ଏହାକୁ ଅନ୍ୟ ମଶା ପ୍ରଜାତିଠାରୁ ଭିନ୍ନ କରିଥାଏ । ଏହା କେବଳ ଭାରତରେ ସୀମିତ ନୁହେଁ, ବରଂ ଆଫ୍ରିକା ଏବଂ ଶ୍ରୀଲଙ୍କା ଭଳି ଦେଶମାନଙ୍କରେ ମଧ୍ୟ ଏହି ପ୍ରଜାତିର ଅନୁପ୍ରବେଶ ଯୋଗୁଁ ମ୍ୟାଲେରିଆ ନିୟନ୍ତ୍ରଣ କଷ୍ଟକର ହୋଇପଡ଼ିଛି, ଯାହା ଏକ ବିଶ୍ୱସ୍ତରୀୟ ଚିନ୍ତାର କାରଣ ପାଲଟିଛି । ଭାରତରେ ମଧ୍ୟ ଏହା ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ପରିବହନ ଓ ଯାତାୟାତ ମାଧ୍ୟମରେ ବ୍ୟାପିବାରେ ଲାଗିଛି, ଯାହା ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ବୈଷୟିକ ଦିଗ ହେଉଛି କୀଟନାଶକ ପ୍ରତିରୋଧ ଶକ୍ତି, ଯାହା ବୈଜ୍ଞାନିକମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ଦୀର୍ଘ ଦିନ ଧରି ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ବ୍ୟବହୃତ ହେଉଥିବା ପାରମ୍ପରିକ ରାସାୟନିକ ଔଷଧ, ଧୂଆଁ ଏବଂ ସ୍ପ୍ରେ ଗୁଡ଼ିକ ଏହି ନୂତନ ମଶା ପ୍ରଜାତି ଉପରେ ବିଶେଷ ପ୍ରଭାବ ପକାଉନାହିଁ। ଗବେଷଣାରୁ ଜଣାପଡ଼ିଛି ଯେ 'ଆନୋଫିଲିସ୍ ଷ୍ଟିଫେନ୍ସି' ଅନେକ ପ୍ରଚଳିତ କୀଟନାଶକ ବିରୋଧରେ ନିଜ ଶରୀରରେ ପ୍ରତିରୋଧ ଶକ୍ତି ବା ଇମ୍ୟୁନିଟି ବିକାଶ କରିସାରିଛି । ଫଳରେ, ପୌରପାଳିକା ଦ୍ୱାରା କରାଯାଉଥିବା ପାରମ୍ପରିକ ଧୂଆଁ ଦେବା କିମ୍ବା ଔଷଧ ସିଞ୍ଚନ କରିବା ପଦ୍ଧତି ଏହାର ଦମନ ପାଇଁ ଯଥେଷ୍ଟ ହେଉନାହିଁ । ଏହା ସହିତ, ଏହି ମଶା ଘର ଭିତରେ ରହିବାକୁ ଏବଂ ରାତିରେ କାମୁଡ଼ିବାକୁ ପସନ୍ଦ କରେ, ଯାହା ମଶାରୀ ବ୍ୟବହାର ନକରୁଥିବା ସହରୀ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରେ । ଗ୍ରାମାଞ୍ଚଳରେ ଲୋକମାନେ ମଶାରୀ ବ୍ୟବହାର କରିବାକୁ ଯେତିକି ଅଭ୍ୟସ୍ତ, ସହରାଞ୍ଚଳର ଅନେକ ଶିକ୍ଷିତ ବର୍ଗ ମଧ୍ୟ ଏଥିପ୍ରତି ଅବହେଳା ପ୍ରଦର୍ଶନ କରନ୍ତି ଏବଂ କେବଳ ଇଲେକ୍ଟ୍ରିକ୍ ରିପେଲାଣ୍ଟ ଉପରେ ନିର୍ଭର କରନ୍ତି, ଯାହା ସବୁବେଳେ କାର୍ଯ୍ୟକାରୀ ହୁଏନାହିଁ । ଏହି ଅବହେଳା ସଂକ୍ରମଣର ଆଶଙ୍କାକୁ ଦ୍ୱିଗୁଣିତ କରୁଛି ।

ଏହି ଜଟିଳ ପରିସ୍ଥିତିର ମୁକାବିଲା ପାଇଁ କେବଳ ସ୍ୱାସ୍ଥ୍ୟ ବିଭାଗର ଏକକ ପ୍ରୟାସ କଦାପି ଯଥେଷ୍ଟ ହେବ ନାହିଁ । ଏଥିପାଇଁ ଏକ ବହୁମୁଖୀ ଏବଂ ସମନ୍ୱିତ ରଣନୀତିର ଆବଶ୍ୟକତା ରହିଛି ଯେଉଁଥିରେ ସରକାର, ବେସରକାରୀ ଅନୁଷ୍ଠାନ ଏବଂ ଜନସାଧାରଣଙ୍କ ସହଯୋଗ ଏକାନ୍ତ କାମ୍ୟ । ପ୍ରଥମତଃ, ସହରୀ ଯୋଜନା ଏବଂ ପୌରପାଳିକା ଗୁଡ଼ିକୁ ଏଥିରେ ସକ୍ରିୟ ଭାବରେ ସାମିଲ ହେବାକୁ ପଡ଼ିବ । ନିର୍ମାଣାଧୀନ କୋଠା ଗୁଡ଼ିକରେ ଯେପରି ପାଣି ଜମି ନ ରୁହେ, ସେଥିପାଇଁ କଡ଼ା ନିୟମ ପ୍ରଣୟନ କରାଯିବା ଉଚିତ୍ ଏବଂ ବିଲ୍ଡିଂ ବାଇ-ଲ (**Building Bye-laws**) ରେ ମଶା ନିୟନ୍ତ୍ରଣକୁ ଏକ ବାଧ୍ୟତାମୂଳକ ସର୍ତ୍ତ ଭାବରେ ରଖାଯିବା ଆବଶ୍ୟକ । ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କେବଳ ଜୋରିମାନା ନୁହେଁ, ବରଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ଦ୍ୱିତୀୟତଃ, ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏକାନ୍ତ ଆବଶ୍ୟକ । ପ୍ରତି ସପ୍ତାହରେ ଅନ୍ତତଃ ଗୋଟିଏ ଦିନ ସମସ୍ତ ପାଣି ପାତ୍ର, କୁଲର ଏବଂ ଟାଙ୍କି ସଫା କରିବାକୁ ଲୋକଙ୍କୁ ଉତ୍ସାହିତ କରିବାକୁ ହେବ । ତୃତୀୟତଃ, ନିରନ୍ତର ନିରୀକ୍ଷଣ ବା ସର୍ଭେଲାନ୍ସ ବ୍ୟବସ୍ଥାକୁ ମଜବୁତ କରିବାକୁ ପଡ଼ିବ । କେଉଁ ଅଞ୍ଚଳରେ ଏହି ମଶାର ଲାର୍ଭା ମିଳୁଛି, ତାହା ତୁରନ୍ତ ଚିହ୍ନଟ କରି ସେଠାରେ ନିୟନ୍ତ୍ରଣମୂଳକ ପଦକ୍ଷେପ ନେବା ଜରୁରୀ, ଯାହା ଦ୍ୱାରା ରୋଗ ବ୍ୟାପିବା ପୂର୍ବରୁ ହିଁ ଏହାକୁ ରୋକାଯାଇପାରିବ ।

ଏହା ବ୍ୟତୀତ, ଗବେଷଣା କ୍ଷେତ୍ରରେ ମଧ୍ୟ ଅଧିକ ପୁଞ୍ଜି ଓ ସମ୍ବଳ ବିନିଯୋଗର ଆବଶ୍ୟକତା ରହିଛି । ଯେହେତୁ ପୁରୁଣା କୀଟନାଶକ ଗୁଡ଼ିକ ଅକାମୀ ହୋଇଯାଉଛି, ତେଣୁ ନୂତନ ଜ୍ଞାନକୌଶଳ ଏବଂ ଜୈବିକ ନିୟନ୍ତ୍ରଣ ପଦ୍ଧତି ଉପରେ ଗୁରୁତ୍ୱ ଦେବାକୁ ହେବ । ଉଦାହରଣ ସ୍ୱରୂପ, ମଶା ଲାର୍ଭା ଖାଉଥିବା ମାଛ (ଯେପରିକି ଗାମ୍ବୁସିଆ ଓ ଗପ୍ପି) କୁ ଜଳାଶୟରେ ଛାଡ଼ିବା କିମ୍ବା ଜେନେଟିକ୍ ଇଞ୍ଜିନିୟରିଂ ମାଧ୍ୟମରେ ମଶା ବଂଶ ନିୟନ୍ତ୍ରଣ କରିବା ଦିଗରେ ଚିନ୍ତା କରାଯାଇପାରେ । ସହରାଞ୍ଚଳରେ ବସବାସ କରୁଥିବା ପ୍ରବାସୀ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଚିକିତ୍ସା ଉପରେ ମଧ୍ୟ ବିଶେଷ ଧ୍ୟାନ ଦେବା ଆବଶ୍ୟକ, କାରଣ ସେମାନେ ଅଜାଣତରେ ରୋଗର ବାହକ ସାଜିପାରନ୍ତି ଏବଂ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ମ୍ୟାଲେରିଆ ପାରାସାଇଟ୍ ବହନ କରିଥାନ୍ତି । ବିଶେଷ କରି ଯେଉଁ ସହର ଗୁଡ଼ିକରେ ନିର୍ମାଣ କାର୍ଯ୍ୟ ବ୍ୟାପକ ଭାବରେ ଚାଲିଛି, ସେଠାରେ ଶ୍ରମିକମାନଙ୍କ ରହଣି ସ୍ଥଳରେ ମଶାରୀ ବଣ୍ଟନ ଏବଂ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ଅତ୍ୟନ୍ତ ଜରୁରୀ ।

୨୦୩୦ ମସିହା ଆଉ ବେଶୀ ଦୂର ନୁହେଁ, ମାତ୍ର ପାଞ୍ଚ ବର୍ଷର ସମୟ ବାକି ଅଛି। ଯଦି ଆମେ ବର୍ତ୍ତମାନ ଏହି 'ଆନୋଫିଲିସ୍ ଷ୍ଟିଫେନ୍ସି' ବିପଦକୁ ହାଲୁକା ଭାବରେ ଗ୍ରହଣ କରିବା, ତେବେ ମ୍ୟାଲେରିଆ ମୁକ୍ତ ଭାରତର ସ୍ୱପ୍ନ ଭାଙ୍ଗିଯିବାର ସମ୍ଭାବନା ଅଧିକ । ଏହା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ଯେ ସେମାନେ ନିଜ ପରିବେଶକୁ ପରିଷ୍କାର ରଖିବେ ଏବଂ ମଶା ବଂଶବୃଦ୍ଧି ରୋକିବାରେ ସହଯୋଗ କରିବେ । ସହରୀ ମ୍ୟାଲେରିଆର ଏହି ନୂତନ ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ଏକ ସମନ୍ୱିତ ପ୍ରୟାସର ଆବଶ୍ୟକତା ରହିଛି ।

## ଶ୍ରୀମନ୍ଦିରର ବିଶ୍ୱପ୍ରସିଦ୍ଧ ରୋଷଘର ରହସ୍ୟ



ଭୋଳାନାଥ ସାହୁ

କୋଟି କୈବଲ୍ୟନାଥ, ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବର୍ଣ୍ଣନାତୀତ ଲୀଳା ଓ ରହସ୍ୟ ରହିଛି । ସେସବୁକୁ ଟିକିନିଖି ଭାବରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ତାଙ୍କର ବିଭିନ୍ନ ରହସ୍ୟମୟ କଥା ମଧ୍ୟରୁ ତାଙ୍କ ନିମନ୍ତେ ପ୍ରସ୍ତୁତ ହେଉଥିବା ଛାତିଏ ପଉଟି ଭୋଗ, ଅନ୍ନ, ବ୍ୟଞ୍ଜନ ପାଇଁ ଉଦ୍ଦିଷ୍ଟ ରୋଷଘରର ରହସ୍ୟ ଚମକପ୍ରଦ ଓ ଅବିଶ୍ୱସନୀୟ । ଯେଉଁ ଦାରୁବ୍ରହ୍ମଙ୍କ ରୋଷଘର ବିଶ୍ୱର ସର୍ବବୃହତ ରୋଷଘରର ମାନ୍ୟତା ଲାଭ କରିଛି । ଯେଉଁଠାରେ ପ୍ରତିଦିନ ହୋମ ବୈଷ୍ଣବାଗ୍ନିକୁ ପ୍ରଜ୍ୱଳିତ କରାଯାଇ ରୋଷ ନିମନ୍ତେ ଅଗ୍ନି ସଂଯୋଗ କରାଯାଏ । ଶ୍ରୀମନ୍ଦିରର ଐଶ୍ୱର୍ଯ୍ୟଶାଳିନୀ ମା' ମହାଲକ୍ଷ୍ମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଧୂପ, ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ । ଶ୍ରୀମନ୍ଦିରର ରୋଷ ଘରର ଅବସ୍ଥିତି ଯେତିକି ଆଶ୍ଚର୍ଯ୍ୟଜନକ ତାଠାରୁ ଅଧିକ ରହସ୍ୟମୟ ରୋଷଘରେ ପ୍ରସ୍ତୁତ ହେଉଥିବା ଅନ୍ନବ୍ୟଞ୍ଜନ ପ୍ରସ୍ତୁତି ପ୍ରଣାଳୀ । ତେବେ ଆସନ୍ତୁ ଜାଣିବା ଏହି ରୋଷ ଘରର ରହସ୍ୟମୟ କେତେକ କଥାବସ୍ତୁ ସମ୍ପର୍କରେ ।

ଶ୍ରୀମନ୍ଦିରର ସିଂହଦ୍ୱାର ଦେଇ ପ୍ରବେଶ କଲେ ବାଇଶି ପାହାଚ ଅତିକ୍ରମ କରିବା ପରେ ଆରମ୍ଭହୁଏ ଭିତର ବେଢ଼ା । ଭିତର ବେଢ଼ାର ଦକ୍ଷିଣପୂର୍ବ ଦିଗ ଆଗ୍ନେୟ କୋଣରେ ଶ୍ରୀଜଗନ୍ନାଥଙ୍କ ରୋଷଘର ଅବସ୍ଥିତ । ଯଦି ଆମେ ବିଶ୍ୱମାନଚିତ୍ରକୁ ଅନୁଧ୍ୟାନ କରିବା ତେବେ ଏସିଆ ମହାଦେଶ ବିଶ୍ୱର ଦକ୍ଷିଣ ପୂର୍ବ ଆଗ୍ନେୟ କୋଣରେ ଅବସ୍ଥିତ । ସେହିପରି ଭାରତବର୍ଷର ଓଡ଼ିଶା ପ୍ରଦେଶ, ଓଡ଼ିଶାର ପୁରୀ ଜିଲ୍ଲା, ପୁରୀ ଜିଲ୍ଲାର ଶ୍ରୀମନ୍ଦିର ଓ ଶ୍ରୀମନ୍ଦିରର ଦକ୍ଷିଣ ପୂର୍ବ ଆଗ୍ନେୟ କୋଣରେ ବିଶ୍ୱପ୍ରସିଦ୍ଧ ରୋଷଘର ରହିଛି । ଯେଉଁ ଦିଗ ବା କୋଣ ଅଗ୍ନିକୋଣ/ ଆଗ୍ନେୟ କୋଣ ଭାବରେ ପରିଚିତ । ଏହି କୋଣକୁ ଅଗ୍ନି ଦେବତାଙ୍କ ବାସସ୍ଥାନ ବୋଲି ସ୍ୱୀକାର କରାଯାଏ । ଯାହାକୁ ଶ୍ରୀମନ୍ଦିରର ବଡ଼ଖିଆ ଶ୍ରୀଜଗନ୍ନାଥଙ୍କର 'ଅର୍ଣ୍ଣମୟକ୍ଷେତ୍ର' ବା କଳିଯୁଗୀୟ ମଣିଷର 'ଅନ୍ନମୟ ପିଣ୍ଡ' ନାମରେ ନାମିତ । ଶ୍ରୀଜଗନ୍ନାଥ ଧାମରେ ସେଥିପାଇଁ କୁହାଯାଇଛି - "ଯେତେ ଦେଉଥିବେ ସେତେ ଖାଉଥିବି ନ ଶୁଖିବ ମୋର ହାତ, ଲୋକେ କହୁଥିବେ ଖାଇବା ଠାକୁର ନୀଳାଚଳେ ଶ୍ରୀଜଗନ୍ନାଥ ।" କୁହାଯାଏ ଛାତିଏ ପଉଟି ଅନ୍ନବ୍ୟଞ୍ଜନଖିଆ ମହାପ୍ରଭୁଙ୍କର ଦକ୍ଷିଣ ହସ୍ତ କେବେ ଶୁଖେ ନାହିଁ। ଛାତିଏ ପଉଟି ଧୂପ ଓ ବ୍ୟଞ୍ଜନକୁ ନେଇ ତିନି ଧୂପ ଓ ପାଂଚ ଅବକାଶର ବ୍ୟବସ୍ଥା ଶ୍ରୀମନ୍ଦିରରେ ପାଳିତ ।

ସାଧାରଣ ପାକପ୍ରଣାଳୀ ଠାରୁ ଶ୍ରୀମନ୍ଦିର ରୋଷଘର ପାକ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ । ଏହା ଜଗନ୍ନାଥଙ୍କ ଶ୍ରୀମନ୍ଦିରର ଏକ ସ୍ୱତନ୍ତ୍ର କଳାଶିଳ୍ପ । ବ୍ୟବହୃତ ପାକ ହାଣ୍ଡିକୁ ବାଇହାଣ୍ଡି, ସମାଧିହାଣ୍ଡି ଓ କୁଡୁଆ କୁହାଯାଏ । ବାଇହାଣ୍ଡିରେ କେବଳ କାନିକା ପ୍ରସ୍ତୁତ କରାଯାଏ । କୁଡୁଆରେ ପ୍ରସ୍ତୁତ ଅନ୍ନକୁ ମଧ୍ୟ ବାଇ ହାଣ୍ଡିରେ ଢ଼ଳାଯାଇଥାଏ । ବାଇହାଣ୍ଡିରେ ପେଜ ବାହାରିବା ପାଇଁ ଛିଦ୍ର ରହିଥାଏ । ତଳ ଉପର କୁଡୁଆକୁ ବଦଳାଇବା ପାଇଁ ସୁଆର ମାନେ ହାତେ ଲମ୍ବର ଖଣ୍ଡିଏ ଦଉଡ଼ି ଓ ଡ଼ଙ୍କା ଦ୍ୱାରା ବିଚକ୍ଷଣ ଭାବରେ କାର୍ଯ୍ୟ ପରିଚାଳନା କରିଥାନ୍ତି । ଆବଶ୍ୟକସ୍ଥଳେ ପିତଳ ପିଙ୍ଗଣରେ ରନ୍ଧାଯାଇ ଭୋଗମଧ୍ୟ ବଢ଼ାଯାଇଥାଏ। ମହାପ୍ରଭୁଙ୍କ ଶ୍ରୀମନ୍ଦିରର ରୋଷଘରେ ୭୫୨/୩୦୦/୨୫୦ ଚୁଲି ରହିଥିବାର ବର୍ଣ୍ଣନା ବିଭିନ୍ନ ଶାସ୍ତ୍ର ମାନଙ୍କରୁ ଜଣାଯାଏ । ମାତ୍ର ବାସ୍ତବରେ ଏହି ବିଶ୍ୱପ୍ରସିଦ୍ଧ ରୋଷଘରେ ୨୪୩ଟି ଚୁଲି ରହିଛି । ପ୍ରତ୍ୟେକ ଚୁଲାରେ ୬ରୁ୯ଟି ଲେଖାଏଁ ଠେକା / ପଖା (ଝିଙ୍କା) ରହିଥାଏ । ବୈଦିକ ରୀତିନୀତି ଅନୁସାରେ ଚୁଲାଗୁଡ଼ିକ ପ୍ରସ୍ତୁତ ହୋଇଥାଏ । ପ୍ରତି ପଖାରେ ଗୋଟିଏ ଗୋଟିଏ କୁଡୁଆ ଓ ପ୍ରତି କୁଡୁଆର ଉପରକୁ ଉପରକୁ ୬ ରୁ ୯ ଟି କୁଡୁଆ ରଖାଯାଇ ଅନ୍ନ ପ୍ରସ୍ତୁତ କରାଯାଏ । ଆଶ୍ଚର୍ଯ୍ୟକର କଥାଯେ ସବୁଠାରୁ ଉପର କୁଡୁଆରେ ପ୍ରଥମେ ଅନ୍ନ ପ୍ରସ୍ତୁତ ହୋଇଥାଏ । ପ୍ରତି ଥାକରେ ୬ ରୁ ୯ଟି କୁଡୁଆ ସ୍ଥାପନ କରିବାର କୌଶଳ ସୂପକାରଙ୍କ ଦକ୍ଷତା ଉପରେ ନିର୍ଭରଶୀଳ । ପ୍ରତିଟି ସୂପକାର ମା' ଦକ୍ଷିଣକାଳୀଙ୍କ ସିନ୍ଦୁର ମସ୍ତକରେ ପିନ୍ଧିଥାନ୍ତି । ଅନ୍ୟଥା ତାଙ୍କୁ ରୋଷଘରକୁ ପ୍ରବେଶ ନିଷେଧ ଥାଏ । ମା' ଦକ୍ଷିଣକାଳୀ ଅଗ୍ନି ସ୍ୱରୂପା ଭାବରେ ରୋଷଘରେ ବିରାଜମାନ କରିଥାନ୍ତି । ଏହା ସହିତ ପ୍ରଭୁ ରୋଷ ଗଣେଷ ମଧ୍ୟ ରୋଷଘରେ ରହିଛନ୍ତି । ପ୍ରତିଦିନ ରୋଷଘରକୁ ଧୋପଖାଳ କରିବା ପରେ ଅନ୍ନବ୍ୟଞ୍ଜନ ପ୍ରସ୍ତୁତ ହୁଏ । ଶ୍ରୀମନ୍ଦିରର ରୋଷଘରେ ଅନ୍ନପ୍ରସ୍ତୁତି ପାଇଁ ଯେଉଁ ଚାଉଳ ଥାଏ ତାହାକୁ 'ଅମୁଣିଆ' କହନ୍ତି । ଏହି ଅମୁଣିଆ ଯେତେବେଳେ ରୋଷଘରେ ରନ୍ଧା ହୋଇଯାଏ ତାହାକୁ 'ଅନ୍ନ' ଏବଂ ଏହା ରୋଷଘରୁ ବାହାରି ଆସିଲେ 'ଛେକ' କୁହାଯାଏ । ଏହି ଛେକ ଭୈରବୀ ପୀଠରେ ଥିବା ବେଳେ 'ଭୋଗ' ଏବଂ ଏହା ତିନି ଠାକୁରଙ୍କ ପାଖରେ ଲାଗିହେବା ପରେ 'ନୈବେଦ୍ୟ' ନାମରେ ନାମିତ ହୁଏ । ଏହି ନୈବେଦ୍ୟ ମା' ବିମଳାଙ୍କ ପାଖରେ ଲାଗିହେବା ପରେ 'ମହାପ୍ରସାଦ' ଓ ଏହି ମହାପ୍ରସାଦ ପଂଚ ପରମେଶ୍ୱରଙ୍କ ଠାରେ ଲାଗି ହେବା ପରେ 'କୈବଲ୍ୟ' ନାମ ଧାରଣ କରିଥାଏ । କୈବଲ୍ୟକୁ ଯେତେବେଳେ ଆନନ୍ଦ ବଜାରରେ ଭକ୍ତମାନେ ସେବନ କରନ୍ତି ତାହା 'ଅବଢ଼ା' ନାମରେ ଓ ଏହି ଅବଢ଼ା ର ଶୁଖିଲା ରୂପକୁ 'ନିର୍ମାଲ୍ୟ' କୁହାଯାଏ । ଏହି ନିର୍ମାଲ୍ୟକୁ ଆସନ୍ନ ମୃତ୍ୟୁଗାମୀ ମଣିଷର ତୁଣ୍ଡରେ ଦେଲେ ସେ ମୁକ୍ତି ପାଏ ବୋଲି ବିଶ୍ୱାସ ରହିଛି । ଅମୁଣିଆରୁ ନିର୍ମାଲ୍ୟ ପର୍ଯ୍ୟନ୍ତ ପ୍ରତିଟି ରହସ୍ୟ କେବଳ ମହାପ୍ରଭୁଙ୍କ ମହାପ୍ରସାଦରେ ହିଁ ରହିଛି ।

ମହାପ୍ରଭୁଙ୍କର ରୋଷଘରକୁ ସର୍ବସାଧାରଣ ପ୍ରବେଶ ନିଷେଧ । କାରଣ ସାଧାରଣ ଲୋକ ରୋଷଘରେ ପ୍ରବେଶ କଲେ ପ୍ରସ୍ତୁତ ଅନ୍ନ, ବ୍ୟଞ୍ଜନ ମାରା ହୋଇଥାଏ । ଏହା ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ନିହିତ । ଏହାକୁ ଏବେ ମଧ୍ୟ ମହାପ୍ରଭୁଙ୍କର ରୋଷଘରେ ପାଳନ କରାଯାଉଛି । ଏପରିକି ମହାପ୍ରଭୁଙ୍କ ରୋଷଘରର ଚୁଲିକୁ ଦେଖିବା ଓ ଛୁଇଁବା ମନା । ସେଥିପାଇଁ ଯେତେବେଳେ ମହାପ୍ରଭୁ ଶ୍ରୀଗୁଣ୍ଡିଚା ଯାତ୍ରାରେ ଯାଆନ୍ତି ସେତେବେଳେ ରୋଷଘରର ସମସ୍ତ ଚୁଲି ଭଙ୍ଗା ଯାଇଥାଏ । ମହାପ୍ରଭୁଙ୍କ ରୋଷଘରର ଚୁଲି ଯଥା- ପ୍ରଥମ ଚୁଲିର ଅଧିକାରୀ ମା' ଦକ୍ଷିଣକାଳୀ, ଦ୍ୱିତୀୟ ଚୁଲିର ଅଧିକାରୀ ରାଘବଦାସ ମଠ, ତୃତୀୟ ଚୁଲିର ଅଧିକାରୀ ବଡ଼ଓଡ଼ିଆ ମଠ, ଚତୁର୍ଥ ଚୁଲିର ଅଧିକାରୀ ଭିତରଛ ମହାପାତ୍ର... । ଏହିପରି ବିଭିନ୍ନ ଚୁଲିର ମାଲିକାନାସ୍ୱତ୍ୱ ରହିଛି । ରୋଷଘରେ ସୂପକାର ମାନଙ୍କ ପାଇଁ ସମସ୍ତ ବିଧି ବ୍ୟବସ୍ଥା ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଧାରଣ କରିଥାଏ । ଏପରିକି ମହାପ୍ରଭୁଙ୍କ କୋଠ ଭୋଗ ପ୍ରସ୍ତୁତ ନିମନ୍ତେ ସ୍ୱତନ୍ତ୍ର ଚୁଲି ନିର୍ଦ୍ଧାରିତ ହୋଇ ରହିଥାଏ । ଏହାକୁ 'କୋଠ ଭୋଗ ଚୁଲି' କୁହାଯାଏ । ବାହ୍ୟ ତାପମାତ୍ରା ଠାରୁ ରୋଷଘରର ତାପମାତ୍ରା ବହୁତ ଅଧିକ । ଏହି ତାତିରୁ ସୂପକାର ମାନଙ୍କୁ ମା' ଦକ୍ଷିଣକାଳୀ ହିଁ ସୁରକ୍ଷା ଯୋଗାଇଥାନ୍ତି । ଶ୍ରୀମନ୍ଦିରର ଦଶଟି ରୋଷ ଘରେ ଧୂପ, ବ୍ୟଞ୍ଜନ ପ୍ରସ୍ତୁତ ହୁଏ । ଯାହାକୁ 'ଦଶଅବତାର', 'ଦଶଦିଗପାଳ' ଅଥବା 'ଦଶମହାବିଦ୍ୟ'ର ଆଖ୍ୟା ପ୍ରଦାନ କରାଯାଇଛି ।

ପ୍ରତିଦିନ ଶ୍ରୀଜଗନ୍ନାଥଙ୍କ ନିକଟରେ ଛାତିଏ ପଉଟି ବ୍ୟଞ୍ଜନ ଲାଗି ହୁଏ । ପଉଟିର ଅର୍ଥ କୋଡ଼ିଏ ଗଉଣୀ । ଶ୍ରୀମନ୍ଦିରର ଯେଉଁ ବିଗ୍ରହ ରହିଛନ୍ତି ଓ ଶ୍ରୀଜୀଉ ମାନଙ୍କ ଉଦ୍ଦେଶ୍ୟରେ ନାନା ପ୍ରକାରର ଭୋଗ ନୈବେଦ୍ୟ ଲାଗି କରାଯାଏ । ତାହାସବୁ ମହାପ୍ରଭୁଙ୍କ ଏହି ବିରାଟକାୟ ରୋଷଘରେ ପ୍ରସ୍ତୁତ ହୁଏ । ରୋଷଘରେ ମୁଖ୍ୟତଃ ଦୁଇପ୍ରକାରର ନୈବେଦ୍ୟ ପ୍ରସ୍ତୁତ କରାଯାଏ । ଯଥା- (କ) ଗୋପାଳ ବଲ୍ଲଭ ଭୋଗ ଓ (ଖ) ଧୂପ । ଗୋପାଳ ବଲ୍ଲଭ ଭୋଗ କହିଲେ - ଖଇ, ଦହି, ସର, ଖୁଆ, ପୁରୀ, ମାଲପା, ମଣ୍ଡା, ସେଓ, ପାଚିଲା ପଦଲୀ, ନଡ଼ିଆ, କମଳା, ସପେଟା, କାକୁଡ଼ି, ଚାଉଳିଆ ପ୍ରଭୃତି । ଧୂପ କହିଲେ - ଅନ୍ନ, କାନିକା, ବେସର, ମହୁର, ଭଜା, ଡ଼ାଲମା, ଡ଼ାଲି, ଖଟା, ଖିରୀ, ଖେଚୁଡ଼ି, ଶାଗ ପ୍ରଭୃତିକୁ ବୁଝାଏ । ସେହିପରି ମଧ୍ୟାହ୍ନ ଧୂପ ଓ ସନ୍ଧ୍ୟା ଧୂପରେ ସଂଖୁଡ଼ି ନୈବେଦ୍ୟ ଅର୍ପଣ କରାଯାଏ । ମହାପ୍ରଭୁଙ୍କ ଭୋଗ ନୈବେଦ୍ୟ ନିମନ୍ତେ ଦେଶୀଆଳୁ, କଖାରୁ, କଂଚାକଦଳୀ, ପଣସ କଠା, ମୂଳା, ବାଇଗଣ, ଶିମ୍ବ, କାଙ୍କଡ଼, ପୋଟଳ, ଜହ୍ନି, ସାରୁ, କନ୍ଦମୂଳ, ଅଦା, ନଡ଼ିଆ, ଧଣିଆପତ୍ର ପ୍ରଭୃତି ବ୍ୟବହାର କରାଯାଏ । କୋଶଳା, ନେଉଟିଆ ଓ ଅଗସ୍ତି ଶାଗ ବ୍ୟତୀତ ଅନ୍ୟ କୌଣସି ଶାଗ ଜଗନ୍ନାଥଙ୍କ ନିକଟରେ ଲାଗିହୁଏ ନାହିଁ । ସେହିପରି ମସଲା ଭାବରେ ସୋରିଷ, ଜୀରା, ପାନମଧୁରୀ, ଡ଼ାଲିଚିନି, ଅଳେଇଚ, ହେଙ୍ଗୁ ପ୍ରଭୃତି ବ୍ୟବହାର କରାଯାଏ । ଭୋଗ ପ୍ରସ୍ତୁତିରେ ଶୁଦ୍ଧ ଗୁଆଘିଅ ବ୍ୟବହୃତ ହୁଏ । ବୀରି ଓ ଅଟା ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପିଷ୍ଟକ ମଧ୍ୟ ଲାଗି କରାଯାଏ । ମାତ୍ର ମହାପ୍ରଭୁଙ୍କ ଧୂପ ପ୍ରସ୍ତୁତିରେ ବିଲାତିଆଳୁ, କଲରା, ଭେଣ୍ଡି, ଝୁଡ଼ଙ୍ଗ, ଲାଉ, ମଟର ଛୁଇଁ, ସଜନା ଛୁଇଁ, ବିଟ, ଗାଜର, ପେସିକମ, ପିଆଜ, ରସୁଣ ପ୍ରଭୃତିର ବ୍ୟବହାର ଉପରେ କଟକଣା ଲାଗୁ କରାଯାଇଛି । ଏହା ନିଶ୍ଚିତ ଯେ ଏହି ରୋଷଘରୁ ପ୍ରସ୍ତୁତ ଧୂପ ଓ ଭୋଗକୁ ପ୍ରତିଦିନ ଲକ୍ଷ ଲକ୍ଷ ଭକ୍ତ ଶ୍ରୀମନ୍ଦିରର ଆନନ୍ଦ ବଜାରରେ ସେବନ କରି ଶାନ୍ତି ଲାଭ କରନ୍ତି ।

ପଂଚ ଉପଚାର ବିଧିରେ ଅବକାଶ ପୂଜା ଏବଂ ଷୋଡ଼ଶ ଉପଚାର ବିଧିରେ ସକାଳ ଧୂପ, ମଧ୍ୟାହ୍ନ ଧୂପ ଓ ସନ୍ଧ୍ୟା ଧୂପକୁ ସମାହିତ କରାଯାଏ । ବଡ଼ଭାଇ ବଳଭଦ୍ରଙ୍କୁ 'ଓଁ ନମଃ ଭଗବତେ ବାସୁଦେବାୟ' ମନ୍ତ୍ରରେ, ଶୁଭଦ୍ରାଙ୍କୁ 'ହ୍ଲିଂ ଏକା ନାରୀ ଭୁବନେଶ୍ୱରୀ ମନ୍ତ୍ରରେ' ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ 'କ୍ଲିଂ କ୍ରୀଷ୍ଣାୟ ଗୋବିନ୍ଦାୟ ଗୋପିବଲ୍ଲଭାୟ ନମଃ ଅଷ୍ଟାଦଶକ୍ଷରୀ ଗୋଧନ ମନ୍ତ୍ରରେ, ତିନିଧୂପ ଓ ଅବକାଶରେ ତିନି ଧୂପ ମନ୍ତ୍ର ଓ ଅବକାଶ ମନ୍ତ୍ର ଉଚ୍ଚାରଣ କରି ଭୋଗ ନୈବେଦ୍ୟକୁ ସମର୍ପଣ କରାଯାଏ । ମହାପ୍ରଭୁଙ୍କର ବହୁବିଧ ରହସ୍ୟମୟ କଥା ମଧ୍ୟରୁ ତାଙ୍କ ରୋଷଘରର ଏମିତି ଅନେକ ରୋଚକ ରହସ୍ୟ କଥା ଏବେ ମଧ୍ୟ ଜନମାନସରେ ପୁଞ୍ଜିଭୂତ ହୋଇ ରହିଛି । ରହସ୍ୟମୟ ଦେବତାଙ୍କ ସମସ୍ତ ରହସ୍ୟ ଉନ୍ମୋଚନ କରିବା ଏକାନ୍ତ କଷ୍ଟକର ବ୍ୟାପାର । ଏହି ରହସ୍ୟ ଯେତେଦିନ ପର୍ଯ୍ୟନ୍ତ ରହିଥିବ ସେତେଦିନ ପର୍ଯ୍ୟନ୍ତ ଜ୍ଞାନୀଗୁଣୀଙ୍କ ମଧ୍ୟରେ ଜିଜ୍ଞାସାର ଭାବ ବଢ଼ି ବଢ଼ି ଚାଲିଥିବ । ଶେଷରେ ଏତିକି ନିବେଦନ କରି କହିବି - 'ହେ ଅଖିଳ ବ୍ରହ୍ମାଣ୍ଡପତି ! ଏହି ବିଶ୍ୱ ବ୍ରହ୍ମାଣ୍ଡର ସୁରକ୍ଷା ନିମନ୍ତେ କୃପା ପରବଶ ହୋଇ ସମସ୍ତ ଶ୍ରଦ୍ଧାଳୁଙ୍କୁ କୃପା ପ୍ରଦାନ କରି ଆଧ୍ୟାତ୍ମିକ ଏକତାର ମହାନ ସ୍ରୋତରେ ଆବଦ୍ଧ କରି ରଖିଥାନ୍ତୁ ।'

ଜୟ ଜଗନ୍ନାଥ ...


ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ ।
ମୋ: ୯୯୩୭୧୫୧୩୧୦


## ବାଲ୍ୟ ବିବାହ ନିଷିଦ୍ଧ ଆଇନ ଅସହାୟ !



ସୌଭାଗ୍ୟ ରଞ୍ଜନ ମହାନ୍ତି

ଆମ ଦେଶରେ ବାଲ୍ୟ ବିବାହ ଏକ ପରମ୍ପରା ଭାବେ ରହି ଆସିଥିବାବେଳେ ବ୍ରିଟିଶ ଶାସନ ଅମଳରେ ୧୯୨୯ ମସିହାରେ ଏହାକୁ ନିଷିଦ୍ଧ କରାଯାଇଥିବାବେଳେ ସ୍ୱାଧୀନ ଭାରତରେ ପୁନର୍ବାର ୨୦୦୬ ମସିହାରେ ଏହାକୁ ନିଷିଦ୍ଧ କରାଯିବା ସତ୍ତ୍ୱେ ଦେଶରେ ଏବେ ବି ଏହା ଚିନ୍ତାଜନକ ସ୍ଥିତିରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ଝିଅଙ୍କ ବିବାହ ଯୋଗ୍ୟ ବୟସ ୧୮ ଏବଂ ପୁଅଙ୍କ ବିବାହ ଯୋଗ୍ୟ ବୟସ ୨୧ବର୍ଷ ଧାର୍ଯ୍ୟ କରାଯାଇଥିବା ସତ୍ତ୍ୱେ ଦେଶରେ ଏବେ ବି ୨୦ ରୁ ୨୪ବର୍ଷ ମଧ୍ୟରେ ପ୍ରତି ୪ଜଣରେ ଜଣେ ଯୁବତୀ ବାଲ୍ୟ ବିବାହ କରୁଥିବା ୟୁନିସେଫ ରିପୋର୍ଟରେ କୁହାଯାଇଛି। ୨୦୨୩ରେ ୟୁନିସେଫ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଉଛି ଯେ, ବିଶ୍ୱରେ ୬୪କୋଟି ବାଳିକା ବାଲ୍ୟ ବିବାହ ଘଟଣା ଘଟିଥିବାବେଳେ ଭାରତରେ କେବଳ ଏହାର ଏକ ତୃତୀୟାଂଶ ବିବାହ ସମ୍ପନ୍ନ ହୋଇଛି। ୨୦୦୬ ମସିହାରେ ବାଲ୍ୟ ବିବାହ ନିଷେଧ ପାଇଁ ପାର୍ଲିଆମେଂଟରେ ପ୍ରଣୟନ କରାଯାଇଥିବା ଆଇନ ଉଲଂଘନ ପାଇଁ କଠୋର ଦଣ୍ଡବ୍ୟବସ୍ଥା ଥିବା ସତ୍ତ୍ୱେ ଏହାର ପ୍ରଭାବ ଲୋକଙ୍କ ଉପରେ ପଡିଥିବା ମନେହୁଏ ନାହିଁ, ବାଲ୍ୟ ବିବାହକୁ ରୋକିବାରେ ଆଇନର ଅସହାୟ ହୋଇ ପଡିଥିବା କହିଲେ ହୁଏତ ଅତିରଂଜିତ ହୋଇନପାରେ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ବାଲ୍ୟ ବିବାହର ମୂଳୋତ୍ପାଟନ ପାଇଁ କେନ୍ଦ୍ର ସରକାରଙ୍କ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନର ପ୍ରଥମ ବାର୍ଷିକୀ ଉତ୍ସବ ଚଳିତ ମାସରେ ପାଳିତ ହେବାକୁ ଯାଉଛି। ଆସନ୍ତା ୨୦୩୦ ମସିହା ସୁଦ୍ଧା ଦେଶକୁ ବାଲ୍ୟ ବିବାହ ମୁକ୍ତ ରାଷ୍ଟ୍ର ଘୋଷଣା ପାଇଁ କେନ୍ଦ୍ର ସରକାର ସଂକଳ୍ପ ଘୋଷଣା କରିଥିବା ସତ୍ତ୍ୱେ ଏବେ ଦେଶରେ ବାଲ୍ୟ ବିବାହ ଘଟଣାମାନ ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରୁଛି। ଏହା ନିସନ୍ଦେହ ଯେ କେତେକ ସମ୍ପ୍ରଦାୟରେ ସାମାଜିକ ପରମ୍ପରା, ଦାରିଦ୍ର୍ୟ, ଆର୍ଥିକ ଦୂରାବସ୍ଥା, ନାବାଳିକା ଯୌନ ଶୋଷଣ, ଅଶିକ୍ଷା ଲିଙ୍ଗଗତ ଅସମାନତା, ଅଧାରୁ ପାଠଛଡା, ସଚେତନତାର ଅଭାବ ଏବଂ ଆଇନର ଦୁର୍ବଳ କାର୍ଯ୍ୟକାରିତା ଆଦି କାରଣ ଭାବେ ଉଭା ହୋଇଛି। କହିବା ଅଯର୍ଥାତ ହେବ ନାହିଁ ଯେ, ଦେଶରେ ବାଲ୍ୟ ବିବାହ ନିଷେଧ ଆଇନରେ କଠୋର ଦଣ୍ଡବିଧାନ ତଥା ଉଭୟ ଜେଲ ଓ ଜରିମାନା ବ୍ୟବସ୍ଥା ଥିବା ସତ୍ତ୍ୱେ କେବଳ ଆଇନଗତ ସହାୟତାରେ ପରାମର୍ଶରେ ପରିଣତ ହୋଇଛି। ତେବେ ପଶ୍ଚିମବଙ୍ଗ ପରି କେତେକ ରାଜ୍ୟରେ ଶିକ୍ଷା ଓ ନଗଦ ଆର୍ଥୀକ ପ୍ରଦାନ ବିବାହକୁ କେତେକ କ୍ଷେତ୍ରରେ ବିଳମ୍ବିତ କରିଛି ସତ ମାତ୍ର ଯେଉଁଠାରେ ଦୁର୍ବଳ ଶିକ୍ଷାବ୍ୟବସ୍ଥା ଏବଂ ଯୁବତୀଙ୍କୁ ସମ୍ମାନଜନକ କର୍ମନିଯୁକ୍ତି ଯୋଗାଣର ଅଭାବ ଯୋଗୁ ଏହାର ଫିକା ପଡିଯାଇଥିବା କୁହାଯାଇପାରେ। ଆହୁରି ମଧ୍ୟ ଜୀବନ ଜୀବିକା ବିପର୍ଯ୍ୟାସ୍ତ, କାମଧନ୍ଦା ପାଇଁ ପରିବାର ସ୍ଥାନାନ୍ତର, ଶିକ୍ଷା ବାଧାପ୍ରାପ୍ତ ଆଦି ଯୋଗୁଁ ବାଲ୍ୟ ବିବାହକୁ ଉତ୍ସାହିତ କରିବାରେ ଜଳବାୟୁ ପରିବର୍ତ୍ତନ ଏବେ ଏକ ବଳିଷ୍ଠ ଭାବେ ଉଭା ହୋଇଥିବା କୁହାଯାଇପାରେ। ବିଶେଷ କରି ଜଳବାୟୁ ପରିବର୍ତ୍ତନ ଜନିତ ପ୍ରାକୃତିକ ବିପର୍ଯ୍ୟାୟ, ଅଧାରୁ ପାଠଛାଡ, ଆର୍ଥୀକ ଅସ୍ଥିରତା, ଜୀବନ-ଜୀବିକା ପାଇଁ ସ୍ଥାନାନ୍ତର ଆଦି ବାଲ୍ୟବିବାହକୁ ଉତ୍ସାହିତ କରୁଛି। ବାଳିକାଙ୍କୁ ଯୌନ ଶୋଷଣ ଯୋଗୁଁ ଲୋକ ଲଜ୍ୟା ସହ୍ୟ କରିନପାରି କେତେକ ଜୀବନ ହାରୁଥିବା ବେଳେ ପରିବାରର ସମ୍ମାନ ରକ୍ଷା ପାଇଁ ବୟସ ପୂର୍ବରୁ ଲୁଚାଚୋରାରେ ଅନ୍ୟତ୍ର ବିବାହ କରି ଦିଆଯାଇଛି। ଆମ ରାଜ୍ୟରେ ନାବାଳିକା ଚାଲାଣ ଏବେ ବଢିବାରେ ଲାଗିଛି। ପିତାମାତାଙ୍କୁ ଆର୍ଥୀକ ପ୍ରଲୋଭନ, ବିବାହ ପ୍ରଲୋଭନ ଦେଖାଇ ନାବଳିକାମାନଙ୍କୁ ଅନ୍ୟତ୍ର ବିକ୍ରି କିମ୍ବା ବିବାହ କରାଇ ଦେଉଥିବା ଅଭିଯୋଗ ହୁଏ। ଆମ ରାଜ୍ୟରେ ଦାରିଦ୍ର୍ୟ, ଅଶିକ୍ଷା ଏବେ ବାଲ୍ୟ ବିବାହାର ମୁଖ୍ୟ କାରଣ ପାଲଟିଥିବା କହିଲେ ଅତିରଂଜିତ ହୋଇନପାରେ। ଏହା ନିସନ୍ଦେହ ଯେ, ଦାରିଦ୍ର୍ୟ, ଶିକ୍ଷା, କର୍ମନିଯୁକ୍ତି କନ୍ୟା ସୁରକ୍ଷା ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ବାଲ୍ୟ ବବାହକୁ ରୋକିବା ସମ୍ଭବ ନୁହେଁ, ସେହିପରି ସାମାଜିକ କଟକଣା, କୁସଂସ୍କାର, ବାଲ୍ୟବିବାହରେ ଦାମ୍ପତ୍ୟ ଜୀବନ ଏବଂ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ଆଦି ସମ୍ପର୍କରେ ବ୍ୟାପକ ସଚେତନା ଏବଂ ଆଇନର କାର୍ଯ୍ୟକାରିତା ଆବଶ୍ୟକ। ଅନ୍ୟଥା ୨୦୩୦ ସୁଦ୍ଧା ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ କେବଳ ସ୍ୱପ୍ନରେ ରହିଯିବା ସାର ହେବ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ: ୭୯୭୮୬୬୬୪୦୩





### ଶୋଷଣ

ଗଜାନନ ମିଶ୍ର

କାହାକୁ କରେ କିଏ ?
ଭୋଜନରେ ଭଜନରେ
ପୂଜାରେ ପାର୍ବଣରେ
ଭାଷାରେ ସ୍ୱରରେ
ଶ୍ରଦ୍ଧାରେ ପ୍ରେମରେ
କିଏ କେମିତି କରେ ଶୋଷଣ !
ପହୁଡରେ ବିଶ୍ରାମରେ
ସତ୍ୟରେ ସମସ୍ୟାରେ
ବ୍ୟବସ୍ଥାରେ ଜୀବନଚର୍ଯ୍ୟାରେ
ସେବାରେ ସମାଧାନରେ
ନୀତିକାନ୍ତିରେ ମର୍ଯ୍ୟାଦାରେ
ଶୋଷଣ ଶୋଷଣ !
ଅଯୌକ୍ତିକ ଆସ୍ପର୍ଦ୍ଧା ମୋର !
ଠିଆ ସାମ୍ନାରେ ବିନା ସାମର୍ଥ୍ୟରେ
ବଖାଣି ଚାଲିଛି ରାତିରେ
ଆଉ ଦିନରେ ଭାଷା ଭରାପୂରା।
ପାରୁ ନି କରି ଆଦୁ ଆପଣା
ସଙ୍କଟର ମୁକାବିଲା, ପାରୁ ନି କରି
ଦେଣା ପାଉଣା ହାଲ୍ ହିସାବ !


+ତପୋବନ, ଟିଟିଲାଗଡ,
ବଲାଙ୍ଗିର
ମୋ: ୯୪୩୭୩୬୬୬୪୪


### ଛବିଶି ଶୀତ

ପବିତ୍ର ବେହେରା

ଦିନ ପରେ ଦିନ,ରାତି ପରେ ରାତି,
ଋତୁ ପରେ ଋତୁ,କେତେ ଋତୁ
ଏମିତି ବଦଳି ଯାଇଛି।

ମୋ ବୟସର କ୍ୟାଲେଣ୍ଡରେ
ଏବେ ପୁଣି ଆଗମନ ହେଉଛି,
ଏକ ନୂତନ ଋତୁ ଯାହାର ନାମ
ଛବିଶି ଋତୁ।

ସେ ବୟସର ମାପକାଠି ରେ
ଋତୁ ହୋଇ ଆସିବାରେ ଅଭ୍ୟସ୍ତ।

ପ୍ରତି ବର୍ଷ ପରି ନୂତନ ବର୍ଷରେ,
ଦେଇଯାଏ ଏକ ଅକସ୍ମାତ୍ ଉପହାର।
ଏଇ ଯେମିତି ନୂତନ ବର୍ଷର ଶିଶିର
ବିନ୍ଦୁ ଭୂପୃଷ୍ଠରେ
ଅବତରଣ କରିବା ପୂର୍ବରୁ
ପଚିଶି ଶୀତ ମୋତେ ଦେଇଗଲା

ଏକ ଅଲିଭା, କାଳଜୟୀ, ଚିରସ୍ମରଣୀୟ
ସାହିତ୍ୟ ଅଗ୍ରଗତି ରେ ଗୋଟିଏ ପାଦ
ଆଗକୁ ଯିବାର ପଥଟିଏ।

ଜାଣି ନଥିଲି ନିମ୍ବ ଫୁଲ ର ମହକରେ
ମଧ୍ୟ ମିଠା ମହୁ ସୃଷ୍ଟି ହୁଏ ବୋଲି।

ବୟସର ଛବିଶି ଶୀତରେ
ନିମ୍ବ ଗଛ ସଦୃଶ୍ୟ ଶରୀରରେ
ସାହିତ୍ୟ ରୂପକ ମିଠାମହୁ ସୃଷ୍ଟି ହୁଏ।

ଏହା ଜାଣି ମୁଁ ଆଜି ଆଚମ୍ବିତ
ଆଜି ଦିନ ତମାମ ମନରେ
ଗୋଟିଏ ପ୍ରଶ୍ନ ଉଙ୍କି ମାରୁଛି।
ସତରେ କଣ ଛବିଶି ଶୀତ
ମୋ ଜୀବନରେ ଏକ ନବୀନ
ରଙ୍ଗର ପ୍ରଜାପତି ତିଆରି କରିବ।

ଶୀତ ଋତୁର ଖୁନ୍ଦାଖୁନ୍ଦି ସ୍ୱପ୍ନ
ରାତି ହୁଏ ବଡ ରଜନୀର
ଶୀତଳ କାକର ବିନ୍ଦୁ ଭାଙ୍ଗି ଦିଏ।
ନିଦ ରାଇଜର ଅସୁମାରୀ ସ୍ୱପ୍ନର
ସେହି ଦିବ୍ୟ ସୁନ୍ଦରୀର ମିଳନକୁ।

ପଚିଶି ଶୀତ ପରେ
ମୁଁ କ୍ଲାନ୍ତ ହୋଇନାହିଁ।
ସାମାନ୍ୟ ଆକ୍ଲାନ୍ତ ଶରୀରକୁ
ପାହାନ୍ତକୁ ଲାଗେ ଟିକେ ଶୀତ।

ଗୋପାଳପୁର ବେଳାଭୂମିରେ
ପ୍ରେମିକା କୁ ସ୍ମରଣକରି ।
ମଲ୍ଲିକଢୀ ପରି ଦିଶୁଥିବା
ନୀଳ ଆକାଶକୁ ଚାହିଁ
ସ୍ୱାଗତ କରୁଛି ତୁମକୁ
ଛବିଶି ଋତୁ।


+ବାହାଲପୁର, ଗଞ୍ଜାମ
ମୋ: ୭୭୮୮୮୮୬୬୦୨







# ଶିଶୁ ସାଣ୍ଟା କ୍ଲଜ

## ସୁନନ୍ଦା ମହାନ୍ତି



ବଡଦିନ ପାଇଁ ସେଦିନ ପାର୍କ ବହୁତ ଭିଡ଼ ଥିଲା । ଭିଡର କାରଣ ସାନ୍ତା କ୍ଲଜଙ୍କ ନାଲିଆ ପୋଷାକ ଓ ନାଲିଆ ଟୋପି ପିନ୍ଧି ଶିଶୁମାନେ ସବୁ ପାର୍କରେ ମଜା ନେଉଥିଲେ। ଅଭିଜିତ ମଧ ଅବସର ପରେ ଏଇ ଶିଶୁମାନଙ୍କ ଭିତରେ ହଜେଇ ଦେଇଥିଲେ ନିଜକୁ। ପୁଅର ପୁଅ ବାବା ଓ ଝିଅର ଝିଅ ଡୁଗୁ ସକାଳୁ ସକାଳୁ ସାନ୍ତା କ୍ଲଜଙ୍କ ପରି ପୋଷାକ ପିନ୍ଧି ଫୋଟୋ ଉଠେଇ ଛାଡିଥିଲେ ବି ମନ ବୁଝୁନଥିଲା ଅଭିଜିତଙ୍କର। ଜୀବନ୍ତ ସାନ୍ତାକ୍ଲଜ ରୂପେ ସଜ୍ଜିତ ହୋଇ ଏହି ପାର୍କର ଶିଶୁମାନଙ୍କୁ ଦେଖୁ ଦେଖୁ ଗୋଟେ ଛୋଟ ବାଳକ ଯେ କି ସାନ୍ତା କ୍ଲଜଙ୍କ ପରି ଡ୍ରେସରେ ନିଜକୁ ସଜାଇ ଖୁବ ଗୁଲୁଗୁଲିଆ ଦିଶୁଥିଲା ସେ ହାତରେ ପୁରୁଣା ପେପେର ଖଣ୍ଡେ ଧରି ତାଙ୍କ ଆଡକୁ ଆସୁଥିବା ଦେଖି ଅଭିଜିତ ବିସ୍ମୟରେ ଚାହିଁ ରହିଥିଲେ ଶିଶୁ ସାନ୍ତା କ୍ଲଜ ବାଳକଟିକୁ। ବାଳକଟି ହାତରେ ଧରିଥିବା ପୁରୁଣା ପେପେର ଭିତରୁ ଫୋଟୋଟିଏ ଦେଖେଇ କହୁଥିଲା ଇଏ ଆପଣଙ୍କ ଫୋଟୋ ନା ଅଙ୍କଲ! ଆଶ୍ଚର୍ଯ୍ୟ ଓ ଚକିତ ତଥା ବିହ୍ୱଳିତ ହୋଇ ଚଷମା ଫାଙ୍କରୁ ଦେଖିଲେ ଅଭିଜିତ।



ଫୋଟୋ ଦେଖି କହିଲେ ହଁ ହଁ ଏଇଟା ମୋ ଫଟୋ ଆଉ ମୋ ଲେଖାଟି ମଧ ବହୁ ପୁରୁଣା ତେବେ ତୁମେ ଏହି କାଗଜକୁ କୋଉଠୁ ପାଇଲ ଛୋଟ ସାନ୍ତା କ୍ଲଜ ?

ପିଲାଟି କହିଲା ମୋ ବାପା ରଦ୍ଦି କାଗଜ ବ୍ୟବସାୟ କରୁଥିଲେ ଓ କବିତା ପଢିବାକୁ ତଥା ଲେଖିବାକୁ ଖୁବ ଭଲ ପାଉଥିଲେ। ପୁରୁଣା ଖବର କାଗଜରୁ କେହି ଲେଖକ ବା କବିଙ୍କ କବିତା ଗଳ୍ପ ବାହାରିଥିବା ଫର୍ଦ୍ଦଟିକୁ ସେ ସାଇତି ରଖୁଥିଲେ। ବାପାଙ୍କ କବିତା ଓ ଗଳ୍ପ ତଥା ସାହିତ୍ୟ ପ୍ରୀତି ଦେଖି ମତେ ମଧ କବିତା ଲେଖିବାକୁ ଖୁବ ଇଛା କିନ୍ତୁ ଆଜି ବଡଦିନ ପାଇଁ ଘରୁ ସାଙ୍ଗ ମାନେ କିଏ କେତେ ପ୍ରକାର ସୁସ୍ୱାଦୁ ଖାଦ୍ୟ ସମସ୍ତଙ୍କ ପାଇଁ ଆଣି ଆସୁଥିବା ଜାଣି ମୁଁ ମାଆ ସବୁଦିନ ଭାଜୁଥିବା ଗରମ ଗରମ ମୁଢି ସହ ଚିନାବାଦାମ ଆଣିବା ପାଇଁ ଚାହିଁଥିଲି। ବାପା ରଖିଥିବା କିଛି ପୁରୁଣା ସମାଜ ଯେଉଁଥିରେ କବି, କବୟିତ୍ରୀ, ଗାଳ୍ପିକ ତଥା ପ୍ରାବନ୍ଧିକମାନଙ୍କର ଗଳ୍ପ, କବିତା, ପ୍ରବନ୍ଧ ବାହାରିଥାଏ ସେ ସବୁ ସାଇତା କାଗଜ ଭିତରୁ ଏ କାଗଜଟିରେ ମୁଢି ବାଦାମ ଭଜା ଆଣି ଆସି ସାଙ୍ଗ ସବୁଙ୍କ ସଙ୍ଗେ ଖାଉ ଖାଉ ଦେଖିଲି ଏଥିରେ ବାହାରିଥିବା ଫୋଟୋଟି ପୁରା ଆପଣଙ୍କ ଭଳି ଦେଖାଯାଉଛି ତ ନେଇଆସିଲି। ବାଳକ ହାତରୁ କାଗଜଟିକୁ ନେଇ ଅଭିଜିତ ଦେଖିଲେ କାଗଜଟି ଗରମ ମୁଢି ଓ ଚିନାବାଦାମ ଭଜା ପ୍ରକୋପରେ ଅଧା ଜଳିଯାଇଛି ସତ କିନ୍ତୁ ଜଳନ୍ତା କାଗଜରେ ତାଙ୍କ ଫୋଟୋଟି ଖୁବ ଜୀବନ୍ତ ଲାଗୁଛି। ତୁମ ମାଆ କଣ ସବୁଦିନ ମୁଢି ଭାଜନ୍ତି ପଚାରିଦେଇ ଅପ୍ରସ୍ତୁତ ମନେ କରୁ କରୁ ବାଲାକଟି କହୁଥିଲା ବାପା ଫଟୋ ହେଇଗଲା ପରେ ମାଆ ମୁଢି ଓ ଚିନାବାଦାମ ବିକ୍ରୀ କରି ମତେ ଓ ମୋ ବୁଢୀମାଆଙ୍କର ସମସ୍ତ ଆବଶ୍ୟକତା ପୁରଣ କରନ୍ତି। ମୁଁ ବଡ ହେଲେ ତୁର୍କୀରେ ଜନ୍ମ ଗ୍ରହଣ କରିଥିବା ସୁଲେମାନଙ୍କ ଭଳି ଯାହାଙ୍କ ମୋଟା ଚେହେରା ଓ ନାଲିଆ ସାର୍ଟ ସହ ତାଙ୍କର ପିଲାମାନଙ୍କୁ ଭଲପାଇ ସାହାଯ୍ୟ କରିବା ଗୁଣ ଯୋଗୁଁ ତାଙ୍କୁ ସମସ୍ତେ ସାନ୍ତାକ୍ଲଜ ବା ସାଣ୍ଟାକ୍ଲଜ ଡାକନ୍ତି ଓ ବଡଦିନରେ ତାଙ୍କ ପରି ପୋଷାକ ପିନ୍ଧି ଶିଶୁ ମାନଙ୍କୁ ସ୍ନେହ ଶ୍ରଦ୍ଧା ମମତା ସହ କିଛି ଉପହାର ଦେଇଥାନ୍ତି, ତାଙ୍କ ପରି ମୁଁ ମଧ ବଡ଼ ହେଲେ ମୋରି ପରି ପିଲାମାନଙ୍କୁ ଶିକ୍ଷଣୀୟ ଶିଶୁ କବିତା ଲେଖି ବହି ବାଣ୍ଟି ଚାଲିବାକୁ ଲକ୍ଷ ରଖିଛି। ସେଥିପାଇଁ ମନ ଦେଇ ପଢିବାକୁ ମାଆ କହିଛି। ପିଲାଟିର କଥା ସରିବା ବେଳକୁ ଅଧା ଜଳନ୍ତା କାଗଜଟି ଯେମିତି ପୁରା ଜଳି ହାତମୁଠା ପୋଡି ଯାଉଥିଲା ଅଭିଜିତଙ୍କର। ମୁଣ୍ଡ ଆଉଁସି ଦେଇ ପାଞ୍ଚ ଶହ ଟଙ୍କିଆ ନୋଟ ଟିଏ ପୁଅଟି ହାତକୁ ବଢ଼େଇ ତୁମ ନାମ କଣ ପଚାରିବାରୁ ସେ କହୁଥିଲା ଅଭିଜିତ ଦାସ ବୋଲି ବାପା ମୋ ନାମ ରଖି ଡାକୁଥିଲେ ଆଉ ବୋଉ ଅଭି ଡାକେ। ତତଲା ଲୁହ ଭିତରେ ସେହି ମୃତ ରଦ୍ଦିବାଲାଙ୍କ ପାଇଁ ଅମାନିଆଁ ଲୁହ ନିଗିଡି ପଡୁଥିଲା ବେଳେ ଅଭି କିଛି ବୁଝିନପାରି ବି କହୁଥିଲା ଆଜି ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଜୟନ୍ତୀ, କାନ୍ଦିବା କଥା ନୁହଁ ବାବୁ। ଅଭିଜିତ କିଛି କହିପାରିନଥିଲେ ସତ ହେଲେ ପ୍ରତିଜ୍ଞା କରିଥିଲେ ସେ ମଧ ଶିଶୁମାନଙ୍କ ପାଇଁ କିଛି କରିବେ। କିଛି ନହେଲେ ତାଙ୍କ ଚାରିପଟେ ଥିବା ସମସ୍ତଙ୍କୁ ପାଠ୍ୟ ପୁସ୍ତକ ଯୋଗେଇ ତ ଦେଇ ପାରିବେ। ଅଭି ଫେରିପଡୁ ପଡୁ କହୁଥିଲା କବିତା ଲେଖା ଶିଖେଇ ଦେବାକୁ ଆମ ଘରକୁ ଆସିବେ ନିଶ୍ଚୟ।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ପକ୍ଷୀଟିଏ ସିଏ

## ନୀଳମଣି ଚାନ୍ଦ



ପକ୍ଷୀଟିଏ ସିଏ ପକ୍ଷୀଟିଏ
ନାଚୁଥାଏ ମେଘ ଦେଖି
ତା ନାଚ ଭଲ ନା ଓଡିଶୀ ଭଲ
ଦିଅରେ ଖାତାରେ ଲେଖି ।

ପକ୍ଷୀଟିଏ ସିଏ ପକ୍ଷୀଟିଏ
କାଆ କାଆ ରାବୁଥାଏ
ଉଠ ଉଠ ଉଠ କରନିରେ ମଠ
ଲାଗେ ସତେ କହିଯାଏ ।

ପକ୍ଷୀଟିଏ ସିଏ ପକ୍ଷୀଟିଏ
ଦିଏ କୁହୁ କୁହୁ ଗାଇ
ବସନ୍ତ ଆସିଲା ଜଣେଇଦିଏରେ
ଆମ୍ବ ତୋଟାରେ ସେ ଥାଇ।

ପକ୍ଷୀଟିଏ ସିଏ ପକ୍ଷୀଟିଏ
ରାମ ରାମ ଦିଏ ଘୋଷି
କଥା ମାନୁଥାଏ ଆମର ସିନାରେ
ରଖିଲେରେ ଘରେ ପୋଷି ।

ପକ୍ଷୀଟିଏ ସିଏ ପକ୍ଷୀଟିଏ
ନିରିହ ସିଏରେ ଭାରି
ଆକାଶରେ ଉଡ଼େ ଗୀତ ଗାଉ ଥାଏ
କିଆଁ ଦିଅ ଢେଲା ମାରି ।

+ ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ଅସମ୍ଭବ ବୋଲି କିଛି ବି ନାହିଁ ...

## ନଗେନ୍ଦ୍ର ନାଥ ପଟ୍ଟନାୟକ





ଏକ ରାଜ୍ୟରେ ଜଣେ ରାଜା ରାଜୁତି କରୁଥାନ୍ତି । ତାଙ୍କର ପୁଅ ଯୋଡିଏ-ଅବଶେଷ ଆଉ ବିକ୍ରମ । ଥରେ ରାଜକୁମାର ଦୁହେଁ ମୃଗୟା ପାଇଁ ଅଗନାଅଗନି ଜଙ୍ଗଲ ଆଡେ ମୁହାଁଇଲେ। ଯିବା ବାଟରେ ପଡିଲା ବିରାଟ ନଈଟେ । ନଈରେ କଳାଘୁମର ପାଣି । ସ୍ୱଚ୍ଛ ଆଉ ନିର୍ମଳ। ସେ ନଈରେ ଗାଧୋଇବା ପାଇଁ ରାଜକୁମାର ଭାଇଯୋଡିକ ମନ ଉଚ୍ଛନ୍ନ ହେଲା । ଦୁହେଁଯାକ ନିଜକୁ ଆଉ ସମ୍ଭାଳି ନପାରି ନଈ ଆଡେ ବଢିଲେ ଗାଧୋଇବା ପାଇଁ । ସାଧାରଣ ନଈ ଅପେକ୍ଷା ସେ ନଈଟି ଅତ୍ୟନ୍ତ ଗହିରିଆ । ନଈପାଣିରେ ପହଁରୁ ପହଁରୁ ବିକ୍ରମ ଟିକେ ଦୂରକୁ ଚାଲିଗଲା । ଏବେ ସେ ପହଁରିବା ଆରମ୍ଭ କରିଛି ପ୍ରଖର ବେଗର ଲହରୀ ମାଡିଆସି ତାକୁ ବହୁଦୂରକୁ ଭସାଇ ନେଇଗଲା । ବିକ୍ରମ ଡରିମରି ଛାନିଆ। କିଂକର୍ତ୍ତବ୍ୟବିମୂଢ । ବୁଦ୍ଧିଶୁଦ୍ଧି ହରେଇ ବସିଲା। ଆକାତକାତ ପାଣିରେ ସେ ଆଉ ପହଁରି ପାରି ନ ଥିଲା ବିଚରା । ଏବେ ସେ ପାଣିରେ ଉବୁଟୁବୁ। ବଡଭାଇକୁ ନଈରେ ଅତି ଦୟନୀୟ ଭାବେ ଫସିଯିବା ଦେଖି ଅବଧେଶ ଜୀବନ ବିକଳରେ ବେଗାବେଗି ନଈରୁ ବାହାରି ଆସିଲା। ଲମ୍ବା କଡିକାଠଟେ ନେଇ ସେ ବଡଭାଇ ବିକ୍ରମ ଆଡକୁ ଫିଙ୍ଗିଦେଲା । ହେଲେ ଦୁର୍ଯୋଗକୁ ବିକ୍ରମ ଏତେଦୂରରେ ଥିଲା ଯେ ଲମ୍ବାଳିଆ କଡିକାଠଟିକୁ ତାର ହାତ ପାଉ ନ ଥିଲା । ଏ ଭିତରେ ଜଣେ ଫଉଜି ଆସି ହାଜର । ରାଜକୁମାରର ଦୁର୍ଦ୍ଦଶା ଦେଖି ଉପସ୍ଥିତ ସମସ୍ତେ ଏକସ୍ୱରରେ କହି ପକାଇଲେ -ଇଏ ଆଉ ବଂଚି ପାରିବନି । ଅକାତକାତ ପାଣିରୁ ୟାକୁ ବାହାର କରି ଆଣିବା କାଠିକର ପାଠ । ବିକ୍ରମ ଜୀବନ ବଂଚାଇ ହେବନି ବୋଲି ସାନଭାଇ ଅବଧେଶର ଏକପ୍ରକାର ହୃଦବୋଧ ହୋଇ ସାରିଥିଲା । ନଈପାଣିରେ ପ୍ରଖର ସୁଅରେ ତାର ଜୀବନ ବଂଚିବା ଅସମ୍ଭବ । ଏଇଆ ଭାବେ ସଭିଏଁ ହାତ ହତିଆର ତଳେ ପକେଇଦେଲେ । ବିପନ୍ନ ବିକ୍ରମକୁ ଉଦ୍ଧାର କରିବାକୁ କେହି ଜଣେ ବି ଆଗେଇ ଆସିଲେ ନାହିଁ । ଏବେ ସେଠି ବିଷାଦର ଛାୟା । ଉପସ୍ଥିତ ସମସ୍ତେ ଶିହରି ଉଠିଲେ । ନଈକୂଳରେ ବସି ବିକ୍ରମ ଚାଲିଗଲା ଚାଲିଗଲା ବୋଲି ଲୋକେ କାନ୍ଦ ବୋବାଳି ଛାଡିଲେ । ବିଷାଦରେ ବିଳପୁଥିବା ବେଳେ ଅନତିଦୂରରୁ ଜଣେ ସନ୍ନ୍ୟାସୀ ଆସୁଥିବା ସେମାନଙ୍କ ନଜର ପଡିଲା । ସନ୍ନ୍ୟାସୀଙ୍କ ସାଥିରେ ଜଣେ ତରୁଣ ଯୁବକ । ଟିକିଏ ପାଖକୁ ଲାଗିଆସି ସେମାନେ ଜାଣିବାକୁ ପାଇଲେ ସେ ତରୁଣ ଯୁବକ ଜଣକ ହେଉଛନ୍ତି ବିକ୍ରମ । ଏବେ ସଭିଏଁ ଖୁସିରେ ଗଦ୍‌ଗଦ୍ ହୋଉ ଉଠିଲେ । ସବୁରିଙ୍କ ମୁହଁରେ ବିସ୍ମୟର ଝଲକ । ତଟସ୍ଥ ଲୋକେ ବିକ୍ରମକୁ ପଚାରିଲାରୁ ସେ କହିଲା ସନ୍ନ୍ୟାସୀ ହିଁ ମତେ ବଂଚାଇଦେଲେ ।

ଓସ୍କାର ସିଟି, ଲେନ ନଂ-୯,ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗର କେନାଲ ରୋଡ୍ ?,
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ବିଦାୟ ଦୁଇହଜାର ପଚିଶ

## କୁମୁଦିନୀ ଘି



ବିଦାୟ ନେଉଛି ଦୁଇ ହଜାର ପଚିଶି
ପାଦ ଚିହ୍ନ ମାନ ରଖି
କେତେ ହସାଇଲା କେତେ କନ୍ଦାଇଲା
ସବୁ ତ ଦେଖିଛି ଆଖି।
ପହଲଗାମ୍ ର ନର ସଂହାର
ଆତଙ୍କବାଦୀ ହାମଲା
ଉତ୍ତରେ ବାଦଲ ଫଟା ବରଷାରେ
କେତେ ଗାଁ ଭାସିଗଲା।
ଜ୍ଞାନ, ବିଜ୍ଞାନ, କଳା, ସାହିତ୍ୟରେ
ଆଗୁଆ ଆମର ଦେଶ
କୃଷି , ଶିଳ୍ପ, କ୍ରୀଡା ନାନାବିଧ କ୍ଷେତ୍ର
ଦେଖିଲେ ମିଳେ ସନ୍ତୋଷ।
ଆସିଥିଲ ଯେଉଁ ଦିନ ଉଲ୍ଲାସରେ
ନାଚୁଥିଲା ସବୁ ମନ
ଚାଲାଗଲା ବେଳେ ଲୋତକର ଧାର
ବହୁଅଛି ଅନୁକ୍ଷଣ।
ତିନିଶ' ପଂଷଠି କ୍ୟାଲେଣ୍ଡର ପୃଷ୍ଠା
ଓଲଟି ଗଲାଣି କେବେ
କେତେ ଝଡ଼ଝଞ୍ଜା ବହିତ ଗଲାଣି
ଦେଖିଲୁ ତ ଏଇ ଭବେ।
ବିଦାୟ ହେ ସାଥୀ ଚାଲି ଯାଉଅଛ
ରଖି କେତେ ସ୍ମୃତି ଚିହ୍ନ
ନୂତନ ବରଷ ସ୍ୱାଗତ ପାଇଁ କି
ଚାଲିଅଛି ଆୟୋଜନ।
ଦୁଇ ହଜାର ଛବିଶ ହେବଟି ଅବଶ୍ୟ
ସୁଖ ଓ ଶାନ୍ତିର ବର୍ଷ
ମାଙ୍ଗଳିକ ଗାନ କରନ୍ତି ସଭିଏଁ
ଆସ ନୂଆ ବର୍ଷ ଆସ।

+ଅଷ୍ଟମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଜୁନାଗଡ଼, କଳାହାଣ୍ଡି

# କି ପାଳିବା ନୂଆ ବରଷ

## ଅଶୋକ କୁମାର ପ୍ରଧାନ

ଅତି ସରାଗରେ କହୁଥିଲା କୁନି
ମାଆରି ମୁହଁକୁ ଅନେଇ
ନୂଆ ବରଷରେ କି ଖାଇବା ସବୁ
ଦେବୁ ମା 'ମୋ ପାଇଁ ବନେଇ।
ଚିକେନ ନା ମାଛ ମଟନ ବେସର
କଅଣ କରିବୁ,କହ ତ
କଥା ଶୁଣି ମୋର କିଆଁ ଚାଲିଯାଉ
ନ ଯାଇ ତୁ ଟିକେ ,ରହ ତ।
କହିଲେ କୁନିକୁ ଅତି ଆଦରରେ
ମାଆ ଲୋ କଣ ବି କରିବା
ନୂଆ ବରଷରେ ଆମିଷ ଖାଇକି
କିଆଁ ପେଟେ ବିଷ ଭରିବା।
ଭାତ ଡାଲି ଶାଗ ଖଟା ଭଜା ଖିରି
ଖାଇଲେ ଯୋ ଖୁସି ମିଳଇ
ମାଛ ମାଂସ କଥା ପାଟିରେ ଧରିଲେ
ଦୁଃଖରେ ମୋ ହୃଦ ବିଳଇ।
ନିରୀହ ପ୍ରାଣୀଙ୍କ ସଂସାର ଉଜାଡି
କି ଲାଭ ମିଳିବ ଧନରେ
ଆଜି ପରି ଏତେ ଭଲ ଦିନଟାରେ
ସେ ଆଡେ ଯାଉନି ମନରେ।
ଆମରି ଯେମିତି ଜୀବନଟି ଅଛି
ତାଙ୍କରି ବି ଅଛି ସେମିତି
ଏଇ କଥାଟିକୁ ସହଜେ ଝିଅ ତୁ
ବୁଝି ପାରୁନାହୁଁ କେମିତି ?

କାହାକୁ ଜୀବନ ଦେଇ ନ ପାରିଲେ
ନେବା କାହିଁ କାହା ଜୀବନ
ଏଇ ପୃଥିବୀରେ ସିଏ ବି ଖୁସିରେ
ବଞ୍ଚୁ ବରଷେ କି ଦିଦିନ।
କାହାର ଅହିତ ଚିନ୍ତା କରି ଆମେ
କି ପାଳିବା ନୂଆ ବରଷ
କାହା ପରାଣରେ ଦୁଃଖ ଦେଇ ଆମେ
କି କରିବା ମନ ହରଷ।
ଜାଣିନୁ କି ଧନ ଜୀବ ହତ୍ୟା କଲେ
ଲାଗୁଥାଏ ମହାପାପଟି
ଜୀବ ମାରି ତାର ମାଂସ ଖାଇ ପଛେ
କାହିଁ ହେବା ଅନୁତାପଟି।
ବୋଉର ମୁହଁରୁ ଏଇ କଥା ଶୁଣି
କୁନି ମନେ ଦୁଃଖୀ ହୋଇଲା
କହିଲା ବୋଉ ଲୋ ଆଜିଠୁ ସେ କଥା
କେବେ କରିବିନି ବୋଇଲା।
ଆଜିଠାରୁ ବୋଉ ଆମିଷ ନ ଖାଇ
ଶାକାହାରୀ ଖାଦ୍ୟ ଖାଇବି
ପରିବା ପତର ଦେହ ପାଇଁ ହିତ
ଏଇ କଥା ଗୁଣ ଗାଇବି।
ସବୁରି ଜୀବନ ଅତି ମୂଲ୍ୟାନ
ଏହା ବୋଉ ! ତୋ ମତରେ
ଏଇ କଥଟିର ମହତ୍ ପଣିଆ
ଆଜି ବୁଝିଲି ମୁଁ ସତରେ।

+ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

# ପବନ ବହିଲା

## ସୁଧାଂଶୁ ଶେଖର ଦ୍ୱିବେଦୀ





ପବନ ବୋହି ଚାଲିଥାଏ। ବନ, ପାହାଡ଼, ନଦୀ, ଝରଣା, ସମୁଦ୍ର ସବୁଠି ତା'ର ସ୍ଥାପତ୍ୟ। ଦିନେ ସେ ଥକି ହାରି ନିମଗଛ ପାଖେ ପହଞ୍ଚି କହିଲା-ଗଛ ଭାଇ ! ମୁଁ ତୋ ପାଖରେ ଆଶ୍ରୟ ନେବି। ମୋତେ ଟିକେ ଆରାମ କରିବାକୁ ସ୍ଥାନ ଦେ।

ନିମ ଗଛ କହିଲା- ଆରେ ବାପରେ... ତୋତେ କଣ ମୁଁ ସମ୍ଭାଳି ପାରିବି ? ତୋ ଗତିକୁ ସହିବା ପାଇଁ ମୋ ଡାଳ ପତ୍ରରେ ଏତେ ଶକ୍ତି ନାହିଁ। ଗତି ହିଁ ତୋ ଜୀବନ। ତୁ ଅଟକି ରହିବାକୁ କଣପାଇଁ ଚାହୁଁଛୁ ?

ପବନ କହିଲା- ମୋତେ ପରିବର୍ତ୍ତନ ଆବଶ୍ୟକ।

ତୁ ବରଗଛ ପାଖକୁ ଯାଆ; ତା' ଡାଳ ପତ୍ର ଭାରି ଶକ୍ତ। ସେ ତୋତେ ନିଶ୍ଚୟ ଆଶ୍ରୟ ଦେବ।

ପବନ ବରଗଛ ପାଖେ ପହଞ୍ଚି କହିଲା- ଭାଇ ମୋତେ ତୋ ଶାଖା ପ୍ରଶାଖାରେ ରହିବାକୁ ସ୍ଥାନ ଦେ। ନିରନ୍ତର ବୋହି ଚାଲିବାରେ ଥକି ପଡିଛି।

ବରଗଛ କହିଲା- ମୋ ଶାଖା ପ୍ରଶାଖା ଅନ୍ୟ ଗଛଠାରୁ ମଜବୁତ ସତ ହେଲେ ତୋ ଗତିକୁ ଅଟକାଇବାର କ୍ଷମତା ନାହିଁ। ମୋ କଥା ମାନି ତୁ ଅଟଳ ବିଶାଳ ପର୍ବତ ନିକଟକୁ ଯାଆ, ସେ ତୋତେ ଶରଣ ଦେଇପାରିବ।

ପବନ ଯଥାଶୀଘ୍ର ବିଶାଳ ପର୍ବତ ନିକଟରେ ପହଞ୍ଚିଗଲା। ତା' ବିନୟ ଶୁଣି ପର୍ବତ କହିଲା-ତୋ ଗତି ହିଁ ତୋ ପରିଚୟ। ଅଟକି ଯାଇଥିବା ପବନକୁ କେହି ଆଦର କରେନାହିଁ।

ସେସବୁ କଥା ମୁଁ କିଛି ଜାଣେନି। ମୋତେ ଟିକେ ଆଶ୍ରୟ ଦେ, ମୁଁ ଆରାମ କରିବି।

ପର୍ବତ ମାନିଗଲା। ବୋହି ଚାଲିଥିବା ପବନ ଅଟକିଗଲା। କିଛି ଦୂରରେ ମୂଷଳଧାରା ବର୍ଷା ହେଉଥାଏ। ପବନ ଅଟକି ଯିବାରୁ ବର୍ଷା ବି ଗୋଟିଏ ସ୍ଥାନରେ ଅଟକି ରହିଲା। ମେଘ ପବନ ପାଖେ ପହଞ୍ଚି କହିଲା- ମୁଁ ଏମିତି ଗୋଟିଏ ସ୍ଥାନରେ ବର୍ଷିବି ତ ସେ ଅଞ୍ଚଳରେ ବନ୍ୟା ହେଇଯିବ। ତୁ ଏମିତି ଅଟକି ରହିଲେ ଅନ୍ୟ ସ୍ଥାନରେ ବର୍ଷା କରିବି କେମିତି ?

ପବନ ନିଦରେ ଥାଇ କହିଲା- ମୁଁ ଥକି ପଡିଛି। ମୋତେ ବିଶ୍ରାମ ନେବାକୁ ଦେ।

ପବନ ଅଟକି ଯିବାରୁ ନଦୀରେ ହେଉଥିବା ଲହରୀ ବି ଅଟକିଗଲା।

ନଦୀ ପବନକୁ କହିଲା- ଆରେ ତୁ ଅଟକି ଯାଇଛୁ କାହିଁକି। ତୋ ଜୀବନ ତ ଗତିରେ ଥାଏ। ଅଟକି ରହିଲେ ଆମେ ସବୁ ଆଗକୁ ବଢିବୁ କେମିତି ?

ଏଥର ପବନ ନିଦ୍ରା ଅବସ୍ଥାରେ ମୁହଁ ଫଣଫଣ କରି କହିଲା- ଯାଆ- ପଳା ଏଠୁ, ମୋତେ ଶାନ୍ତିରେ ଶୋଇବାକୁ ଦେ।

କ୍ଷେତରେ ଧାନ କାନ୍ଧି ବାହାରିଥାଏ। ପବନ ବୋହିଲେ ଧନ କାନ୍ଧି ଦୋହଲେ। ତାକୁ ଦେଖି ଚାଷୀ ମନ ଉଲ୍ଲସିତ ହୁଏ। ଧାନ ଗଛ ଚୁପ ଚାପ ଅଟକିଯିବା ଦେଖି ଚାଷୀ ଆଶ୍ଚର୍ଯ୍ୟ ହେଲା।

ଧାନ ଗଛ ଆସି ପବନକୁ କହିଲା- ନାନୀ! ଜିଦ ଛାଡ଼ିଦେ; ତୁ ଏମିତି ଅଟକି ଗଲେ ସାରା ସଂସାର ଅଟକିଯିବ। ଲୋକମାନେ ଅମ୍ଳଜାନ ଅଭାବରେ ପୋକ ମାଛି ପରି ଛଟପଟ ହୋଇ ମରିଯିବେ। ମୋ କଥା ମାନି ବୋହିବା ଆରମ୍ଭ କର।

ଆକାଶରେ ଦଳେ ପକ୍ଷୀ ଉଡି ଯାଉଥା'ନ୍ତି। ପବନ ଅଟକି ଯିବାରୁ ତାଙ୍କୁ ବି ଡେଣା ହଲେଇ ଉଡିବାକୁ କଷ୍ଟ ହେଉଥାଏ। ସେମାନେ ପର୍ବତ ପାଖେ ପହଞ୍ଚି ତାକୁ ହିଁ ଦୋଷୀ ବୋଲି କହିଲେ।

ପର୍ବତ ପବନକୁ କହିଲା- ଦେଖ ତୋ ଗତି ବିନା ପୂରା ପ୍ରକୃତି କେମିତି ଶିଥିଳ ଏବଂ ଉଦାସ ହୋଇଯାଉଛି। ଗତି ହିଁ ତୋ ପରିଚୟ

ତୁ ବୋହିବା ଆରମ୍ଭ କର, ପ୍ରକୃତିକୁ ଜୀବନ ପ୍ରଦାନ କର। ପର୍ବତର ପରାମର୍ଶରେ ପବନ ବୁଝି ପାରିଲା ଗତି ହିଁ ତା' ଅସ୍ତିତ୍ୱ। ତୁରନ୍ତ ସେ ପର୍ବତର ଆଶ୍ରୟ ତ୍ୟାଗ କରି ବହିବାକୁ ଲାଗିଲା। ପବନ ବୋହିବା କ୍ଷଣି ମେଘମାଳ ଅନ୍ୟ ସ୍ଥାନକୁ ବଢିଗଲା। ନଦୀରେ ଲହରୀ ଆସିଲା। ଧାନ କେଣ୍ଡା ଦୋହଲିବାକୁ ଲାଗିଲା। ପକ୍ଷୀମାନେ ଚିଂ ଚିଂ ଶବ୍ଦ କରି ଆକାଶ ମାର୍ଗରେ ଉଡି ବୁଲିଲେ।

+ବିସି-୭୪, ସଲଟ ଲେକ,
କଲକତା-୬୪
ମୋ-୯୬୮୧୩୭୩୫୧୨

# ଖୋରଧା ମହୋତ୍ସବ: ନବମ ସନ୍ଧ୍ୟାରେ ପାରମ୍ପାରିକ ଡାଲଖାଇ ନୃତ୍ୟରେ ବିମୋହିତ ଦର୍ଶକ

ଖୋର୍ଦ୍ଧା ,୨୬/୧୨ (ନି.ପ୍ର): ଖୋର୍ଦ୍ଧା ମହୋତ୍ସବର ରଜତ ଜୟନ୍ତୀ ଉଦଯାପନୀ ସମାରୋହ ନବମ ସାନ୍ଧ୍ୟ କାର୍ଯ୍ୟ କ୍ରମରେ ବାବା ବାଲୁଙ୍କେଶ୍ୱର ସଙ୍ଗୀତ ନୃତ୍ୟ ଗ୍ରୁପ ଦ୍ୱାରା ସମ୍ବଲପୁରୀ ଡାଲଖାଇ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା । ସେହିପରି ସାଇନିଂ ଡାନ୍ସ ଗ୍ରୁପ,ମା ବାରୁଣେଶ୍ୱରୀ ଡାନ୍ସ ଗ୍ରୁପ ସିନେ ଅଭିନେତ୍ରୀ ଅନନ୍ୟାଙ୍କ ଆଧୁନିକ ସଙ୍ଗୀତ ନୃତ୍ୟ ମଂଚର ମନୋରଞ୍ଜନ କାର୍ଯ୍ୟକ୍ରମକୁ ବହୁଗୁଣିତ କରିଥିଲା । ମହୋତ୍ସବ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଡି. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଅଧକ୍ଷତାରେ ସାଂସ୍କୃତିକ ସନ୍ଧ୍ୟା ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଅଲମ୍ପିକ୍ସ ସଂଘର ସଭାପତି ସମୀର ମହାନ୍ତି ଯୋଗଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଲେ ଖୋର୍ଦ୍ଧା ମହୋତ୍ସବ ପ୍ରାଚୀନ ଐତିହ୍ୟ, କଳା ଓ ସଂସ୍କୃତି ଗୌରବର ଖୋର୍ଦ୍ଧା ମାଟିର କିମ୍ବଦନ୍ତୀ ବହନକରି ଆମର ଯୁବଶକ୍ତିକୁ ଉତ୍ସାହିତ କରି ବିକସିତ ଓଡ଼ିଶା ଓ ବିକଶିତ ଭାରତ ରେ ସେମାନଙ୍କ ଦକ୍ଷତା ବୃଦ୍ଧି କରି ଆତ୍ମ ନିର୍ଭରଶୀଳ କରିବ ବୋଲି କହିଥିଲ । ମହୋତ୍ସବ କମିଟି ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥି ସମୀର ମହାନ୍ତି ଙ୍କୁ ଉପଢ଼ୌକନ, ଖୋର୍ଦ୍ଧା ମାଟିର ପାରମ୍ପାରିକ ପାଇକ ପଗଡ଼ି, ପୁଷ୍ପ ଗୁଚ୍ଛ ଏବଂ ମହୋତ୍ସବ ସ୍ମୃତି ଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମଞ୍ଚ ଉପସ୍ଥାପକ ତଥା ଯୁବ କବି ଦିଲ୍ଲୀପ କୁମାର ବେହେରା ମାନ୍ୟବର ବିଧାୟକ, ଖୋର୍ଦ୍ଧା, ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଙ୍କ ଉପରେ ନିଜ ଲିଖିତ କବିତା ପାଠ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମାଜ ସେବୀ ନିକୁଞ୍ଜ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ବହୁ ସଂଖ୍ୟାରେ ଦର୍ଶକଙ୍କ ସମାଗମ ଦେଖିବାକୁ ମିଳିଥିଲା।

# ଅଟଳ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ଭାରତରତ୍ନ ବାଜପେୟୀ ୧୦୧ ତମ ଜୟନ୍ତୀ ପାଳିତ ଓ ପାରାଦୀପ ମହୋତ୍ସବ ଉଦ୍‌ଘାଟିତ



ପାରାଦୀପ,୨୬/୧୨ (ନି.ପ୍ର): ଅଟଳ ମେମୋରିଆଲ୍ ଟ୍ରଷ୍ଟ, ପାରାଦୀପ ପକ୍ଷରୁ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହୋଇଯାଇଛି । ବାଜପେୟୀଙ୍କ ଜୟନ୍ତୀ ଅବସରରେ ଟ୍ରଷ୍ଟ ପକ୍ଷରୁ ପାରାଦୀପ ମହୋତ୍ସବ ଅନୁଷ୍ଠିତ ହେଇ ଆସୁଛି । ଜୟଦେବ ସଦନ ପରିସରରେ ଅନୁଷ୍ଠିତ ପାରାଦୀପ ମହୋତ୍ସବକୁ ଉଦଘାଟନ କରିଥିଲେ ପାରାଦୀପ ବିଧାୟକ ତଥା ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ । ସାତ ଦିନ ଧରି ଚାଲିବାକୁ ଥିବା ମହୋତ୍ସବର ଉଦଘାଟନୀ ସମାରୋହରେ ନିମନ୍ତ୍ରୀତ ଅତିଥି ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ମହାପାତ୍ର, ବିଧାୟକଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ବରିଷ୍ଠ ନେତା ତପନ କୁମାର ତ୍ରିପାଠୀ, ପାରାଦୀପ ମହୋତ୍ସବର ଆବାହକ ଭବେନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇ ବାଜପେୟୀଙ୍କ ସ୍ମୃତି ଚାରଣ କରିଥିଲେ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି, ବିଜେପି ମଣ୍ଡଳ ସଭାପତି ତଥା ପାରିଷଦ ସୁବ୍ରତ କୁମାର ପ୍ରଧାନ । ସାତ ଦିନ ଧରି ପ୍ରତ୍ୟେକ ସଂନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ଯେଉଁଥିରେ ରାଜ୍ୟର ପ୍ରତିଷ୍ଠିତ କଳାକାର, କଣ୍ଠଶିଳ୍ପୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ୩୧ ତାରିଖ ଦିନ ଏହି ମହୋତ୍ସବ ଉଦଯାପିତ ହେବ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ବଜରଙ୍ଗୀ ସ୍ୱାଇଁ,ମହିଳା ମୋର୍ଚ୍ଚା ନେତ୍ରୀ ପ୍ରିତିରେଖା ମାନ୍ନା, ସୁଲେମାନ ରାଜୁ, ଅର୍ଜଲ ଶିବା, ସର୍ବେଶ୍ୱର ଜେନା ପ୍ରମୁଖ ଯୋଗ ଦେଇଥିଲେ । ଏହା ପୂର୍ବରୁ ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ ଏବଂ ମେମୋରିଆଲ୍ ଟ୍ରଷ୍ଟର ସଦ୍ୟସମାନେ ବାଜପେୟୀ ପାର୍କ ପରିସରରେ ଥିବା ସ୍ୱର୍ଗତ ବାଜପେୟୀଙ୍କ ପୂର୍ଣ୍ଣ ଅବୟବରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ଭୁଜାଲିରେ ଆକ୍ରମଣ କରି ପର୍ସ ଲୁଟ ଘଟଣାରେ ୨ଅଟକ

ଖଇରା,୨୬/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସରଖିଆ କେନାଲ ରାସ୍ତାରେ ରଘୁନାଥ ଜେନାଙ୍କୁ ଭୁଜାଲିରେ ଆକ୍ରମଣ କରି ପର୍ସ ଛିନତାଇ କରିବା ଘଟଣାରେ କୁପାରୀ ଗ୍ରାମବାସୀ ଅଭିଯୁକ୍ତ ୨ଜଣଙ୍କୁ ଧରି ଖଇରା ପୋଲିସକୁ ହସ୍ତାନ୍ତର କରିଛନ୍ତି । କୁପାରୀ ଅମ୍ବିକା ମନ୍ଦିର ନିକଟରେ ୨ଜଣ ସିଗାରେଟ ଟାଣୁଥିବା ବେଳେ ବୁଧବାର ସେମାନଙ୍କୁ ଦେଖିଥିବା ଲେକେ ଧରି ପୋଲିସକୁ ଖବର ଦେଇଥିଲେ । ଖଇରା ଥାନା ଆଇଆଇସି ଭୁବନ ମୋହନ ସେଠୀଙ୍କ ପ୍ରତିକ୍ରିୟା ନେବାରେ ପଚରାଉଚୁରା ସରିବା ପରେ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି ।

# ଉଦ୍‌ଯାପିତ ହେଲା ସାଂସଦ ଖେଳ ମହୋତ୍ସବ

ବାଲେଶ୍ୱର,୨୬/୧୨ (ନି.ପ୍ର): ଆଜି ସାରା ଦେଶର ବିଭିନ୍ନ ସଂସଦୀୟ କ୍ଷେତ୍ରରେ ଆୟୋଜିତ ସାଂସଦ ଖେଳ ମହୋତ୍ସବର ଉଦଯାପନ ଦିବସ ପାଳିତ ହୋଇଯାଇଛି। ଗତ ୨୯ ନଭେମ୍ବରରେ ଆରମ୍ଭ ହୋଇଥିବା ଏହି ମହାନ କ୍ରୀଡା ଆୟୋଜନର ଉଦଯାପନ ଅବସରରେ ଆଭାସି ମାଧ୍ୟମରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କ୍ରୀଡାବିତ୍ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ପରମିଟ ପଡ଼ିଆରେ ସାଂସଦ ଖେଳ ମହୋତ୍ସବର ଉଦଯାପନୀ ସମାରୋହ ଗମ୍ଭୀରତା ସହ ଆୟୋଜିତ ହୋଇଥିଲା। ମାନ୍ୟବର ସାଂସଦ,ବାଲେଶ୍ୱର ଶ୍ରୀ ପ୍ରତାପ ଷଡ଼ଙ୍ଗୀ ଆଭାସି ମାଧ୍ୟମରେ କ୍ରୀଡାବିତ୍ ମାନଙ୍କୁ ଉଦ୍‌ବୋଧନ ଦେଇ ଯୁବ ପିଢ଼ୀଙ୍କୁ କ୍ରୀଡାରେ ଆଗ୍ରହୀ ହେବା ପାଇଁ ଆହ୍ୱାନ ଜଣାଇଥିଲେ। ଏହି ମହୋତ୍ସବରେ ବାଲେଶ୍ୱର ଜିଲ୍ଲାରୁ ଜୁନିୟର ଓ ସିନିୟର୍ ଶ୍ରେଣୀର ସର୍ବମୋଟ ପ୍ରାୟ ୧,୦୦୦ ଜଣ କ୍ରୀଡାବିତ୍ ଅଂଶଗ୍ରହଣ କରିଥିଲେ। ମୋଟ ୧୩ଟି ପ୍ରକାରର ଖେଳକୁଦ—ଖୋ-ଖୋ, କବାଡି, ଭଲିବଲ, ଫୁଟବଲ (ବାଳକ ଓ ବାଳିକା), ମ୍ୟୁଜିକାଲ୍ ଚେୟାର, ସ୍କିପିଂ ଇତ୍ୟାଦି—ଆୟୋଜିତ କରାଯାଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କ୍ରୀଡାବିତ୍ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ସମାରୋହରେ ମାନ୍ୟବର ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତାଙ୍କ ସହ ମାନ୍ୟବର ବିଧାୟକ ବଡ଼ସାହି ଶ୍ରୀ ସନାତନ ବିଜୁଳି, ମାନ୍ୟବର ବିଧାୟକ ସଦର ଶ୍ରୀ ମାନସ କୁମାର ଦତ୍ତ, ମାନ୍ୟବର ବିଧାୟକ, ନୀଳଗିରି ଶ୍ରୀ ସନ୍ତୋଷ କୁମାର ଖଟୁଆ, ସମ୍ମାନୀୟ ରାଜ୍ୟ ମହିଳା କମିଶନ ଅଧକ୍ଷା ଶ୍ରୀମତୀ ସଭନା ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାଲେଶ୍ୱର ଜିଲ୍ଲାର କ୍ରୀଡାବିତ୍ ମାନଙ୍କ ଦ୍ୱାରା ମନୋରଞ୍ଜନାତ୍ମକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ପରେ ବିଜୟୀ କ୍ରୀଡାବିତ୍ମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବକ୍ତାମାନେ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ଯୁବ ନିର୍ମାଣ ଓ ଦୃଢ଼ ରାଷ୍ଟ୍ର ଗଠନରେ କ୍ରୀଡାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୃଢ଼ ଇଚ୍ଛାଶକ୍ତି, ଶ୍ରମ ଓ ନିଷ୍ଠା ମାଧ୍ୟମରେ ଯେକୌଣସି ସାଧାରଣ ପରିବାରର ଯୁବକ-ଯୁବତୀ ମଧ୍ୟ ଦେଶ ଓ ରାଜ୍ୟର ଗର୍ବ ହୋଇପାରନ୍ତି ବୋଲି ସେମାନେ ମତ ପ୍ରକାଶ କରିଥିଲେ।

# ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ୧୦୧ ତମ ଜୟନ୍ତୀ ପାଳିତ




ପାରାଦୀପ,୨୬/୧୨ (ନି.ପ୍ର): ପାରାଦୀପର ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ନୂଆବଜ଼ାର ସ୍ଥିତ ବାଜପେୟୀ ପାର୍କ ପରିସରରେ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଟ୍ରଷ୍ଟ ପକ୍ଷରୁ ଦିନ ସାରା ବିଭିନ୍ନ ଜନହିତକରି କାର୍ଯ୍ୟକ୍ରମ କରାଯାଇଥିଲା । ଅପରାହ୍ନରେ ଟ୍ରଷ୍ଟ ପରିସରରେ ଟ୍ରଷ୍ଟର ଅଧକ୍ଷ ଅଜିତ କୁମାର ଦାସଙ୍କ ପୌରହିତ୍ୟରେ ଆୟୋଜିତ ସ୍ମୃତି ସଭାରେ ଶ୍ରମିକ ନେତା ଅନନ୍ତ କୁମାର ଦାସ, ସାମ୍ବାଦିକ ରାମଚନ୍ଦ୍ର ସ୍ୱାଇଁ, ଶରତ କୁମାର ରାଉତ, ବରିଷ୍ଠ ଆଇନଜୀବୀ ଗୋରାଚାନ୍ଦ ସିଂ, ପାରିଷଦ ବନୀତା ରାଉତ ଅତିଥି ଭାବେ ଯୋଗ ଦେଇ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ । ଟ୍ରଷ୍ଟର ସମ୍ପାଦକ ଅରୁଣ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସ୍ମୃତି ସଭା ପୂର୍ବରୁ ଟ୍ରଷ୍ଟ ପରିସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ପାରାଦୀପ ଅଂଚଳର କବିମାନେ ଯୋଗ ଦେଇ ବିଭିନ୍ନ କବିତା ପାଠ କରିଥିଲେ । ଟ୍ରଷ୍ଟର ସହସମ୍ପାଦକ ସଂଜୀବ କୁମାର ମିଶ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କବି ତୁଳସୀ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ । ଟ୍ରଷ୍ଟର ସଦସ୍ୟ ଓ ବହୁ ଜନସାଧାରଣ ଏହି ସ୍ମୃତିସଭାବେ ଯୋଗଦେଇ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଉନବିଂଶ ତମ ଚଉଷଠି ଯୋଗିନୀ ମହୋତ୍ସବ ଉଦ୍‌ଯାପିତ




ଭୁବନେଶ୍ୱର ,୨୬/୧୨ (ନି.ପ୍ର): କଳାରେ ରୁଦ୍ଧିମନ୍ତ ଉତ୍କଳ ଭୂମିରେ ଶାସ୍ତ୍ରୀୟ କଳା ଓ ଲୋକ ପରମ୍ପାର ସମୃଦ୍ଧ ଐତିହ୍ୟକୁ ପରିବ୍ୟାପ୍ତ କରିବା ଉଦେଶ୍ୟରେ ଓଡିଶା ସଂଗୀତ ନାଟକ ଏକାଡେମୀ, ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ର ସହାୟତାରେ ଓଡିଶୀ ନୃତ୍ୟ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡା ଦ୍ୱାରା ପ୍ରତିଷ୍ଠିତ ଓଡିଶୀ ନୃତ୍ୟ ଅନୁଷ୍ଠାନ ନୃତ୍ୟ ପ୍ରତିଭା ଉନବିଂଶ ତମ ଚଉଷଠି ଯୋଗିନୀ ମହୋତ୍ସବ ଭାରତୀୟ ବିଦ୍ୟାଭବନ ଠାରେ ଉଦଯାପିତ ହୋଇଯାଇଛି। ଦୁଇ ଦିନ ଧରି ଥିବା ଏହି କର୍ଯ୍ୟକ୍ରମରେ ଉଦଯାପନୀ ସଂଧ୍ୟାରେ ଅତିଥି ଭାବେ ପୂର୍ବତନ ବିଧାୟକ ,ଅଧକ୍ଷ ,ଚଉଷଠି ଯୋଗିନୀ ମହୋତ୍ସବ ଡଃ ଅରବିନ୍ଦ ଢାଲୀ, ସାହିତ୍ୟିକ ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ, ଓଡଶୀ ଗୁରୁ ଗଜେନ୍ଦ୍ର ପଣ୍ଡା, ସଭାପତି ନୃତ୍ୟ ପ୍ରତିଭା ଡଃ ରଜନୀ ରଞ୍ଜନ ଦାଶ , ଉପସଭାପତି ବଂଙ୍କିମ୍ ନାୟକ, ନୃତ୍ୟପ୍ରତିଭାର ସଂମ୍ପାଦିକା ଗୁରୁ ପ୍ରତିଭା ପଣ୍ଡା, ବିଜେପି ନେତା ଜଗନ୍ନାଥ ପ୍ରଧାନ ,ସିନେ ଅଭିନେତ୍ରୀ ଉସଶୀ ମିଶ୍ର,ସିନେ ତାରକା ଦେବଜାନୀ ଡେଗୁରିଆ ଯୋଗଦାନ କରି ଚଉଷଠି ଯୋଗାନୀ ଙ୍କ ତଥ୍ୟ ସମ୍ବଳିତ ଏକ ସ୍ମରଣୀକା ଉନ୍ମୋଚିତ କରାଯାଇଥିଲା। ଏହି ଅବସରରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରରୀ ବାଜପେୟୀ ଙ୍କ ୧୦୦ତମ ଜନ୍ମଜୟନ୍ତୀ ଉଦେଶ୍ୟରେ ଧୀରେନ୍ଦ୍ର ନାଥ ମଲ୍ଲିକଙ୍କ ନିର୍ଦ୍ଦେଶିତ ' ରାଷ୍ଟ୍ର ପୁରୁଷ ଅଟଳ' ନାମକ ଏକ ନାଟକ ଶତାବ୍ଦୀ ର କଳାକାର ଦ୍ୱାରା ପରିବେଷଣ କରାଯିବା ସହ ପୂର୍ବତନ ବିଧାୟକ ଅରବିନ୍ଦ ଢାଲୀ ଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା ।ଏହି ଅବସରରେ ଓଡିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଇଲିୟାନା ସୀତାରୀଷ୍ଟିଙ୍କୁ ସମ୍ମାନ ଜନକ ଚଉଷଠୀ ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ ଓ ସୁଲେଖିକା ଶ୍ରୁତକିର୍ତୀ ତ୍ରିପାଠୀ ଙ୍କୁ ଯୁବ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଡ ଇତିରାଣୀ ସାମନ୍ତଙ୍କୁ ସୁରେଶ ବଳବନ୍ତରାୟଙ୍କ ସ୍ମୃତିରେ ଚଉଷଠି ଯୋଗିନୀ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉଦଯାପନୀ ସଂଧ୍ୟାରେ ଇଲିଆନା ଶୀତାରିଷ୍ଟଙ୍କ ଦ୍ୱାରା ଏକକ ଓଡିଶୀ ନୃତ୍ୟ,ପ୍ରଭାତ ସ୍ୱାଇ ଓ ଦଳଙ୍କ ଦ୍ୱାରା ଦଳଗତ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା ଯାହା ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି କାର୍ଯ୍ୟକ୍ରମଟିକୁ ଶ୍ରୀନିବାଶ ଘଟୁଆରୀ ପରିଚାଳନା କରିଥିଲେ ।

# ଆରଏସପିରେ କର୍ମଚାରୀଙ୍କ ଜୀବନସାଥୀଙ୍କ ନିମନ୍ତେ କାରଖାନା ଗସ୍ତ କାର୍ଯ୍ୟକ୍ରମ ଆୟୋଜିତ

ରାଉରକେଲା,୨୬/୧୨ (ନି.ପ୍ର): ମାନବ ସମ୍ବଳ ପ୍ରୟାସର ଅଂଶ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା କର୍ମଚାରୀମାନଙ୍କ ଜୀବନସାଥିଙ୍କ ପାଇଁ 'ପ୍ରଗତିର ସାଥୀ' କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଭାବଶାଳୀ ପ୍ରଗତିର ସହଯାତ୍ରୀ ହେବା ନିମନ୍ତେ କାରଖାନାର କାର୍ଯ୍ୟଧାରା ଓ କାର୍ଯ୍ୟ ନିୟମାବଳୀ ବିଷୟରେ ସେମାନଙ୍କୁ ସଚେତନ କରାଇବା ଏହି ଗସ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିଲା। ଏହି ପ୍ରୟାସ ଅଧୀନରେ ନୂତନ ପ୍ଲେଟ ମିଲ, ହଟ ଷ୍ଟ୍ରିପ ମିଲ-୨, ଏସପିପି ଓ ସିଇଏମ ବିଭାଗର ୨୦ ଜଣ କର୍ମଚାରୀଙ୍କ ସହଧର୍ମିଣୀଙ୍କୁ ଡିସେମ୍ବର ୨୦ ତାରିଖ ଦିନ, ବ୍ଲାଷ୍ଟ ଫର୍ଣ୍ଣେସ-୫, ନୂତନ ପ୍ଲେଟ ମିଲ, ହଟ ଷ୍ଟ୍ରିପ ମିଲ ୨ ବିଭାଗ ପରିଦର୍ଶନରେ ନିଆଯାଇଥିଲା। ଏହାର ସ୍ୱାଗତ, ଓରିଏଣ୍ଟେସନ ଏବଂ ମତବିନିମୟ ଅଧିବେଶନରେ ନୂତନ ପ୍ଲେଟ ମିଲ, ଏସପିପି, ଓ ଡିଜିଟାଲାଇଜେସନ ବିଭାଗର ସିଜିଏମ ଶ୍ରୀ ଆର କେ ମୁଦୁଲି ଅଧକ୍ଷତା କରିଥିଲେ। ଏହି ଅବସରରେ ନୂତନ ପ୍ଲେଟ ମିଲ ବିଭାଗର ଜିଏମ ଶ୍ରୀ ନୀଳମଣି ମହାପାତ୍ର ଓ ଶ୍ରୀ ଏସ ସୁବ୍ରମଣ୍ୟମ, ଏଚଆର ବିଭାଗର ସିନିୟର ମ୍ୟାନେଜର ଶ୍ରୀ ପି କେ ଜେନା, ଏନପିଏମ ବିଭାଗର ଏଏସଓ ସୁଶ୍ରୀ ପ୍ରଜ୍ଞା ନାଥ ଓ ବିଭାଗର ଅନ୍ୟ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ପରିଦର୍ଶକମାନଙ୍କୁ କାରଖାନାର ସାମଗ୍ରିକ ଚିତ୍ର ଏବଂ ସୁରକ୍ଷା ଉପରେ ଭିଡିଓ ଦେଖାଯାଇଥିଲା। ମତବିନିମୟ ଅବସରରେ ବରିଷ୍ଠ ଅଧିକାରୀମାନେ ପରିଦର୍ଶକମାନଙ୍କୁ ସେମାନଙ୍କର ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ଜଣାଇବା ସହ କାରଖାନାର ଅଗ୍ରଗତିର ପ୍ରମୁଖ ଅଂଶୀଦାର ଭାବରେ ବର୍ଣ୍ଣନା କରିଥିଲେ । ସେମାନଙ୍କର ଜୀବନସାଥିଙ୍କୁ ସୁରକ୍ଷା ନିୟମ ଏବଂ ମାନକର ଅନୁପାଳନ ନିମନ୍ତେ ଉତ୍ସାହିତ କରିବାକୁ ବରିଷ୍ଠ ଅଧିକାରୀମାନେ ସେମାନଙ୍କୁ ଅନୁରୋଧ କରିଥିଲେ। ଏହି ପରିଦର୍ଶନ ସମୟରେ ଅତିଥିମାନଙ୍କୁ କଞ୍ଚାମାଲ ଠାରୁ ଆରମ୍ଭ କରି ଚୂଡାନ୍ତ ସାମଗ୍ରୀ ତିଆରି ପର୍ଯ୍ୟନ୍ତ ସଂପୂର୍ଣ୍ଣ ଇସ୍ପାତ ଉତ୍ପାଦନ ପ୍ରକ୍ରିୟା ବିଷୟରେ ସଂକ୍ଷିପ୍ତ ସୂଚନା ଦିଆଯାଇଥିଲା। ମାନବ ସମ୍ବଳ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ସମ୍ବିତ ନନ୍ଦି ଏହି ଗସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ

କେନ୍ଦ୍ରାପଡା,୨୬/୧୨ (ନି.ପ୍ର): କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆରେ ଆୟୋଜିତ ହେଉଥିବା ସଂସଦୀୟ କ୍ଷେତ୍ରର ସାଂସଦ ଖେଳ ମହୋତ୍ସବ ୨୦୨୫ର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ସଂଯୋଜକ ସୁନାକର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ କେନ୍ଦ୍ରାପଡ଼ାର ସାଂସଦ ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡ଼ା ଯୁବ ଖେଳ ପ୍ରତିଭାର ଗନ୍ତାଘର। ଏହି ଖେଳ ପ୍ରତିଯୋଗିତା ଅନେକ ଲୁକ୍କାୟିତ ପ୍ରତିଭାବାନ କ୍ରୀଡ଼ାବିତଙ୍କ ପ୍ରତିଭାକୁ ଲୋକ ଲୋଚନକୁ ଆଣି ପାରିଛି। ଏତେ ସଂଖ୍ୟାରେ ପ୍ରତିଭାବାନ କ୍ରୀଡ଼ାବିତ ଆମ ଜିଲ୍ଲାରେ ଥିଲେ ତାହା ଆଶ୍ଚର୍ଯ୍ୟ ଲାଗୁଛି ବୋଲି କହିଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ନିଶ୍ଚିତ ସଫଳ ହୋଇଛି । ଆସନ୍ତା ବର୍ଷ ଏହି କ୍ରୀଡାରେ କେନ୍ଦ୍ରାପଡ଼ାରେ ଲକ୍ଷାଧିକ ଖେଳାଳିଙ୍କୁ ସାମିଲ କରାଯିବା ପାଇଁ ପ୍ରୟାସ କରାଯିବ ଏବଂ ଏହି କ୍ରୀଡ଼ାବିତମାନେ ଆଗାମୀ ଭବିଷ୍ୟତରେ ରାଜ୍ୟ, ରାଷ୍ଟ୍ରୀୟ ତଥା ଆନ୍ତର୍ଜାତୀୟ କ୍ଷେତ୍ରରେ ନିଜର କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିବା ପାଇଁ ଅପୂର୍ବ ସୁଯୋଗ ପାଇବେ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ମହାକାଳପଡ଼ାର ବିଧାୟକ ଡଃ. ଦୁର୍ଗା ପ୍ରସନ ନାୟକ, ଜିଲ୍ଲାପାଳ ରଘୁରାମ ଆର ଆୟର, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠି, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ଜ୍ୟୋତ୍ସ୍ନାରାଣୀ ଜେନା, କିଶୋର କୁମାର ପଣ୍ଡା, ସଲିମ ଖାଁ, ଅଭିମନ୍ୟୁ ଗୋଛାୟତ, ସଞ୍ଜୟ ରଥ, ଉମାକାନ୍ତ ପଟ୍ଟନାୟକ, ସୁମନ୍ତ କୁମାର ଘଡ଼ାଇ ପ୍ରମୁଖ ଯୋଗ ଦେଇଥିଲେ।

# ସ୍ୱର୍ଗତ ନିଶାକର ପାଣିଗ୍ରାହୀଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା



ଶ୍ୟାମାଖୁଣ୍ଟା,୨୬/୧୨ (ନି.ପ୍ର): ଆଇନଜୀବୀ ନିଶାକର ପାଣିଗ୍ରାହୀଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପାଣିଗ୍ରାହୀ ଜଣେ ଟ୍ୟାକ୍ସ ଓକିଲ ଭାବେ ସାଧାରଣରେ ଖୁବ୍ ସୁନାମ ଅର୍ଜନ କରିଥିଲେ। ଚଳିତମାସ ୧୪ ତାରିଖ ଦିନ ଭୁବନେଶ୍ୱରରେ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଥାଇ ମାତ୍ର ୬୫ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଆଇନଜୀବୀ ନିରଞ୍ଜନ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ସ୍ୱର୍ଗତ ପାଣିଗ୍ରାହୀ ଜଣେ ଦକ୍ଷ ଆଇନଜୀବୀ ଓ ଅତ୍ୟନ୍ତ ମିଷ୍ଟଭାଷୀ ଏବଂ ଲୋକପ୍ରିୟ ଥିଲେ। ତାଙ୍କର ଅକାଳ ବିୟୋଗ ସମସ୍ତଙ୍କୁ ବିସ୍ମିତ କରିଛି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ଅନେକ ବ୍ୟକ୍ତି ମତ ଦେଇଥିଲେ। ସ୍ୱର୍ଗତ ପାଣିଗ୍ରାହୀ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ବାସୁଦେବପୁରରୁ ଶିକ୍ଷା ସମାପ୍ତପରେ ଗତ ୧୯୮୨ ମସିହାରେ ବାଲେଶ୍ୱରରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ବାଲେଶ୍ୱର ସହରର ନେଳିଆବାଗରେ ଗୃହ ନିର୍ମାଣ କରି ସପରିବାର ବସବାସ କରିଆସୁଛନ୍ତି। ତାଙ୍କର ବିଧବା ପତ୍ନୀ ମାଳତୀ ପାଣିଗ୍ରାହୀ ଓ ଦୁଇ ପୁଅ ଅମରେନ୍ଦ୍ର ଓ ସମରେନ୍ଦ୍ର, ପୁତ୍ରବଧୂଙ୍କ ସହ ନାତିନାତୁଣୀ ରହୁଛନ୍ତି। ଶ୍ରଦ୍ଧାଞ୍ଜଳି ସଭା ପ୍ରାରମ୍ଭରେ ଉପସ୍ଥିତମାନେ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ୍ ନିରବ ପ୍ରାର୍ଥନା କରି ତାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ଗୌରାଙ୍ଗ ପାଣିଗ୍ରାହୀ, ତନୁଶ୍ରୀ ସାହୁ, ମାନସ ରଞ୍ଜନ ସାହୁ, ରବି କୁମାର ପାଣିଗ୍ରାହୀ ଓ ବହୁ ଆଇନଜୀବୀ, ସାହି ପଡ଼ୋଶୀ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଥିଲେ।

# ସୁଲଗ୍ନା କଲେଜରେ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ



ବାଲେଶ୍ୱର,୨୬/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସତ୍ୟନଗର ରେ ଥିବା ସୁଲଗ୍ନା କଲେଜରେ ୧୬ ତମ ବାର୍ଷିକ ଉତ୍ସବ ପ୍ରିନ୍ସିପାଲ ଧରଣୀଧର ଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଷ୍ଟିସ ବିଜୟ କୁମାର ନାୟକ , ସମ୍ମାନୀୟ ଅତିଥି ଭାବେ ଉପଜିଲ୍ଲାପାଳ ସୁଧାକର ନାୟକ , ସମ୍ମାନୀୟ ଅତିଥି ଭାବେ ଡକ୍ଟର ମଦନ ମୋହନ ସିଂ , ଭାରତ ରାଷ୍ଟ୍ରଦୂତ ବିଜୟ ଲାଣ୍ଡର , ଅବସ୍ଥାପିତ ନୀୟଜ ଲାଣ୍ଡର୍ ଚିପ ସ୍ପିକର, ସମ୍ମାନୀୟ ଅତିଥି ଭାବେ ତହସିଲ ଦାର କୃଷ୍ଣ ମୋହନ ସିଂ , କବି ପ୍ରଶାନ୍ତ ଦାସ , ବରିଷ୍ଠ ସାମ୍ବାଦିକ ବଂଶୀଧର ଜେନା ଓ ପ୍ରିନ୍ସିପାଲ ମଧୁସ୍ମିତା ଦାସ ପ୍ରମୁଖ ମଞ୍ଚରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଜଷ୍ଟିସ ବିଜୟ କୁମାର ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରି ଥିଲେ । ଅତିଥି ମାନଙ୍କ ଦ୍ୱାରା ଦୁଇଟି ପୁସ୍ତକ ଉନ୍ମୋଚନ କରିବା ସଙ୍ଗେ ସଙ୍ଗେ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ମାନପତ୍ର ବିତରଣ କରିଥିଲେ। କଲେଜ ପରୀକ୍ଷାରେ ଓଡ଼ିଶାରେ ୧ମ , ୨ୟ ସ୍ଥାନ ଅଧିକାର କରିଥିବା ପିଲାଙ୍କୁ ପୁରସ୍କାର ମାନପତ୍ର ଉତ୍ତରି ଅର୍ଥ ରାଶି ଦେଇ ସମ୍ମାନିତ କରାଯାଇଥିଲା। ସମାଜର ମଙ୍ଗଳ ପ୍ରତ୍ୟେକ କ୍ଷେତ୍ରରେ ସମାଜ ସେବାରେ ନିୟୋଜିତ ଥିବା ଲୋକଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଜଷ୍ଟିସ ବିଜୟ କୁମାର ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ପିଲାର ମା ବାପା ପିଲାଙ୍କୁ ଅସୁର କରିବା ପାଇଁ ଚାହୁଛନ୍ତି ନା ଭଲ ମଣିଷ କରିବାକୁ ଚାହୁଁଛନ୍ତି ତାହା ନିଜେ ଅଭିଭାବକ ମାନେ ଚିନ୍ତା କରନ୍ତୁ । ତେଣୁ ଯଦି ପିଲା ଙ୍କ ଭଲ ରାସ୍ତାରେ ନେବାକୁ ଚାହୁଁଛନ୍ତି , ପିଲାର ଯତ୍ନ ନିଅନ୍ତୁ । ପିଲା କିପରି ମଣିଷ ହେବ ଚେଷ୍ଟା କରନ୍ତୁ । ସେହିପରି ସୁଲଗ୍ନା କଲେଜ ପ୍ରତ୍ୟେକ ଶିକ୍ଷକ ଶିକ୍ଷୟତ୍ରୀ କିପରି ଭଲ ମଣିଷ ଭାବରେ ଗଢା ହେବପିଲା ମାନେ ଚେଷ୍ଟା କରନ୍ତୁ। ଅନ୍ୟ ସମସ୍ତ ସମ୍ମାନୀୟ ଅତିଥି ମାନେ କଲେଜ ଅଧକ୍ଷ ପ୍ରତ୍ୟେକ ବର୍ଷ ପରି ବାର୍ଷିକ ଉତ୍ସବ କରିଥିବାରୁ ଧନ୍ୟବାଦ୍ ଦେଇଥିଲେ। ସ୍କୁଲ ଓ କଲେଜ କିପରି ଭାବରେ ଆଗକୁ ଆଗକୁ ଯିବା ଚେଷ୍ଟା କରନ୍ତୁ। ସ୍କୁଲର ଅଧକ୍ଷ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଅତିଥି ମାନେ ବହୁ ମୂଲ୍ୟବାନ ସମୟ ଦେଲେ ସୁଲଗ୍ନା ବାର୍ଷିକ ଉତ୍ସବରେ ଯୋଗ ଦେଇଥିବାରୁ ଧନ୍ୟବାଦ୍ ଦେଇଥିଲେ। ଶେଷରେ ପ୍ରିନ୍ସିପାଲ ମଧୁସ୍ମିତା ଦାସ ଧନ୍ୟବାଦ୍ ଦେଇ ସଭା ଶେଷ କରିଥିଲେ। ସର୍ବଶେଷରେ ସ୍କୁଲ ଓ କଲେଜ ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ବାର୍ଷିକ ଉତ୍ସବ କୁ ସ୍କୁଲ ଓ କଲେଜ ର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ବୀର ବାଲ୍‌ଦିବସ ପାଳିତ



ଖୋର୍ଦ୍ଧା, ୨୬/୧୨ (ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ୨୦୧୪ ମସିହା ପାଖରୁ ୨୬ ଡ଼ିସେମ୍ବର ରାଷ୍ଟ୍ରୀୟ ବୀର ବାଲ୍ ଦିବସ ପାଳିତ ହୋଇ ଆସୁଅଛି। ଏହି କ୍ରମରେ ଆଜି ରେମୁଣା ଗୋଲେଇ ସ୍ଥିତ ଗୁରୁଦ୍ୱାରାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଓ ଗୁରୁଦ୍ୱାରା ପ୍ରବନ୍ଧକ କମିଟିର ସହଯୋଗରେ ଏକ ପ୍ରାର୍ଥନା ସଭା ଓ ସ୍ମୃତି ଚାରଣ ସଭା ଆୟୋଜିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଓ ମୁଖ୍ୟ ବକ୍ତା ଭାବେ ଅମର ସିଂହ ଓ୍ୱାଲିଆ ଓ ସମ୍ମାନିତ ଅତିଥି ଭାବେ ଭଗବାନ ଦାସ ଗୁପ୍ତା ଯୋଗଦାନ କରିଥିଲେ। ସଭାକାର୍ଯ୍ୟକୁ ଶ୍ରୀନିବାସ ପ୍ରଧାନ ସଂଯୋଜନା କରିଥିବା ବେଳେ ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ଓ ଯୁବମୋର୍ଚ୍ଚା ଜିଲ୍ଲା ଉପସଭାପତି ନାରାୟଣ ମହନ୍ତ ସହଯୋଗ କରିଥିଲେ। ସାମୁହିକ ପ୍ରାର୍ଥନା ଉପରାନ୍ତେ ଦୁଇ ସାହେବଜାଦା ଫତେହ ସିଂହ ଓ ଜରାଓ୍ୱାର ସିଂହଙ୍କ ସ୍ମୃତି ଚାରଣ ସଭା ଆରମ୍ଭ ହୋଇଥିଲା, ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବେହେରା ପ୍ରାରମ୍ଭିକ ସୂଚନା ଦେଇ ସନାତନୀ ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ଶିଖ ମାନଙ୍କର ବଳିଦାନକୁ ମନେପକାଇବା ସହିତ କୃତଜ୍ଞତା ଜ୍ଞାପନ କରିଥିଲେ। ମୁଖ୍ୟବକ୍ତା ଓ ଅତିଥିବୃନ୍ଦ ସେମାନଙ୍କ ବ୍ୟକ୍ତବ୍ୟରେ ତତ୍କାଳୀନ ଇସଲାମିକ୍ କ୍ରୁର ଶାସକ ଓ୍ୱରଙ୍ଗଜେବର ଅତ୍ୟାଚାରରୁ ସନାତନୀ ଧର୍ମର ରକ୍ଷା ପାଇଁ ଦଶମ ଗୁରୁ ଗୋବିନ୍ଦ ସିଂହ ଖାଲସା ପନ୍ଥ ତିଆରି କରିଥିଲେ। ୧୭୦୫ ଡିସେମ୍ବର ୨୬ ତାରିଖରେ ଗୁରୁ ଗୋବିନ୍ଦ ସିଂହଙ୍କ ଦୁଇ ନାବାଳକ ପୁତ୍ର ଫତେହ ସିଂହ ଓ ଜରାଓ୍ୱାର ସିଂହ ଇସଲାମ ଧର୍ମ ଗ୍ରହଣ ନକରିବାରୁ ଓ୍ୱରଙ୍ଗଜେବର ସେନାପତି ଓ୍ୱଜିର ଖାଁ ଅତ୍ୟନ୍ତ ନିର୍ମମ ଭାବେ ଦୁଇ ନାବାଳକ ପୁତ୍ରଙ୍କୁ ଜୀବନ୍ତ ସମାଧି ଦେଇଥିଲେ। ମୁଖ୍ୟବକ୍ତା ମତପୋଷଣ କରିଥିଲେ ସ୍ୱାଧୀନତା ପରଠାରୁ କେନ୍ଦ୍ର ସରକାରଙ୍କ ତୋଷଣ ନୀତି ପାଇଁ ଇତିହାସ ଓ ପାଠ୍ୟ ପୁସ୍ତକରେ ଏସବୁକୁ ବାଦ୍ ଦିଆଯାଇଛି। ଏବେ ସମୟ ଆସିଛି ଇତିହାସର ଠିକ୍ ମୂଲ୍ୟାୟନ କରିବା ପାଇଁ। ଶେଷରେ ଜିଲ୍ଲା ସମ୍ପାଦକ ରାଜେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ନାରୀ ନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ଜିଲ୍ଲା ସମ୍ପାଦକ ବିଜୟ ସାହୁ, ସିପ୍ରାରେଖା ମହାପାତ୍ର, ରବିତା ଦାସ, ଜିଲ୍ଲା ଉପସଭାପତି ସୁକୁମାର ଦାସ ଓ ସସ୍ମିତା ଚାନ୍ଦ, ରଞ୍ଜିତ କୁମାର ପୃଷ୍ଟି, କବଲଜୀତ ସିଂହ, ପିଣ୍ଟୁ ପଣ୍ଡା, ସୁଶାନ୍ତ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ସାହା, ସୁରଞ୍ଜନ୍‌ର ସେଠୀ, ଶିବଶଙ୍କର ରାୟ, ସୁସ୍ମିତା ପଣ୍ଡା, ମଧୁଶ୍ରୀ ପଣ୍ଡା, କମଳା ବିନ୍ଧାଣି, ଶାକମ୍ବରୀ ଟୁଡୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଭିଜିଲାନ୍ସ ଜାଲରେ...

ରାଣୀ ହାର ଠାରୁ ଆରମ୍ଭ କରି ଲାଟେଷ୍ଟ ସୁନା ଅଳଙ୍କାର ରହିଛି । ଏହାସହ ଦାମୀ ଘଣ୍ଟା ବି ରହିଛି। ଦାମୀ ପରଫ୍ୟୁମ ବି ଜବତ ହୋଇଛି। ମାଲେସିଆ, ଥାଇଲ୍ୟାଣ୍ଡ, ବ୍ୟାଙ୍ଗକକ୍ ଆଦି ଦେଶ ଗସ୍ତରେ ଯାଉଥିବା ବାବୁଙ୍କ ଘରୁ ବିଦେଶୀ ଟଙ୍କା ଜବତ ହୋଇଛି। ଫରେଷ୍ଟ ଗାର୍ଡରୁ ପଦୋନ୍ନତି ପାଇଁ ଫରେଷ୍ଟର ହୋଇଥିବା ଜଣେ ସରକାରୀ ବାବୁ ଅଳ୍ପ ଦିନ ଭିତରେ ପୁଳା ପୁଳା ସମ୍ପତି ଠୁଳ କରିଛନ୍ତି। ନିରଞ୍ଜନ ଶତପଥିଙ୍କ ପୁଅ ବ୍ୟବହାର କରୁଥିଲେ ଲାଟେଷ୍ଟ ଆଇଫୋନ୍। କେବଳ ଏତିକି ନୁହେଁ ଜଙ୍ଗଲ ବିଭାଗରେ ଥିବା ଏହି ବାବୁଙ୍କ ଘରୁ ଦାମୀ ଆସବାବପତ୍ର ରହିଛି। ଘର ସଜ୍ଜାରେ ବେଶ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ଦାମି ଶାଗୁଆନ କାଠରେ ତିଆରି ହୋଇଛି ଫର୍ଣ୍ଣିଚର । ଶାଗୁଆନ କାଠରେ ତିଆରି ମୂର୍ତ୍ତି ବି ଘରେ ସଜା ହୋଇଛି । ନିରଞ୍ଜନ ଶତପଥିଙ୍କ ଘରର ସାଜସଜ୍ଜା ଓ ଜବତ ହୋଇଥିବା ସାମଗ୍ରୀ ଦେଖିଲେ ଅନୁମାନ କରିହେଉଛି ଯେ ବାବୁ ଜଣଙ୍କ ଓ ତାଙ୍କ ପରିବାର ବେଶ ସଉକିଆ ଥିଲେ । ଏବଂ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିଲେ। ନିରଞ୍ଜନଙ୍କ ପୁଅ ଟ୍ରେଣ୍ଡିଂ କରୁଥିବା କୁହାଯାଉଛି। ନିରଞ୍ଜନଙ୍କ ଘର ଦେଖିଲେ ସହଜରେ ଅନୁମାନ କରିହେବ ଯେ ସେ କେତେ ମୋଟା ଅଙ୍କର ଲାଞ୍ଚ କାରବାର କରୁଥିଲେ ଏବଂ ସେ କେତେ ଟଙ୍କାର ପିସି କାରବାର କରୁଥିଲେ। ବିଭିନ୍ନ ବ୍ୟାଙ୍କରେ ତାଙ୍କ ଆକାଉଣ୍ଟ ରହିଛି। ଝାରପଡ଼ା ଅଞ୍ଚଳରେ ଦୁଇଟି ବଡ଼ ବଡ଼ କୋଠା ରହିଛି । ଭୁବନେଶ୍ୱର, ଜଗତସିଂପୁର, କୋରାପୁଟର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଚଢ଼ାଉ ସମୟରେ ପୂଳା ପୂଳା ଟଙ୍କା ଓ କାଗଜପତ୍ର ଜବତ କରାଯାଇଛି। ଭିଜିଲାନ୍ସର ୬ଜଣ ଡିଏସପି ୭ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଏହି ଚଢ଼ାଉରେ ସାମିଲ ଅଛନ୍ତି। ନିରଞ୍ଜନ ଶତପଥିଙ୍କ ପୈତୃକ ଗ୍ରାମ ଜଗତସିଂହପୁର, ଭୁବନେଶ୍ୱର ଝାରପଡା, କୋରାପୁଟ ଅନ୍ତର୍ଗତ ସେମିଲୁଗୁଡ଼ା ସରକାରୀ କ୍ୱାର୍ଟର ଏବଂ କାର୍ଯ୍ୟାଳୟରେ ଯାଞ୍ଚ କରୁଛି ଭିଜିଲାନ୍ସ ଟିମ୍।

### ସ୍କୁଲ୍ ପିଲାଙ୍କ ପାଇଁ ରାଜ୍ୟରେ...

ମାଗଣା ବସ୍ ସେବା ଉଭୟ ଏସି ଓ ନନ୍ ଏସି ବସ୍‌ରେ ଲାଗୁ ହେବ। ବସ୍ ଯାତ୍ରା ସମୟରେ ଛାତ୍ରଛାତ୍ରୀମାନେ ନିଜ ନିଜ ସ୍କୁଲ୍ ୟୁନିଫର୍ମ ପିନ୍ଧିବା ସହ ଆଇଡେଂଟିଟି କାର୍ଡ (ଆଇକାର୍ଡ) ସାଙ୍ଗରେ ରଖିବା ଅନିବାର୍ଯ୍ୟ ହେବ। ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ବର୍ତ୍ତମାନର ବସ୍ ରୁଟ୍ ଓ ଟାଇମିଂରେ ଆବଶ୍ୟକ ସଂଶୋଧନ କରାଯିବ। ସଂଶୋଧିତ ରୁଟ୍‌ରେ ସର୍ବାଧିକ ସ୍କୁଲ୍ ଥିବା ରାସ୍ତାଗୁଡ଼ିକୁ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

# ପୂଜ୍ୟ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥିଙ୍କ ଜନ୍ମଦିନ ପାଳିତ



ବାରିପଦା, ୨୬/୧୨ (ନି.ପ୍ର): ବିଶିଷ୍ଟ ଆଧ୍ୟାତ୍ମିକ ଚିନ୍ତକ, ସାଇ ଭକ୍ତ, ଲେଖକ ତଥା ମାନବବାଦିତା ଉପାସକ ଓ ନବାକ୍ଷାରୀ ଛନ୍ଦରେ ରଚିତ 'ଶ୍ରୀଗୁରୁ ଭାଗବତ' କାବ୍ୟ ଓ 'ଗୋପ୍ୟରୁ ଅଗୋପ୍ୟର' ଗ୍ରନ୍ଥର ରଚୟିତା ଶ୍ରଦ୍ଧେୟ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ୮୦ ତମ ଜନ୍ମଦିବସ ବାରିପଦାର ବିଭିନ୍ନ ସ୍ଥାନରେ ମହାସମାରୋହରେ ପାଳିତ ହୋଇଯାଇଛି । ପୁରୁଣା ହାଟସାହି ସ୍ଥିତ 'ମୟୁରଭଞ୍ଜ ଶ୍ରୀଗୁରୁ ଭାଗବତ ଟ୍ରଷ୍ଟ' ଓ ବଡଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀର କର୍ମକର୍ତ୍ତା ତଥା ଶ୍ରଦ୍ଧାଳୁ ଭକ୍ତମାନେ ଟୁଙ୍ଗୀରେ ଯଥାରୀତି ପୂଜାବିଧି କରିବା ସହ ଶ୍ରୀସତ୍ୟନାରାୟଣ ପୂଜା କରିଥିଲେ । ଏହି ଅବସରରେ ଟୁଙ୍ଗୀରେ ଉପସ୍ଥିତ ଥିବା ୩୫ ଜଣ ଛୋଟ ଛୋଟ ପିଲାମାନେ ଶ୍ରୀଗୁରୁ ଭାଗବତ ସାମୁହିକ ଗାୟନ କରିବାସହ ଗୁରୁଜୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିବା ସହିତ ୮୦ଟି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଇ ଶୁଭ ଅବସରରେ ଟୁଙ୍ଗୀର କର୍ମକର୍ତ୍ତା ତରୁଣ ଦାସ, ବିଶ୍ୱମୋହନ ବାରିକ, ଅମିତାଭ ପଟ୍ଟନାୟକ, ଦୁଷ୍ମନ୍ତ ସେଠୀ ଛୋଟ ପିଲାଙ୍କୁ ତାଙ୍କର ପାଠ ପଢିବା ପାଇଁ ପାଠ୍ୟ ଉପକରଣ ଓ ଚିତ୍ରାଙ୍କନ ପାଇଁ ଆବଶ୍ୟକ ସରଞ୍ଜାମ ପ୍ରଦାନ କରିଥିଲେ । ପ୍ରତି ରବିବାର ଏହି ପିଲାମାନଙ୍କୁ ଟୁଙ୍ଗୀରେ ଚିତ୍ରାଙ୍କନ ଓ ସଂଗୀତ ଶିକ୍ଷାର ବ୍ୟବସ୍ଥା କରାଯିବ ବୋଲି ଟୁଙ୍ଗୀର କର୍ମକର୍ତ୍ତାମାନେ ଘୋଷଣା କରିଥିଲେ। ସନ୍ଧ୍ୟାରେ ଟୁଙ୍ଗୀରେ ସମସ୍ତଙ୍କ ପାଇଁ ମିଷ୍ଟାନ ବଣ୍ଟନ ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଭୁଗୁଡ଼ାକଟା ସ୍ଥିତ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ଓ ଶବର ସାହି ସ୍ଥିତ ଶ୍ରୀ ଶିରଡ଼ି ସାଇପୀଠରେ ମଧ୍ୟ ପୂଜ୍ୟ ଗୁରୁଜୀ ଡ଼ଃ ଚନ୍ଦ୍ରଭାନୁ ଶତପଥୀଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ପୂଜ୍ୟ ଗୁରୁଜୀଙ୍କ ପୈତୃକ ବାସସ୍ଥାନ ବାରିପଦା ହୋଇଥିବାରୁ ତାଙ୍କ ଜନ୍ମଦିବସଟିକୁ ସହରବାସୀ ଖୁବ ଖୁସିରେ ପାଳନ କରିଥିଲେ ।

# ଲୋକ ସାହିତ୍ୟ ଲୋକ କଳାର ଆଦିପୀଠ ଗଞ୍ଜାମ

ଗଂଜାମ, ୨୬/୧୨ (ନି.ପ୍ର): ଆମ ରାଜ୍ୟର ଜାତୀୟ ସ୍ମାରକୀ ତଥା ବିଶିଷ୍ଟ ଐତିହାସିକ ପୀଠ ରୂପେ ପରିଚିତ ଉତ୍କଳ ଆଶ୍ରମ ପରିସରସ୍ଥ ଭାଷା ଭବନ କକ୍ଷରେ ଗଞ୍ଜାମ ଜିଲ୍ଲା ଲେଖକ ସାମ୍ମୁଖ୍ୟର ତ୍ରୟୋବିଂଶ ତମ ଏବଂ ଗଞ୍ଜାମ ଜିଲ୍ଲା ଲେଖିକା ସାମ୍ମୁଖ୍ୟ ସପ୍ତଦଶ ତମ ସ୍ୱନକ୍ଷତ୍ର ଉତ୍ସବ ସାରସ୍ୱତ ସମାରୋହ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନ କବିତା ପାଠୋତ୍ସବରେ ଲେଖକ ସାମ୍ମୁଖ୍ୟ ଉପସଭାପତି ଡ଼ ବିଜୟ ଚନ୍ଦ୍ର ମହାରଣା ସଭାପତିତ୍ୱ କରିଥିଲା ବେଳେ ଅତିଥି ଭାବରେ ବିଶିଷ୍ଟ କବି ବିରୁପାକ୍ଷ ଦାଶ, ଲେଖିକା ସାମ୍ମୁଖ୍ୟ ଉପସଭାପତି ଶ୍ରୀମତି ଉମାରାଣୀ ପଣ୍ଡା, ପ୍ରମିଳା ମହଲା, ସଂଯୋଜିକା ଜ୍ୟୋତ୍ସ୍ନାମୟୀ ପ୍ରଧାନ, ପ୍ରେମଶିଳା ଶିଳା ନନ୍ଦ, ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନ ଲେଖକ ସାମ୍ମୁଖ୍ୟ ସଭାପତି ହାଡ଼ିବନ୍ଧୁ ମାଳି ଏବଂ ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ମିଶ୍ର ଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ରେ ମୁଖ୍ୟ ଅତିଥି ଭାବରେ ଓଡ଼ିଆ ଲୋକ ସାହିତ୍ୟ ର ବିଶିଷ୍ଟ ଗବେଷକ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ ଲମ୍ବୋଦର ପାଣିଗ୍ରାହୀ, ମୁଖ୍ୟ ବକ୍ତା ରୂପେ ଓଡ଼ିଆ ସାହିତ୍ୟ ର ଅନ୍ୟତମ ଗବେଷକ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ ହରି କୃଷ୍ଣ ନାୟକ,ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଅନୁବାଦିକା ଡ଼ ସୂଚନା ପାଢୀ, ସମ୍ମାନିତ ବକ୍ତା ଭାବରେ ମହାମାୟୀ ମହିଳା ମହାବିଦ୍ୟାଳୟ ର ଗୃହ ବିଜ୍ଞାନ ମୁଖ୍ୟ କବୟିତ୍ରୀ ଡ଼ ଜୟନ୍ତୀ ରାଣୀ ପଣ୍ଡା, ଲେଖିକା ସାମ୍ମୁଖ୍ୟ ସାଧାରଣ ସମ୍ପାଦିକା ଶ୍ରୀମତୀ ଆରତୀ ଶତପଥୀ ଏବଂ ଲେଖକ ସାମ୍ମୁଖ୍ୟ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ଅଂଶଗ୍ରହଣ କରି ସମାରୋହ କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଏବଂ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ଡକ୍ଟର ରବିନାରାୟଣ ମିଶ୍ର ଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରି ଉଦ୍ଘାଟନ କରିଥିଲେ।

# ବିଜେଡି ଅଭିଯୋଗକୁ କଡ଼ା କାଉଂଟର ଦେଲେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ

ଭୁବନେଶ୍ୱର, ୨୬/୧୨ (ନି.ପ୍ର): ବିଜୁ ଜନତା ଦଳ (ବିଜେଡି) ଓ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ଉପରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଶନିବାର କଡ଼ା ଆକ୍ରମଣ କରିଛନ୍ତି। ବିଜେଡି ଭାଙ୍ଗିବାକୁ ବିଜେପି ଚେଷ୍ଟା କରୁଛି ବୋଲି ନବୀନଙ୍କ ଅଭିଯୋଗକୁ ଖଣ୍ଡନ କରି, ପୂଜାରୀ କହିଛନ୍ତି ଯେ ନବୀନ ସବୁବେଳେ ନିଜ ଦଳର ନେତାଙ୍କୁ ମାରିଛନ୍ତି। ସୁରେଶ ପୂଜାରୀ କହିଛନ୍ତି, ବିଜେପି ଜନସେବା ଓ ଶାସନକାର୍ଯ୍ୟରେ ବ୍ୟସ୍ତ ଅଛି, ବିଜେଡିକୁ ଭାଙ୍ଗିବାକୁ କୌଣସି ପ୍ରୟାସ କରୁନାହିଁ। ବରଂ ମେଂଟ ଶାସନ ସମୟରେ ବିଜେଡି ବିଜେପିକୁ ଭାଙ୍ଗିବା ପାଇଁ ଚେଷ୍ଟା କରିଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଆଇନଶୃଙ୍ଖଳା ପ୍ରସଙ୍ଗରେ ବିଜେଡି ନେତୃତ୍ୱ ଉପରେ ଆକ୍ରମଣ କରି ପୂଜାରୀ କହିଛନ୍ତି ଯେ ଯଦି ନବୀନବାବୁ ଆଇନଶୃଙ୍ଖଳା ନେଇ ଗମ୍ଭୀର, ତେବେ ବିଧାନସଭାରେ ମୁଲତବି ପ୍ରସ୍ତାବ ଆଣନ୍ତୁ। ସରକାର ଆଲୋଚନା ପାଇଁ ସବୁବେଳେ ପ୍ରସ୍ତୁତ ଅଛି। ରାଜସ୍ୱ ମନ୍ତ୍ରୀ କହିଛନ୍ତି, କ୍ଷମତା ଯିବା ପରେ ବିଜେଡିର ଅନେକ ନେତା ବିଜେପି ସହ ଯୋଗାଯୋଗରେ ଅଛନ୍ତି, କାରଣ ବିଜେଡି ନିଜ ନେତାଙ୍କୁ ରଖିପାରୁନାହିଁ। କ୍ଷମତା ହେଉଛି ଫେଭିକଲ୍, ଯାହା ଚାଲିଗଲେ ସବୁ କିଛି ଭାଙ୍ଗିଯାଏ ବୋଲି ସେ କହିଛନ୍ତି ।

# ପ୍ରତିମା ଏନର୍ଜି ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ସୁଲାର ମୁଖ୍ୟ କାର୍ଯ୍ୟାଳୟ ଉଦ୍ଘାଟିତ



ଜଳେଶ୍ୱର, ୨୬/୧୨ (ନି.ପ୍ର): ପି ଏମ ସୂର୍ଯ୍ୟ ଘର ବିଜୁଳି ଯୋଜନାର ଜଳେଶ୍ୱର ୟୁନିଟ ଅଧୀନରେ ଥିବା ପ୍ରତିମା ଏନର୍ଜି ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଶୁଲାର ର ମୁଖ୍ୟ କାର୍ଯ୍ୟାଳୟ ଉଦ୍ଘାଟିତ ହୋଇଯାଇଛି ।ଠାକୁର ଅନୁକୂଳ ଚନ୍ଦ୍ରଙ୍କ ନାତି ବିଦ୍ୟୁତ ରଞ୍ଜନ ଚକ୍ରବର୍ତ୍ତୀ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ପ୍ରତିମା ଏନର୍ଜି ପ୍ରାଇଭେଟ୍ ଲିମିଟେଡର ମୁଖ୍ୟ ଲିନା ଘୋଷ, ଅବସର ପ୍ରାପ୍ତ ଇଲେକ୍ଟ୍ରିକାଲ ଏଯୁକୁଟିବ ଇଞ୍ଜିନିୟର ହେମନ୍ତ କୁମାର ଘୋଷ,ଅବସର ପ୍ରାପ୍ତ ଇଞ୍ଜିନିୟର ଶ୍ରୀମନ୍ତ କୁମାର ଘୋଷ,ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଜଳେଶ୍ୱର ଶାଖାର ମ୍ୟାନେଜର ପଙ୍କଜ କୁମାର ସାହୁ, ସିଏସଏ ସ୍ୱାତିଶ୍ମିତା ସାହୁ, ସତ୍ୟନ ନାଗ, ସୁରେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ ପ୍ରକ୍ରିୟା ଅତି ସହଜ। ଏହି ବ୍ୟବସ୍ଥା ସ୍ୱଳ୍ପ ଖର୍ଚ୍ଚରେ ରକ୍ଷଣାବେକ୍ଷଣ ହେବା ସହିତ ଦୀର୍ଘ ସ୍ଥାୟୀ ମଧ୍ୟ ଅଟେ। ଉପଭୋକ୍ତା ଙ୍କ ଉପରେ ବିଦ୍ୟୁତ୍ ବିଲର ଭାର ହ୍ରାସ କରିବାରେ ଏହା ବେଶ ସହାୟକ ହୋଇଥାଏ। ସରକାରଙ୍କ ଦ୍ୱାରା ସବସିଡି ବ୍ୟବସ୍ଥା ସହ ସହଜରେ ସେବା ଉପଲବ୍ଧ। ଅକ୍ଷୟ ଶକ୍ତିର ବ୍ୟବହାର ଯୋଗୁଁ ପରିବେଶ ସୁରକ୍ଷାର ସହାୟକ ହୋଇଥାଏ। ତା ଛଡା ୩ କିଲୋୱାଟ ସୌରଶକ୍ତି ପର୍ଯ୍ୟନ୍ତ ବ୍ୟବସ୍ଥାରେ ୭୮ ହଜାର ଟଙ୍କା ପର୍ଯ୍ୟନ୍ତ ରିହତିର ଲାଭ ଉଠାଇ ପାରିବେ ବୋଲି ଅବସର ପ୍ରାପ୍ତ ଇଞ୍ଜିନିୟର ଶ୍ରୀମନ୍ତ କୁମାର ଘୋଷ କହିଥିଲେ।

# ଦଶ ଦିବସୀୟ ଖୋରଧା ମହୋତ୍ସବ ସାଂସ୍କୃତିକ ମହାକୁମ୍ଭ ଉଦ୍‌ଯାପିତ



ଖୋର୍ଦ୍ଧା , ୨୬/୧୨ (ନି.ପ୍ର): ଆଜି ବି ଡି ଏ ପଡ଼ିଆରେ ଚାଲିଥିବା ଦଶ ଦିବସୀୟ ଖୋର୍ଦ୍ଧା ମହୋତ୍ସବ ସାଂସ୍କୃତିକ ମହାକୁଂଭ ରଜତ ଜୟନ୍ତୀ ଉତ୍ସବ ଉଦଯାପିତ ହୋଇଯାଇଛି । ଏହି ଉପଲକ୍ଷେ ସନ୍ଧ୍ୟାରେ ଖୋର୍ଦ୍ଧା ମହୋତ୍ସବର ରଜତ ଜୟନ୍ତୀ ଉଦଯାପନୀ ସମାରୋହ ଦଶମ ତଥା ଅନ୍ତିମ ସାନ୍ଧ୍ୟ କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପାଞ୍ଜଳି ଅର୍ପଣ ପୂର୍ବକ ନିଜ ଅଭିଭାଷଣରେ ଖୋର୍ଦ୍ଧା ବୀର, ସୌର୍ଯ୍ୟ , ବୀର୍ଯ ଓ ସ୍ୱାଧୀନତାର ମୂଳଦୁଆ ମାଟି ଉଲ୍ଲେଖ କରି ଖୋର୍ଦ୍ଧା ଜିଲ୍ଲା ବିକଶିତ ଓଡ଼ିଶା ଗଠନରେ ଏକ ନମ୍ବର୍ ଏବଂ ବିକଶିତ ଭାରତ ଗଠନରେ ପୂର୍ବ ଭାରତରେ ଓଡିଶା ସର୍ବାଗ୍ରେ ରହିବ ବୋଲି ଉଦବୋଧନ ରଖି ୫୧୬ କୋଟି ଟଙ୍କାର ୩୨ ଗୋଟି ପ୍ରକଳ୍ପ ଭିତ୍ତି ପ୍ରସ୍ତର ସ୍ଥାପନ ଏବଂ ୭ ଗୋଟି ପ୍ରକଳ୍ପର ଶୁଭ ଉଦ୍ଘାଟନ କରି ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଭେଟି ଦେଇଥିଲେ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଖୋର୍ଦ୍ଧାର ପାଇକ ବିଦ୍ରୋହ ସ୍ୱାଧିନତା ସଂଗ୍ରାମର ପ୍ରଥମ ଆନ୍ଦୋଳନ ଯାହା ଦୁର୍ଦ୍ଧର୍ଷ ଇଂରେଜ ସରକାରଙ୍କ ବିରୁଦ୍ଧରେ ବକ୍ସି ଜଗବନ୍ଧୁ ଓ ଜୟୀ ରାଜଗୁରୁ , ଦୟାନଦୀ କୂଳରେ କଳିଙ୍ଗ ଯୁଦ୍ଧ ଏ ମାଟିର ରକ୍ତଭିଜା ଇତିହାସ ପ୍ରକାଶ କରି ଥାଏ । ସେହି ବିରତ୍ୱ ପାଇକ ପୁଅଙ୍କ ମଧ୍ୟରେ ଜାଗ୍ରତ କରି ବିକଶିତ ଓଡ଼ିଶା ଗଠନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇ ଗରୀବ,ଅନ୍ନ ଦାତା କୃଷକ, ମହିଳା ଓ ଯୁବ ସମାଜକୁ ବିକସିତ୍ ଓଡ଼ିଶାରେ ପ୍ରାଧାନ୍ୟ ଦିଆଯାଉଛି ବୋଲି ଉଦବୋଧନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମାନ୍ୟବର ସାଂସଦ, ଭୁବନେଶ୍ୱର, ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଖୋର୍ଦ୍ଧା ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ତଥା ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ର ସର୍ବାଙ୍ଗୀନ ଉନ୍ନତି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଶିଳ୍ପ ସବୁ ଦିଗରେ ଉନ୍ନତିର କାର୍ଯ୍ୟ ଚାଲୁରହିଛି ବୋଲି ପ୍ରକାଶ କରିଥିଲେ । ମହୋତ୍ସବ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ସାଂସ୍କୃତିକ ସାନ୍ଧ୍ୟ ସମାରୋହରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଯତୀନ୍ଦ୍ର ମିତ୍ର,ବି ଏମ୍ ସି କମିଶନର ଚଞ୍ଚଳ ରାଣା, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ, ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ, ସିନେ ଅଭିନେତ୍ରୀ ଶୀତଳ ପାତ୍ର ଯୋଗଦେଇ ଥିଲେ । ମହୋତ୍ସବ ମୁଖ୍ୟ ଉପଦେଷ୍ଟା ମାନ୍ୟବର ବିଧାୟକ ଖୋର୍ଦ୍ଧା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ କହିଲେ ଖୋର୍ଦ୍ଧା ମହୋତ୍ସବ ପ୍ରାଚୀନ ଐତିହ୍ୟ, କଳା ଓ ସଂସ୍କୃତି ଗୌରବର ଖୋର୍ଦ୍ଧା ମାଟିର କିମ୍ବଦନ୍ତୀ ବହନକରି ଆମର ଯୁବଶକ୍ତିକୁ ଉତ୍ସାହିତ କରି ବିକସିତ ଓଡ଼ିଶା ଓ ବିକଶିତ ଭାରତ ରେ ସେମାନଙ୍କ ଦକ୍ଷତା ବୃଦ୍ଧି କରି ଆତ୍ମ ନିର୍ଭରଶୀଳ କରିବ ବୋଲି କହିଥିଲେ । ମହୋତ୍ସବ କମିଟି ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ କ୍ଷମୁଖ୍ୟ ଅତିଥି ମାନ୍ୟବର ମୁଖ୍ୟ ମନ୍ତ୍ରୀ ଙ୍କୁ ଖୋର୍ଦ୍ଧାର ଖଡ୍ଗ, ମହୋତ୍ସବ ସ୍ମୃତି ଫଳକ, ଉପଢ୍ୌକନ, ଖୋର୍ଦ୍ଧା ମାଟିର ପାରମ୍ପାରିକ ପାଇକ ପଗଡ଼ି ସହ ମାନ୍ୟବର ସାଂସଦ ଏବଂ ସମସ୍ତ ସମ୍ମାନିତ ଅତିଥି ମାନଙ୍କୁ ମହୋତ୍ସବ ସ୍ମୃତି ଫଳକ, ଉପଢ୍ୌକନ ପୁଷ୍ପ ଗୁଚ୍ଛ ଏବଂ ଖୋର୍ଦ୍ଧାର ପାରମ୍ପାରିକ ପାଇକ ପଗଡ଼ି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ମଞ୍ଚ ଉପସ୍ଥାପକ ଶ୍ରୀକାନ୍ତ ନାୟକ, ଉପସ୍ଥାପିକା ମୁନ ମୁନ ସିଂ, ବାସନ୍ତୀ ମହାପାତ୍ର, ଅଶୋକ ପାଲଟା ସିଂହ, ବରିଷ୍ଠ ସାମ୍ବାଦିକ ବଳରାମ ଲେଙ୍କାସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।


## ବିଜ୍ଞାପନ

ଓଡିଶା ହିନ୍ଦୁ ଦେବୋତ୍ତର ଅତିରିକ୍ତ ସହକାରୀ ଆୟୁକ୍ତଙ୍କ ଅଦାଲତ, କଟକ
ଓ ଏ ନଂ ୩୧ / ୨୦୨୫ ଧା୪୧ ରା
ଶ୍ରୀ ଶ୍ୟାମାରାୟ ଠାକୁର ଏବଂ ଅନ୍ୟମାନେ ....... ବାଦୀଗଣ
ବନାମ
ହିନ୍ଦୁ ଜନସାଧାରଣ ଓଗେର - ପ୍ରତିବାଦୀଗଣ

ଏତଦ୍ୱାରା ସମସ୍ତ ହିନ୍ଦୁ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛ ଯେ, ବାଲେଶ୍ୱର ଜିଲ୍ଲା, କମର୍ଦା ଥାନା, ବାହାର୍ଦା ଗ୍ରାମରେ ବିଜେ ହୋଇଥିବା ଶ୍ରୀ ଶ୍ୟାମାରାୟ ଠାକୁରଙ୍କୁ ଏକ ସର୍ବସାଧାରଣ ଠାକୁର ନୁହେଁ ଏବଂ ଏହି ଠାକୁରଙ୍କ ନାମରେ ଥିବା ସମସ୍ତ ସମ୍ପତ୍ତି ଦେବୋତ୍ତର ସମ୍ପତି ନୁହେଁ ବୋଲି ଘୋଷଣା କରିବାପାଇଁ ଉକ୍ତ ଗ୍ରାମର ଶ୍ରୀ ବ୍ରଜ ଗୋପାଳ ଦାସ ଅଧିକାରୀ, ଶ୍ରୀ ଜୀବନ ଗୋପାଳ ଦାସ ଅଧିକାରୀ, ଗଙ୍ଗାମଣି ଦାସ ଅଧିକାରୀ, ଗୋଦାବରୀ ଦାସ ଅଧିକାରୀ, ବୃନ୍ଦାବତୀ ଦାସ ଅଧିକାରୀ, ଜାନକୀ ରାଣୀ ଦାସ ଅଧିକାରୀ ଓ ସନ୍ଧ୍ୟାରାଣୀ ଦାସ ଅଧିକାରୀ, ସମସ୍ତଙ୍କ ପି- ସ୍ୱର୍ଗତଃ ନନି ଗୋପାଳ ଦାସ ଅଧିକାରୀ, ସମସ୍ତେ ସା/ପୋ- ବାହାର୍ଦା, ଥାନା- କମର୍ଦା, ଜିଲ୍ଲା- ବାଲେଶ୍ୱର, ଅତ୍ର ଅଦାଲତରେ ଓଡିଶା ହିନ୍ଦୁ ଦେବୋତ୍ତର ଆଇନର ଧା ୪୧ ରା ଅନୁଯାୟୀ ଉପରୋକ୍ତ ମୋକଦ୍ଦମା ଆଗତ କରିଛନ୍ତି ।

ଉକ୍ତ ମୋକଦ୍ଦମାରେ ହିନ୍ଦୁ ଜନସାଧାରଣଙ୍କ ତରଫରୁ ପ୍ରତିନିଧିତ୍ୱ କରିବା ପାଇଁ ଶ୍ରୀମତୀ ଚିତ୍ରଲେଖା ବେହେରା, ସ୍ୱା- ଶ୍ରୀ ସପନ ବେହେରା, ଓ ଶ୍ରୀ ଅନନ୍ତ କୁମାର ଦାସ, ପି- ଶ୍ରୀ ହରେକୃଷ୍ଣ ଦାସ, ଉଭୟ ସା/ପୋ- ବାହାର୍ଦା, ଥାନା- କମର୍ଦା, ଜିଲ୍ଲା- ବାଲେଶ୍ୱରଙ୍କୁ ପକ୍ଷଭୁକ୍ତ କରିଛନ୍ତି । ଏଣୁ ଉପରୋକ୍ତ ପ୍ରତିନିଧିତ୍ୱ ଉପରେ କାହାର କୌଣସି ଦାବୀ ବା ଆପତ୍ତି ଥଲେ ଆସନ୍ତା ତା୨୮-୦୧-୨୦୨୬ ରିଖ ଦିବା ଘ.୧୦.୩୦ ଟିକା ରେ ଅତ୍ର ଅଦାଲତରେ ନିଜେ ବା କ୍ଷମତା ପ୍ରାପ୍ତ ଓକିଲଙ୍କ ଜରିଆରେ ହାଜର ହୋଇ ଆପତ୍ତି କରି ପାରିବେ ।

ଧାର୍ଯ୍ୟ ତାରିଖାନ୍ତେ ମୋକଦ୍ଦମା ଆଇନାନୁଯାୟୀ ବିଚାର କରାଯିବ ।

ତଫସିଲ ବୃତ୍ତି
ତଫସିଲ-କ

| ମୌଜା | ଖାତା ନଂ | ପ୍ଲଟ ନଂ | ରକବା | କିସମ |
|---|---|---|---|---|
| ବାହାର୍ଦା | ୭୧୧/୧୧୭୦ | ୯୩୬ | ଏ୦.୦୮୦୦ଡି | ଶାରଦ ଦୁଇ |
| | | ୯୩୫ | ଏ୦.୧୩୦୦ଡି | ଜଳାଶୟ ଦୁଇ |
| | ୭୧୧/୧୫୨ | ୩୨ | ଏ୦.୦୯୦୦ | ଶାରଦ ଦୁଇ |
| | | ୩୩ | ଏ୦.୧୦୦୦ | ଶାରଦ ଦୁଇ |
| | | ୮୬ | ଏ୦.୫୦୦୦ | ଶାରଦ ଦୁଇ |
| | | ୧୨୨ | ଏ୦.୫୪୦୦ | ଶାରଦ ଦୁଇ |

## OFFICE OF THE MUNICIPALITY, BALASORE

No. 16118/ Date: 23-12-2025/

E-Procurement Notice
BID Identification No.BM_06_2025_26

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil works as mentioned in DTCN
2. No. of works : 01 No.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 24-12-2025 to 05-01-2026
6. Last date and time for receipt : 05-01-2026 up to 5.00 pm
7. Bids received online shall be opened on : 06-01-2026 from 11.00 am onwards
8. Name and address of the Officer Inviting Bid : Executive Officer, Balasore Municipality

Further details can be seen from the e-procurement portal i.e. https://tendersodisha.gov.in/nicgep/app.

OIPR: 13154/11/0056/2526

Executive Officer
Balasore Municipality

ଶନିବାର, ଡିସେମ୍ବର ୨୭, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ମୟୂରଭଂଜରେ ଥିବା ଉପାନ୍ତ ଅଂଚଳର ଚିତ୍ର: ଅଙ୍ଗନୱାଡ଼ି ସେବା ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ

ଉଦଳା, ୨୬/୧୨ (ନି.ପ୍ର): କପ୍ତିପଦା ବ୍ଲକର ଶାଳଚୁଆ ପଂଚାୟତ ଅନ୍ତର୍ଗତ ସୋଲଗଡ଼ିଆ ଗ୍ରାମରେ ଥିବା ଚିରୁପଦା ସାହିର ଲୋକେ ଅଙ୍ଗନୱାଡ଼ି ସେବା ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା ସ୍ଥାନୀୟ ବାସିନ୍ଦା ଗଣମାଧମକୁ ଜଣାଇଛନ୍ତି । ଚିରୁପଦାରେ ଥିବା ଦୁଇଟି ସାହି ଯଥା- (କୁମ୍ଭାର ସାହି ଓ ମାଝୀ ସାହି)କୁ ମିଶାଇ ପ୍ରାୟ ୫୦ରୁ ଉର୍ଦ୍ଧ ପରିବାର ଏଠାରେ ଦିର୍ଘ ବର୍ଷ ଧରି ବସବାସ କରିଆସୁଛନ୍ତି । ଉକ୍ତ ଦୁଇ ସାହିଠାରୁ ୫କିମି ଦୂରରେ ଅଙ୍ଗନୱାଡ଼ିକେନ୍ଦ୍ର ରହିଥିବାରୁ ଏଠାକାର ପିଲାଙ୍କୁ ଏତେ ଦୁର ନିୟମିତ ଯାତାୟତ କରିବା କଷ୍ଟକର ହୋଇ ପଡୁଛି । ତେଣୁ ସୁବିଧା ଦୃଷ୍ଟିରୁ ଏହି ଦୁଇସାହି ପାଇଁ ଜଣେ କର୍ମିଙ୍କୁ ନିଯୁକ୍ତି ଦିଆଯିବା ସହ ସବୁ ପ୍ରକାର ସୁବିଧା ପ୍ରଦାନ ପାଇଁ ପ୍ରତିଶୃତି ମିଳିଛି । କିନ୍ତୁ ଇତି ମଧ୍ୟରେ ଦିର୍ଘ ବର୍ଷ ସମୟ ବିତିଯାଇଥିଲେ ମଧ କାର୍ଯ୍ୟରତ କର୍ମିଙ୍କୁ ଠିକ୍ ଭାବେ ତାଙ୍କର ପାରିଶ୍ରମିକ ମିଳୁନାହିଁ କି ସବୁଯାକ ସେବା ଉପଲବ୍ଧ ହୋଇପାରୁ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ବାବଦରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଗୁହାରି ଜଣାଇଲେ ମଧ କେହି କର୍ଣ୍ଣପାତ କରୁନଥିବାର କଥା ସେମାନେ ଜଣାଇଛନ୍ତି । ମୟୂରଭଂଜ ଜିଲ୍ଲାର ବିଭିନ୍ନ ଉପାନ୍ତ ଅଂଚଳ ମାନଙ୍କରେ ଏହିଭଳି ସମସ୍ୟା ବହୁଳ ଭାବରେ ଦେଖିବାକୁ ମିଳୁଛି । ରାଜ୍ୟ ସରକାର ତୁରନ୍ତ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ବହୁ ସ୍ୱେଚ୍ଛାସେବୀ ଦାବି ଜଣାଇଛନ୍ତି ।

## ବିଜୁ ଜନତା ଦଳର ୨୯ତମ ଜୟନ୍ତୀ ପାଳିତ




ପାରାଦୀପ, ୨୬/୧୨ (ନି.ପ୍ର): ବିଜୁ ଜନତା ଦଳ ପାରାଦୀପ ପକ୍ଷରୁ ଶୁକ୍ରବାର ଦିନ ୨୯ତମ ପ୍ରତିଷ୍ଠା ଦିବସ ମଧୁବନସ୍ଥିତ ଶ୍ରମିକ ଭବନ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ଅଠରବାଙ୍କୀସ୍ଥିତ ବିଜୁ ଉଦ୍ୟାନ ପରିସରରେ ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିର୍ମୂର୍ତୀରେ ମାଲ୍ୟାର୍ପଣ ହୋଇଥିଲା । ବିଜେଡି ନଗର ସଭାପତି ତଥା ନଗରପାଳ ବସନ୍ତ ବିଶ୍ୱାଳଙ୍କ ସମେତ ପୌରପାଳିକାର ପାରିଷଦ, ଦଳୀୟ କର୍ମୀମାନେ ଯୋଗ ଦେଇ ବିଜୁ ବାବୁଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସଂନ୍ଧ୍ୟାରେ ମଧୁବନସ୍ଥିତ ଶ୍ରମିକ ଭବନ ପରିସରରେ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା । ନଗର ସଭାପତି ତଥା ନଗରପାଳ ବସନ୍ତ ବିଶ୍ୱାଳ ଏହି ସମାରୋହରେ ପୌରହିତ୍ୟ କରିଥିଲେ । ବିଜୁ ଯୁବ ଜନତା ଦଳର ସଭାପତି ଆଲୋକ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ସମାରୋହରେ ପୂର୍ବତନ ସାଂସଦ ଡା. କୁଳମଣି ସାମଲ ଯୋଗ ଦେଇ ବିଜେଡି ସରକାରଙ୍କ ସଫଳତା କଥା ବର୍ଣ୍ଣନା କରିଥିଲେ । ବିଜେଡି ସରକାର ସମୟରେ ହୋଇଥିବା ବହୁ ଲୋକାଭୀମୁଖୀ କାର୍ଯ୍ୟ ଯାହାକି ଜନସାନସରେ ସବୁ ଦିନ ରହିବ ବୋଲି ଡା. ସାମଲ କହିଥିଲେ । ଏହି ସମାରୋହରେ ବରିଷ୍ଠ ବିଜେଡି ନେତା ଭାସ୍କର ଚନ୍ଦ୍ର ସାହୁ, ନଗେନ୍ଦ୍ର ନାଥ ରାଉତ, ପାରିଷଦ ଅଜିତ କୁମାର ଷଡଙ୍ଗୀ, ନବ କିଶୋର ବେହେରା, କାମ୍ଭଲା ଜଗନ୍ନାଥ ରାଓ, ଶ୍ରମିକ ନେତା ବିଭୁଦେନ୍ଦ୍ର ନାରାୟଣ ମହାରଣା, ମହିଳା ମୋର୍ଚ୍ଚା ସଭାନେତ୍ରୀ ଚପଳା ସ୍ୱାଇଁ , ଅଟଳ ପରିଡା ଯୋଗ ଦେଇ ବିଜେଡି ସରକାର ସମୟରେ ରାଜ୍ୟର ବହୁ ବିକାଶ ହୋଇଥିଲା ବୋଲି ମତବ୍ୟକ୍ତ କରିଥିଲେ । ଏହି ସମାରୋହରେ ପୌରପାଳିକାର ପାରିଷଦ, ଦଳୀୟ ନେତାମାନଙ୍କ ସମେତ ମହିଳା,ଯୁବ ଓ ଛାତ୍ରମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

## ହାତୀ କଳଦାନ୍ତ ଜବତ କରିବା ସହିତ ପୁଣି ୩ ଶିକାରୀଙ୍କୁ ଗିରଫକଲା ବନବିଭାଗ



ନୀଳଗିରି , ୨୬/୧୨ (ନି.ପ୍ର): କ୍ରମାଗତ ଭାବେ ଶିକାରୀମାନଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ବିଭିନ୍ନପ୍ରକାରର ମାରଣାସ୍ତ୍ର, ମୃତ ବନ୍ୟଜନ୍ତୁ, ଦେହାବଶେଷ ଜବତକରିବା ଏବଂ ସେମାନଙ୍କୁ ଗିରଫକରି ଜେଲ ହାଜତକୁ ପଠାଇବାଭଳି ଘଟଣା କୁଳଡିହା ବନବିଭାଗ ଦ୍ୱାରା ଦେଖିବାକୁ ମିଳିଛି । ମୁଖ୍ୟତଃ ମୃତହାତୀର ଦାନ୍ତ, ହାଡ଼ ଇତ୍ୟାଦିରୁ ପ୍ରୋସେଶିଂ କରି ନକଲି ହାତୀଦାନ୍ତ ନିର୍ମାଣକରି ବେପାରୀଙ୍କୁ ଉଚ୍ଚଦରରେ ବିକ୍ରିକରିବା , ବନ୍ୟଜନ୍ତୁଙ୍କ ମାଂସ ବିକ୍ରୀକରିବା ଘଟଣାକୁ କେନ୍ଦ୍ରକରି ବନବିଭାଗ କ୍ରମାଗତ ଭାବେ ଶିକାରୀମାନଙ୍କୁ ଗିରଫ ଜାରିରହିଥିବା ବେଳେ ପୁଣି ଗୁରୁବାର ମଧ୍ୟରାତ୍ରୀରେ ସୋରଥାନା ଅନ୍ତର୍ଗତ ମଙ୍ଗଳପୁର ନୂଆସାହି ଗ୍ରାମର ଦୁଇଭାଇ ମାଧବାନନ୍ଦ ପାତ୍ର ଏବଂ ସୁଦାମ ପାତ୍ରଙ୍କୁ ବନବିଭାଗ ଉଠାଇ ଆଣିଥିବା ବେଳେ ଅନୁରୂପ ଭାବେ ଉକ୍ତ ଥାନା ମଙ୍ଗଳପୁର ଅଞ୍ଚଳର ରାୟପିତାମ୍ବର ବରିସାହି ଗ୍ରାମର ଗୟାଧର ବେହେରାଙ୍କୁ ମଧ ଉଠାଇ ଆଣିଛି ବନବିଭାଗ । ବନବିଭାଗ ପକ୍ଷରୁ ସେମାନଙ୍କ ନିକଟରୁ ୩ଟି ହାତୀ କଳଦାନ୍ତ ଜବତ କରିଥିବା ଗଣମାଧମକୁ ସୂଚନା ଦେଇଥିବା ବେଳେ ସେମାନଙ୍କ ପରିବାର ପକ୍ଷରୁ କୌଣସି ଦାନ୍ତ କିମ୍ବା ଅନ୍ୟ କୌଣସି ମାରଣାସ୍ତ୍ର ଜବତ କରିନଥିବା ପାଲଟା ଅଭିଯୋଗଆଣି ସେମାନଙ୍କୁ ଅକଥନୀୟ ନିର୍ଯାତନା ଦେବାସହିତ ପ୍ରଚୁର ମାଡମରିଥିବା କହିଛନ୍ତି । ବନବିଭାଗ ଉକ୍ତଘଟଣାର ଚେର ଲମ୍ବିଥିବା କହିଥିବା ବେଳେ ତଦନ୍ତରେ ଅଧିକଲୋକଙ୍କ ସମ୍ପୃକ୍ତିଥିବା ସୂଚନା ଦେଇଛନ୍ତି । ତେବେ ଆଜିସୁଦ୍ଧା ୨୫ଜଣକୁ ଉକ୍ତଘଟଣାରେ ସମ୍ପୃକ୍ତିଥିବା ଶିକାରୀଙ୍କୁ ଗିରଫ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି ।

## ଅଲିପୁର ସରସ୍ୱତୀ ଶିଶୁ ମନ୍ଦିରର ୧୮ତମ ବାର୍ଷିକ ଉତ୍ସବ




ଖଇରା, ୨୬/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଲିପୁର ସରସ୍ୱତୀ ଶିଶୁ ମନ୍ଦିରର ଅଷ୍ଟାଦଶ ବାର୍ଷିକ ଉତ୍ସବ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ପରିଚାଳନା କମିଟି ସଭାପତି ନିରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଇରା ତହସିଲଦାର ଅମିତ ରଞ୍ଜନ ହୋତା ମୁଖ୍ୟ ଅତିଥି,ଶିକ୍ଷା ବିକାଶ ସମିତିର ସୁର ସଂକୁଳ ପ୍ରମୁଖ ମନିନ୍ଦ୍ର କୁମାର ଦିକ୍ଷିତ ମୁଖ୍ୟବକ୍ତା,ଯୁବ ଶିଳ୍ପଦ୍ୟୋଗୀ ଇଂ ରାଜେଶ କୁମାର ମହାକୁଡ ସମ୍ମାନନୀୟ ବକ୍ତା, ସରପଞ୍ଚ ପ୍ରଣତୀବାଳା ମାଝୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପାଠପଢାକୁ ବିଶେଷ ଗୁରୁତ୍ୱ ନଦେଇ ପିଲାମାନଙ୍କୁ ସଂସ୍କାରିତ କରିବାକୁ ଅତିଥି ମାନେ ପରାମର୍ଶ ଦେଇଥିଲେ । ପ୍ରଧାନଚାର୍ଯ୍ୟ ଜୟନ୍ତ କୁମାର ମାଝୀ ବିବରଣୀ ପାଠ,ସମ୍ପାଦକ ଦିଲ୍ଲୀପ କୁମାର ତ୍ରିପାଠୀ ଅତିଥି ପରିଚୟ, ଆଲୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ଓ କୋଷାଧକ୍ଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କ୍ରିଡା ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟରେ କାର୍ଯ୍ୟରତ ଗୁରୁମା ରମଣୀ ମହାରଣା, ମମତା ଉପାଧ୍ୟାୟ, ପୁଷ୍ପବତୀ ବେହେରା, ପ୍ରିୟଙ୍କା ପରିଡା, ବାସନ୍ତୀ ଲେଙ୍କା, ଯାଜ୍ଞସେନୀ ପୃଷ୍ଟି, ସସ୍ମିତା ସାହୁ, ଭାନୁମତୀ ବେହେରା, ପ୍ରମିଳା ଜେନା ଓ ସେବିକା ଶାନ୍ତିଲତା ପାତ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ଭଦ୍ରକରେ ଜାତୀୟସ୍ତରୀୟ ବାଣିଜ୍ୟ ମେଳାର ୨ୟ ସନ୍ଧ୍ୟା

### ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ନୃତ୍ୟ ସଂଗୀତରେ ଝୁମିଲେ ଦର୍ଶକ



ଭଦ୍ରକ, ୨୬/୧୨ (ନି.ପ୍ର): ବାଣିଜ୍ୟ କ୍ଷେତ୍ରରେ ଆମ ଓଡିଶା ପ୍ରଦେଶ ଦିନେ ସମଗ୍ର ଭାରତ ବର୍ଷର ଇତିହାସରେ ସ୍ୱର୍ଣାକ୍ଷରରେ ସମୃଦ୍ଧି ଲାଭ କରିଥିଲା । ଏହି ରାଜ୍ୟର ବଣିକ ମାନେ ବାଣିଜ୍ୟ କ୍ଷେତ୍ରରେ ସମଗ୍ର ଅଂଚଳକୁ ବିକଶିତ ସହ ଆର୍ଥିକ ଦୃଷ୍ଟିକୋଣରୁ ସମୃଦ୍ଧ କରିପାରିଥିଲେ । ତେବେ ବର୍ତ୍ତମାନର ପରିସ୍ଥିତିରେ ଆଜିର ଶିକ୍ଷିତ ଯୁବ ଉଦ୍ୟୋଗୀମାନେ ଚାକିରୀ ପଛରେ ନ ଦୌଡ଼ି କୃଷି, ଶିଳ୍ପ କ୍ଷେତ୍ରରେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ଅନ୍ୟ ରାଜ୍ୟରେ ବିକ୍ରୟ କରି ନିଜେ ଆର୍ଥିକ ଦୃଷ୍ଟି କୋଣରୁ ଲାଭବାନ ହେବା ସହ ସମଗ୍ର ଓଡିଶାକୁ ଆଗେଇ ନେବାହିଁ ଏହି ବାଣିଜ୍ୟ ମେଳାରେ ପ୍ରକୃତ ଉଦ୍ଦେ୍ୟଶ ବୋଲି ଭଦ୍ରକର ସମରାଇପୁର ନାୟାର ପେଟ୍ରୋଲ ପମ୍ପ ନିକଟରେ ଅନୁଷ୍ଠିତ ଜାତୀୟସ୍ତରୀୟ ଭଦ୍ରକ ବାଣିଜ୍ୟ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ଜିଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ଡିଏଫ୍ଓ ସଂସ୍ଥା ଓସ୍ମେ ଏବଂ ବିବିଏମ୍ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଓସ୍ମେର ସଭାପତି ସୁରଜ କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ବିବିଏମର ସଂପାଦକ ମନୋଜ କୁମାର ରାୟ ବାଣିଜ୍ୟ ମେଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହାପରେ ଓସ୍ମେର ଲେଡିଜ୍ ୱିଙ୍ଗ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯିବାପରେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା , ମୁଖ୍ୟ ବକ୍ତା ଭାବେ ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ,ସମ୍ମାନିତ ଅତିଥି ଭାବେ ଓଡିଶା ଅଲମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି, କଳିଙ୍ଗ ନଗର ଡିଆଇସିର ଆସିଷ୍ଟାଂଟ ମ୍ୟାନେଜର ନିରଞ୍ଜନ ନାୟକ, ଓସମେର ଉପ ସଭାପତି ରାଜେଶ ମିଶ୍ର, ବିବିଏମର ସଂଯୋଜକ କାଳନ୍ଦୀ ବାରିକ ପ୍ରମୁଖ ଯୋଗଦେଇ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟୀମାନେ ତ୍ୟାଗଭୂମି ଭଦ୍ରକବାସୀଙ୍କ ସ୍ନେହ, ସୌହାର୍ଦ୍ଦ୍ୟ ଓ ଆତିଥ୍ୟ ପାଇବାରେ ଜିଲାବାସୀଙ୍କ ସହଯୋଗ କାମନା କରିଥିଲେ । ଏବଂ ମେଳାର ଆୟୋଜକମାନଙ୍କ ଏଭଳି ସାଧୁ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ବିବିଏମର ପୃଷ୍ଠପୋଷକ ଶଶି ଶେଖର ବେହେରାଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ବିବିଏମର ଉପ ସଭାପତି ନମ୍ରତା ରାୟ ଧନ୍ୟବାଦ ଦେବାପରେ ଜିଲାର ବିଭିନ୍ନ ନୃତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ବେଶ୍ ମନଛୁଆଁ ହୋଇଥିଲା ।

## ବେତନଟୀ ବିଜେପିର ନୂତନ ମଣ୍ଡଳ କମିଟି ଗଠିତ

ବେତନଟୀ,୨୬/୧୨(ନି.ପ୍ର) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବିଜେପିର ନୂତନ ମଣ୍ଡଳ କମିଟି ଗଠିତ ହୋଇଛି । ରାଜ୍ୟ ସଭାପତି ମନମୋହନ ସାମଲ ଓ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅନୁମୋଦନ କ୍ରମେ ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ା ଗୁରୁବାର ନୂତନ ମଣ୍ଡଳ କମିଟି ଘୋଷଣା କରିଥିଲେ । ନୂତନ ଉପ ସଭାପତି ଭାବେ ନିରଞ୍ଜନ ମହାନ୍ତି, ଭାଗିରଥି ମିସ୍ତ୍ରୀ, ଅନନ୍ଦିତା ସାହୁ, ହିମାଂଶୁ କବାଟ, ମିନତୀ ଦାସ, ସୁଜାତା ମାଝୀ ପ୍ରମୁଖ ମନୋନୀତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ଚନ୍ଦ୍ରଶେଖର ବେରା, କ୍ଷିତିଶ ମହାନ୍ତ ସମ୍ପାଦକ ଭାବେ ସଞ୍ଜୟ ମଢୁଆଳ, ନିରୁପମା ମହାନ୍ତ, ସୁବ୍ରତ ବିନ୍ଧାଣୀ, ମିନତି ସିଂ, ସୁନନ୍ଦା ନାୟକ, ଶିବନାରାୟଣ ଘୋଷ ଏବଂ କୋଷାଧକ୍ଷ ଭାବେ କେଶବ ନାଥ ପ୍ରମୁଖଙ୍କ ନାମ ଘୋଷଣା କରାଯାଇଛି ।

## ଧାମରାରେ ଦୁଷ୍କର୍ମ ଘଟଣା: ଅଭିଯୁକ୍ତକୁ ହାଜତ ପଠାଗଲା

ଭଦ୍ରକ, ୨୬/୧୨ (ନି.ପ୍ର): ଏହି ଜିଲାର ଚାନ୍ଦବାଲି ନାବାଳିକା ଦୁଷ୍କର୍ମ କଥା ପରେ ଧାମରାରେ ଜଣେ ବାଳିକାକୁ ଜଣେ ପଡୋଶୀ ଭାଇ ଜୋର ଜବରଦସ୍ତ ଶାରିରୀକ ସମ୍ପର୍କ ରଖିବା ପରେ ଲୋକ ଲଜ୍ଜା ଭୟରେ ସଂପୃକ୍ତ ପିଡୀତା କନିଅର ମଞ୍ଜି ଖାଇ ଦେଇଥିଲେ । ପରେ ଏହି କଥା ଜଣା ପଡିବା ପରେ ୨୧ତାରିଖ ରାତିରେ ସଂପୃକ୍ତା ପିଡୀତା ଙ୍କ ଅବସ୍ଥା ସାଂଘାତିକ ହେବାରୁ ତାଙ୍କୁ କଟକ ନର୍ସିଂହୋମକୁ ଚିକିତ୍ସା ପାଇଁ ପଠା ଯାଇଥିଲା । ସଂପୃକ୍ତ ନାବାଳିକା ଜଣକ ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଗତକାଲି ରାତିରେ ସ୍ୱାସ୍ଥ୍ୟବସ୍ଥା ସ୍ତିର ହେବା ପରେ ସେ ଆଇସିୟୁରୁ ଜେନେରାଲ ଓାର୍ଡକୁ ଆସିଛନ୍ତି ବୋଲି ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁଙ୍କ ନିକଟରୁ ପ୍ରକାଶ । ଧାମରା ଥାନାଧିକାରୀ ଏହି ଘଟଣାରେ ଜ୍ଞାନରଞ୍ଜନ ପତିକୁ ଗିରଫ କରି ଥାନାରେ ରଖିଥିବା ବେଳେ ଆଜି ସଂପୃକ୍ତ ଆସାମୀକୁ କୋର୍ଟକୁ ପଠାଇଛନ୍ତି । ଅନ୍ୟ ପକ୍ଷରେ ଜ୍ଞାନରଞ୍ଜନ ପତିଙ୍କ ମା ସରସ୍ୱତୀ ପତି ନିଜେ ଏହାର ପ୍ରତିବାଦ କରିବା ସହ ତାଙ୍କ ପୁଅ ଏହି ଘଟଣାରେ ସଂପୃକ୍ତ ନାହିଁ ତାଙ୍କୁ ଜାଣିଶୁଣି ଫସାଇ ଦିଆଯାଇଛି ବୋଲି ପ୍ରତିକ୍ରିୟା ରଖିଛନ୍ତି ।

**AFFIDAVIT**

By virtue of affidavit sworn before Executive Magistrate Basta, Balasore I, Asatar Khan, aged 62 years, S/o- Abdul Khan, resident of Vill- Gadapada, P.o- Routpada, P.s.- Rupsa, Dist- Balasore-756028 state that my actual name is Asatar Khan, S/o- Abadul Khan according to my Aadhar No- 6548-7677-3106. In my PAN Card No- CLAPK2941R my name is mentioned as Asatar Khan, S/o- Abdul Khan. In my ROR Khata No- 135/145 of Mouza- Gadapada, P.S.- Basta, P.S. No- 147, Tahasil- Basta, Chaka No- 84/119, Plot No- 93/308 (Mandarasala) A1. 00decs. My name is mentioned as Abdul Satar Khan, S/o- Abdul Karim Khan. Asatar Khan, S/o- Abadul Khan, Asatar Khan, S/o- Abdul Khan and Abdul Satar Khan, S/o- Abdul Karim Khan are one and same person.

**Asatar Khan**

## ପିକନିକ ହେଲା କାଳ : ସୀତାକୁଣ୍ଡରେ ବୁଡି ଦୁଇଭାଇଙ୍କ ମୃତ୍ୟୁ



ବାରିପଦା , ୨୬/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶ୍ୟାମାଖୁଣ୍ଟା ବ୍ଲକ ଶିମିଳିପାଳ ପାଦ ଦେଶରେ ଥିବା ସୀତାକୁଣ୍ଡ ଜଳପ୍ରପାତରେ ଆଜି ପିକନିକ କରିବାକୁ ଆସି ଜଳପ୍ରପାତ ରେ ଗାଧୋଉଥିବା ବେଳେ ଦୁଇଭାଇ ବୁଡ଼ିଯାଇ ମୃତ୍ୟୁବରଣ କରିଥିବାର ଜଣାଯାଇଛି । ଘଟଣା ମୁତାବକ ଆଜି ସକାଳେ ଭଦ୍ରକ ଜିଲ୍ଲା ଅନ୍ଧେଇପାଲ୍ଲି ଅଞ୍ଚଳରୁ ୪ ଜଣ ସାଙ୍ଗ ସୀତାକୁଣ୍ଡକୁ ପିକନିକ ପାଇଁ ଆସିଥିଲେ । ତେବେ ପିକନିକ ସମୟରେ ସୀତାକୁଣ୍ଡ ଜଳପ୍ରପାତରେ ଗାଧୋଇବା ବେଳେ ପାଦ ଖସିଯିବା କାରଣରୁ ଦୁଇଜଣ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରିଛନ୍ତି । ମୃତକ ମାନେ ହେଲେ ଅନ୍ଧେଇପାଲ୍ଲି ଗ୍ରାମର ସତ୍ୟବ୍ରତ ନାୟକ(୨୩) ଓ ଅଭିଷେକ ନାୟକ (୧୭) । ଉଭୟ ଗୋଟିଏ ପରିବାରର ଦୁଇ ଭାଇ ବୋଲି ଜଣାପଡିଛି । ସତ୍ୟବ୍ରତ ଏମସିଏ ପଢୁଥିବା ବେଳେ ଅଭିଷେକ ଯୁକ୍ତଦୁଇ ବିଜ୍ଞାନ ଛାତ୍ର ଥିଲେ । ଦୁଇ ଭାଇଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତେବେ ଅଗ୍ନିଶମ ବିଭାଗର ଫାୟାର ମେନ ବାବୁଧର ବିନ୍ଧାଣିଙ୍କ କହିବା ଅନୁଯାୟୀ ଘଟଣା ସ୍ଥଳରେ ପହଞ୍ଚିବା ପରେ ପ୍ରଥମେ ଜଣଙ୍କର ମୃତଦେହକୁ ଉଦ୍ଧାର କରିଥିବା ବେଳେ ଅନ୍ୟଜଣଙ୍କୁ ଉଦ୍ଧାର କରିବା ପାଇଁ ୩ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା । ତେବେ ଉଦ୍ଧାର ପରେ ଉଭୟଙ୍କ ମୃତଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପୋଷ୍ଟ ମୋର୍ଟମ ପାଇଁ ଆଣାଯାଇଛି । ଘଟଣା ସ୍ଥଳରେ ବାରିପଦା ସଦର ଥାନା ପୋଲିସ ମଧ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି । ଶବ ବ୍ୟେବଚ୍ଛେଦ୍ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି ।

## ଲଙ୍ଗଳେଶ୍ୱରଠାରେ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ପାଳିତ




ବାଲିଆପାଳ, ୨୬/୧୨ (ନି.ପ୍ର): ବସ୍ତା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ ଲଙ୍ଗଳେଶ୍ୱର ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ବସ୍ତାର ବିଧାୟିକା ସୁବାସିନୀ ଜେନା କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ଅଭିଭାଷଣରେ ବସ୍ତା ଓ ବାଲିଆପାଳ ଅଞ୍ଚଳର ଲୋକଙ୍କ ଦ୍ୱାରା ସେ ଆଜି ବିଧାନସଭାରେ ପ୍ରତିନିଧିତ୍ୱ କରିପାରିଛନ୍ତି ତେଣୁ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ବସ୍ତା ବାଲିଆପାଳ ଲୋକଙ୍କ ସେବାରେ ବ୍ରତୀ ରହିବି ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଆଗାମୀ ଦିନରେ ବସ୍ତା ବାଲିଆପାଳର ଜନସାଧାରଣଙ୍କ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ବାଲିଆପାଳ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡ଼ି ଉପ ସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ, ବରିଷ୍ଠ ବିଜେଡି ନେତା ଚକ୍ରଧର ଗିରି, ଭଗବାନ ଗିରି, ଲକ୍ଷ୍ମୀଧର ଦାସ, ଶରତ ପ୍ରଧାନ, ପ୍ରଦୀପ ବିଶ୍ୱାଳ, ସୁବ୍ରତ ପଣ୍ଡା, ଅଜୟ ସାମଲ, ମହେଶ୍ୱର ଜେନା, ଦେବ ଦେ, ମହାଦେବ ଦାସ, ଅଜୟ ପାତ୍ର, ମୃତ୍ୟୁଞ୍ଜୟ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ବସ୍ତା ବ୍ଲକ ମହିଳା ବିଜେଡ଼ି ସଭାପତି ଲିପିକା ରାଉଳ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ବିଜୁ ଜନତା ଦଳର ସଂଗଠନକୁ କିପରି ଆହୁରି ସୁଦୃଢ଼ କରାଯାଇ ପାରିବ ସେ ନେଇ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବସ୍ତା ଓ ବାଲିଆପାଳ ବ୍ଲକ ସମସ୍ତ ପଞ୍ଚାୟତର ବହୁ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଓ ସକ୍ରିୟ କାର୍ଯ୍ୟକର୍ତ୍ତା ମାନେ ଯୋଗଦେଇଥିଲେ । ଆଜିର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଆରମ୍ଭରୁ ବଣିଆଡିହା ପଞ୍ଚାୟତର ଆଦିବାସୀ ସାହିରେ ବିଧାୟିକା ସୁବାସିନୀ ଜେନା ପହଞ୍ଚି ସେଠାର ବାସିନ୍ଦା ମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ ।

## ପଣ୍ଡିତ ବିନାୟକ ତ୍ରିପାଠୀଙ୍କ ପରଲୋକ

ନୀଳଗିରି , ୨୬/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଅଯୋଧ୍ୟା ପଞ୍ଚାୟତ ବାଲିପାଳ ଶାସନର ପ୍ରତିଷ୍ଠିତ ବୈଦିକଶାସ୍ତ୍ରୀ, ସାହିତ୍ୟାଚାର୍ଯ୍ୟ ପଣ୍ଡିତ ବିନାୟକ ତ୍ରିପାଠୀଙ୍କ ୯୮ବର୍ଷ ବୟସରେ ବାର୍ଦ୍ଧକ୍ୟଜନିତ କାରଣରୁ ଗତ ୨୪ତାରିଖ ବୁଧବାର ପରଲୋକ ହୋଇଯାଇଛି । ୧୯୨୮ମସିହା ଅଗଷ୍ଟ ୮ତାରିଖ ଜନ୍ମଗ୍ରହଣ କରି ପ୍ରାପ୍ତ ବୟସରେ ଶିକ୍ଷକତା ଜୀବନ ଆପଣେଇ ନେଇଥିଲେ । ପ୍ରଥମେ ମୟୂରଭଞ୍ଜ ଜିଲ୍ଲା କୁଆମାରା ହାଇସ୍କୁଲରେ ଶିକ୍ଷକଜୀବନ ଆରମ୍ଭକରି ପରେ ବାଲେଶ୍ୱର ଜିଲ୍ଲାସ୍କୁଲ, ଔପଦା ହାଇସ୍କୁଲ, ଶୁଳୁକି ହାଇସ୍କୁଲ, ଏବଂ ଶେଷରେ ନୀଳଗିରି କୈଳାସଚନ୍ଦ୍ର ହାଇସ୍କୁଲରେ ଦୀର୍ଘବର୍ଷ ଶିକ୍ଷକତା କରି ୧୯୮୮ମସିହାରେ ଅବସରଗ୍ରହଣ କରିଥିଲେ । ସଂସ୍କୃତ, ଇଂରାଜୀ, ସାହିତ୍ୟରେ ଅଗାଢ ପାଣ୍ଡିତ୍ୟଅର୍ଜନ କରିଥିବାରୁ ଏସମସ୍ତ ବିଷୟରେ ପିଲାମାନଙ୍କୁ ଉତ୍ତମ ଶିକ୍ଷାଦାନ ସହିତ ଅନୁଶାସନ ମାଧ୍ୟମରେ ପିଲାମାନଙ୍କର ପ୍ରିୟଭାଜନ ହୋଇପାରିଥିଲେ । ମୃତ୍ୟୁଶଯ୍ୟା ନିକଟରେ ପୁଅ ବିଭୂତି ଭୂଷଣ, ବଟକୃଷ୍ଣ, ନାତି କ୍ଷତିସ, ମନୋଜ, ବିଭାସ ,ବିକାଶ, ପୀୟୂଷ, ବ୍ରଜେଶଙ୍କ ସହିତ ନାତି ନାତୁଣୀ ଏବଂ ଚାରିଝିଅ ଉପସ୍ଥିତ ଥିଲେ । ଖବରପାଇ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida